ବର୍ଷ-୨୪, ସଂଖ୍ୟା-୧୫୬
ଭୁବନେଶ୍ୱର
୦୪ ଜୁନ୍, ୨୦୨ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 156
Bhubaneswar
04 July, 2024, Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

# ମହାଭାରତ

Mahabharat

## ଜଷ୍ଟିସ ବି.ଆର. ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୩।୭(ଏଜେନ୍ସି): ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଡ. ବି.ଆର. ଷଡ଼ଙ୍ଗୀଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ



ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ଗତ ବର୍ଷ ଡିସେମ୍ବର ୨୭ରେ ସୁପ୍ରିମକୋର୍ଟ କଲେଜିୟମ ଦ୍ୱାରା କରାଯାଇଥିବା ଏକ ସୁପାରିଶ ଆଧାରରେ ଏହି ନିଯୁକ୍ତି ଦିଆଯାଇଛି।ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହା ନିଶ୍ଚିତ କରିଛନ୍ତି।

ଜଷ୍ଟିସ ଷଡ଼ଙ୍ଗୀ ୧୯୮୫ରେ ଆଇନଜୀବୀ ଭାବରେ କାର୍ଯ୍ୟ ଆରମ୍ଭ କରି ଓଡ଼ିଶା ହାଇକୋର୍ଟ ତଥା ସୁପ୍ରିମକୋର୍ଟରେ ବହୁ ମାମଲାର ନେତୃତ୍ୱ ନେଇଥିଲେ। ସେ ୨୦ ଜୁନ୍ ୨୦୧୩ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ।

ଓଡ଼ିଶା ହାଇକୋର୍ଟର ୱେବସାଇଟ୍ ଅନୁଯାୟୀ , ଜଜ୍ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଷଡ଼ଙ୍ଗୀ ୧,୫୨,୦୦୦ ରୁ ଅଧିକ ମାମଲାର ସମାଧାନ କରିଛନ୍ତି ଏବଂ ପ୍ରାୟ ୧,୫୦୦ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଦେଇଛନ୍ତି। ଶୁଣାଣି କରିଛନ୍ତି।

## ଗରିବୀ ଦୂରିକରଣରେ ଆଗାମୀ ୫ ବର୍ଷ ନିର୍ଣ୍ଣାୟକ ହେବ

ନୂଆଦିଲ୍ଲୀ,୩।୭(ମହାଭାରତ): ଗତକାଲି ଲୋକସଭା ପରେ ଆଜି ରାଜ୍ୟସଭାରେ ନିଜର ବକ୍ତବ୍ୟ ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଷ୍ଟ୍ରପତିଙ୍କ ଭାଷଣରେ ଧନ୍ୟବାଦ ଦେବା ଅବସରରେ ପ୍ରଧାନମନ୍ତ୍ରୀ ନିଜର ବକ୍ତବ୍ୟ ରଖିଛନ୍ତି। ଏହି ସମୟରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ଉଠାଇଛନ୍ତି ପ୍ରଧାନମନ୍ତ୍ରୀ।

ଏଥର ନିର୍ବାଚନକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଜନତା ଆମକୁ ଆଶୀର୍ବାଦ ଦେଇଛନ୍ତି। ସେମାନେ ନିଜର ବୁଦ୍ଧି ଓ ବିବେକ ଖଟାଇ ସରକାର ଚୟନ କରିଛନ୍ତି। ଧର୍ମ ରାଜନୀତି ଛାଡ଼ି ଭରସାର ରାଜନୀତିରେ ବିଜୟର ମୋହର ଲଗାଇଛନ୍ତି ଜନତା।

ଦେଶର ଗରିବୀ ଦୂରିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ୫ ବର୍ଷ ଗରିବୀ ଦୂରିକରଣ କ୍ଷେତ୍ରରେ ନିର୍ଣ୍ଣାୟକ ଲଢ଼େଇ ହେବ।



ଗରିବୀ ମୂଳୋତ୍ପାଟନ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିବ। ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ବିଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ଦଳର ନିର୍ବାଚନୀ ଫଳାଫଳକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ୬୦ ବର୍ଷ ପରେ ବିଜେପି ତୃତୀୟ ଥର ପାଇଁ ସରକାର ଗଢିଛି। ସରକାର ୧୦ ବର୍ଷ ପୂର୍ଣ୍ଣ କଲା, ଆଗକୁ ଆହୁରି ୨୦ ବର୍ଷ ଯିବାର ଅଛି। ମୋ ଭଳି ଲୋକଙ୍କୁ ସଂସଦରେ ପହଞ୍ଚିବାର ସୁଯୋଗ ମିଳିଛି। ଏହା କେବଳ ବାବା ସାହେବ ଆମ୍ବେଦକରଙ୍କ ପାଇଁ ସମ୍ଭବ ହୋଇ ପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ସମୟରେ ବିରୋଧୀ ନାରାବାଜି କରିବା ସହ ବିଭିନ୍ନ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତାଙ୍କୁ କହିବାକୁ ଦିଅ କହିଥିଲେ। ତଥାପି ପ୍ରଧାନମନ୍ତ୍ରୀ ନିଜର ବକ୍ତବ୍ୟ ଜାରି ରଖିଥିଲେ। ଏହାପରେ ବିରୋଧୀ ଦଳ ସାଂସଦମାନେ ବିଭିନ୍ନ ସ୍ଲୋଗାନ ଦେଇ କକ୍ଷତ୍ୟାଗ କରିଥିଲେ। ବିଜେଡି ସାଂସଦମାନେ ମଧ୍ୟ କକ୍ଷତ୍ୟାଗ କରିଥିବା ଦେଖିବାକୁ ମିଳିଥି।

ଏହାକୁ ନେଇ ପ୍ରଧାନମନ୍ତ୍ରୀ ଶାଣିତ ଢଙ୍ଗରେ କହିଥିଲେ, ସେମାନେ(ବିରୋଧୀ) ପଚାରିଥିବା ପ୍ରଶ୍ନର ଜବାବ ଶୁଣିପାରିବେନି, କେବଳ ପଳାୟନ କରିବେ। ସମଗ୍ର ଦେଶ ଦେଖୁଛି, ଯେଉଁମାନେ ମିଥ୍ୟା ପ୍ରଚାର କରୁଛନ୍ତି ସେମାନଙ୍କ ପାଖରେ ସତ୍ୟ ଶୁଣିବାର ଶକ୍ତି ନାହିଁ। ସେମାନେ ଉପର ଗୃହ(ରାଜ୍ୟସଭା)କୁ ଅପମାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଜ୍ୱରରୁ ସୁସ୍ଥ ହେଲେ ମହାପ୍ରଭୁ

ପୁରୀ,୩।୭(ମହାଭାରତ): ଜ୍ୱରରୁ ସୁସ୍ଥ ହେଲେ ମହାପ୍ରଭୁ, ଏନେଇ ଗଜପତି ମହାରାଜଙ୍କୁ ଖବର ଜଣାଇଲେ ସେବାୟତ। ମହାପ୍ରଭୁଙ୍କ ସୁସ୍ଥ ଖବର ନେଇ



ରାଜପ୍ରାସାଦରେ ପହଞ୍ଚି ଗଜପତି ମହାରାଜଙ୍କୁ ସୂଚିତ କରିଛନ୍ତି ସେବାୟତ। ଆଜି ଶ୍ରୀଜିଉଙ୍କ ଅନବସର ଦ୍ୱାଦଶୀ। ଏହି ଅବସରରେ ଚାଲିଛି ରାଜପ୍ରାସାଦ ବିଜେ ନୀତିୟ ଗୁପ୍ତ ଉପଚାର ପରେ ଜ୍ୱରରେ ପୀଡ଼ିତ ଶ୍ରୀଜିଉ ଏବେ ସମ୍ପୂର୍ଣ୍ଣ ସୁସ୍ଥ।

ମହାପ୍ରଭୁ ନବଯୌବନ ପ୍ରାପ୍ତି ପୂର୍ବରୁ ଅଣସର ପିଣ୍ଡିରେ ଚାଲିଥିଲା ଗୋପନ ସେବ। ଗତକାଲି ମହାପ୍ରଭୁଙ୍କ ଅଣସର ନୀତି ଚକା ଉପରେ ସଂପନ୍ନ ହୋଇଥିଲା। ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ନୀତି ଅନୁଷ୍ଠିତ ହୋଇଯାଇଛି। ଚକା ଉପରେ ବିଜେ ଅବସ୍ଥାରେ ମହାପ୍ରଭୁ ରକ୍ତବସ୍ତ୍ର(ଗାଢ ନାଲି ରଙ୍ଗର ପାଟବସ୍ତ୍ର) ପରିଧାନ କରିଛନ୍ତି। ଆଜି ବିଳମ୍ବିତ ରାତିରେ ଏସବୁ ନୀତି ସଂପନ୍ନ ପରେ ଅସୁସ୍ଥ ମହାପ୍ରଭୁ ସୁସ୍ଥ ଅନୁଭବ କରୁଛନ୍ତି। ମହାପ୍ରଭୁଙ୍କ ପସନ୍ଦର ତୁଳସୀ ବି ଶ୍ରୀଅଙ୍ଗରେ ଲାଗି ହୋଇଛି।

## ନିଲମ୍ବିତ ହେଲେ ୩ ପୁଲିସ କର୍ମଚାରୀ

ନୟାଗଡ,୩।୭(ମହାଭାରତ):: ଡ୍ୟୁଟିରେ ଖିଲାପ ନେଇ ୩ ଜଣଙ୍କୁ ସସପେଣ୍ଡ କରିଛନ୍ତି ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ। ନିଲମ୍ବିତ ତିନି କର୍ମଚାରୀ ହେଲେ ଏସ୍‌ଆଇ ହସିନା ପ୍ରଧାନ, ଏଏସ୍‌ଆଇ ରାଜେଶ୍ୱରୀ ନାୟକ ଏବଂ କନେଷ୍ଟବଳ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ୟ ଅଭିଯୋଗକାରୀଙ୍କ ଅଭିଯୋଗ ଗ୍ରହଣ ନକରିବା ମାମଲାରେ ଏମାନଙ୍କୁ ନିଲମ୍ବିତ କରାଯାଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଗତ ସୋମବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲ୍ଲା ଗୋଳଗୋଳା ଗାଁରେ ବଡ଼ ଧରଣର ସିରିଜ ଚୋରି ହୋଇଥିଲା। ପ୍ରାୟ ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କା ଚୋରି ଅଭିଯୋଗ ନେଇ ରାତାରାତି ଥାନାକୁ ଆସିଥିଲେ ଅଭିଯୋଗକାରୀ। ତୁରନ୍ତ ତାଙ୍କୁ ପୁଲିସ ସେବା ଯୋଗାଇ ଦେବା ପରିବର୍ତ୍ତେ ସକାଳେ ଆସ କହି ଏହି ୩ ପୁଲିସ କର୍ମଚାରୀ ତଡ଼ି ଦେଇଥିଲେ।

## 'ମୋ' ବସର ନାମ ବଦଳି ହୋଇପାରେ 'ଆମ' ବସ୍

ଭୁବନେଶ୍ୱର, ୩।୭(ମହାଭାରତ):'ମୋ' ବସର ନାମ ବଦଳି ହୋଇପାରେ 'ଆମ' ବସ୍। ଯଦି ଆବଶ୍ୟକ ହୁଏ ତେବେ ଏହା ଉପରେ ଆଲୋଚନା ହେବ । ଏହା କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ଆଜି ମୋ ବସରେ ଡ ମହାପାତ୍ର ଯାତ୍ରା କରିଥିଲେ । ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, 'ମୋ'ର ଅର୍ଥ ହେଉଛି ଅହଂ ଭାବ, ତେଣୁ ଆମେ ହେଲେ ଭଲ ହେବ। 'ମୋ' ବସ ସେବା ଲୋକମାନଙ୍କୁ ସୁବିଧା ଯୋଗାଉଥିବା ବେଳେ ଏହା ଚାଲୁ ରହିବ। ଆବଶ୍ୟକ ପଡ଼ିଲେ ବସ୍ ସଂଖ୍ୟା ବଢାଯିବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ମୋ' ବସ୍‌ର ନାମ ଓ ରଙ୍ଗ ବଦଳିବ। ଭୁବନେଶ୍ୱର ଓ କଟକ ପାଇଁଆହୁରି ୧୦ ଲେଖାଏଁ ବସ୍ ଅଣାଯିବ। ସେ କହିଛନ୍ତି, ଆଗକୁ ପ୍ରଧାନମନ୍ତ୍ରୀ ଇ-ବସ ଯୋଜନାରେ ଓଡ଼ିଶାକୁ ୪୦୦ ବସ୍ ଆସିବାକୁ ଥିବା ବେଳେ ଭୁବନେଶ୍ୱର, କଟକ ସମେତ ରାଜ୍ୟର ଅନ୍ୟାନ ସ୍ଥାନରେ ମଧ ଏହି ବସ୍ ଚଳାଚଳ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଆଜି ସକାଳେ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମାଷ୍ଟରକ୍ୟାଣ୍ଟିନ ଠାରୁ ଗାଡ଼କଣ ପର୍ଯ୍ୟନ୍ତ 'ମୋ' ବସରେ ଯାତ୍ରା କରିବା ସହ ଯାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ ।

## ମନ୍ତ୍ରୀମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ବୈଠକ

ଭୁବନେଶ୍ୱର,3û7(cjûbûeZ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ମନ୍ତ୍ରିମଣ୍ଡଳଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଶହେ ଦିନର ରୋଡମ୍ୟାପ ଦେଇଛନ୍ତି। ଦିଲ୍ଲୀରୁ ଆଣିଥିବା ବାର୍ତ୍ତା ମନ୍ତ୍ରୀଙ୍କ ପାଖରେ ପହଞ୍ଚାଇଛନ୍ତି। ଏହାଛଡା ଲୋକଙ୍କ ପାଖରେ ପଂହଚିବା ପାଇଁ ବି ପରାମର୍ଶ ଦେଇଛନ୍ତି। ମୋଟ ଉପରେ ଆଜିର ବୈଠକରେ ଶହେ ଦିନର ଖସଡା ପ୍ରସ୍ତୁତ ହୋଇଛି।

ଆଜିର ବୈଠକରେ ମୁଖ୍ୟମନ୍ତ୍ରୀ ୧୦୦ ଦିନର ରୋଡମ୍ୟାପ ଦେଇଛନ୍ତି। ମନ୍ତ୍ରୀଙ୍କୁ ନିଜ ନିଜ ବିଭାଗର ରିପୋର୍ଟ ମାଗିଛନ୍ତି। ଦିଲ୍ଲୀରୁ ଆଣିଥିବା ବାର୍ତ୍ତା ପହଞ୍ଚାଇଛନ୍ତି। ଲୋକ-ସରକାର ଭିତରେ ଥିବା ପାଚେରୀକୁ ଭାଙ୍ଗି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପରାମର୍ଶ ଦେଇଛନ୍ତି। ସମୀକ୍ଷା ପରେ ନିଜ ନିଜ ବିଭାଗର କାମକୁ ଆଗକୁ ବଢାଇବାକୁ କହିଛନ୍ତି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର କରିବା ପରେ ମୁଖମନ୍ତ୍ରୀ ମୋହନ ମାଝୀ ୩ ଦିନିଆ ଗସ୍ତରେ ଦିଲ୍ଲୀ ଯାଇଥିଲେ। ଏହି ଗସ୍ତରେ ୨ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଥିଲେ। ଗସ୍ତ ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଜ୍ପେି ନଡ୍ଡା, ଧର୍ମେନ୍ଦ୍ର ପ୍ରଧାନ




ଭଳି ବିଜେପିର ତୁଙ୍ଗନେତାଙ୍କୁ ଭେଟି ଶାସନ ସମ୍ପର୍କରେ ଗୁରୁମନ୍ତ୍ର ଆଣିଥିଲେ। ଆଉ ଏହାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି।

ମନ୍ତ୍ରୀମଣ୍ଡଳରେ ଅନେକ ନୂଆ ଚେହେରା ଥିବାରୁ ମନ୍ତ୍ରୀ ଯେଉଁଳି ପ୍ରଭାବଶାଳୀ ଢଙ୍ଗରେ କାମ କରିବେ ତା ଉପରେ ଗୁରୁତ୍ୱ ଦେଇଛନ୍ତି ମୋହନ ମାଝି। ବିଶେଷକରି ତୃଣମୂଳସ୍ତରରେ ଯୋଜନା ପଂହଚିବା ଉପରେ ମୁଖ୍ୟମନ୍ତ୍ରୀ ଫୋକସ କରିଥିବା ଚର୍ଚ୍ଚା ହେଉଛି। ନୂଆ ସରକାର ଶପଥ ନେବାର ମାତ୍ର ୩ ସପ୍ତାହ ହୋଇଛି। ଆଉ ନୂଆ ମନ୍ତ୍ରୀ ନିଜ ନିଜ ବିଭାଗର ସମୀକ୍ଷା କରି ତଥ୍ୟ ନେଇଛନ୍ତି। ଏବେ ଆଗକୁ ବିଜେପି ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବାକୁ ବଡ ନିଷ୍ପତ୍ତି ନିଆଯିବା ସମ୍ଭାବନା ରହିଛି।

## ଭୋଲେ ବାବାଙ୍କ ବିରୋଧରେ ଲାଗିସାରିଛି ଯୌନ ଶୋଷଣର ଆରୋପ

ନୂଆଦିଲ୍ଲୀ,୩।୭(ଏଜେନ୍ସି): ଉତ୍ତରପ୍ରଦେଶର ହାଥରସରେ ଏକ ସତସଙ୍ଗ ସମୟରେ ୧୨୧ଜଣଙ୍କର ମୃତ୍ୟୁ ଘଟିଛି। ଏହି ସତସଙ୍ଗ ବାବା ନାରାୟଣ ସାକାର ବିଶ୍ୱ ହରି ଓରଫ ଭୋଲେ ବାବାଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା। ଦୁର୍ଘଟଣା ପରେ ବାବା ଫେରାର ଥିବା ଜଣାପଡ଼ିଛି। ପୁଲିସ ଏବେ ତାଙ୍କ ସନ୍ଧାନରେ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି।

ସେ ଯାହାବି ହେଉ, ସତସଙ୍ଗର ଆୟୋଜନ କରିଥିବା ଆତ୍ମଘୋଷିତ ଭୋଲେ ବାବାଙ୍କ ଚରିତ୍ରକୁ ନେଇ ଚକିତ କରିଦେବା ଭଳି ଖବର ସାମ୍ନାକୁ ଆସିଛି। ଉକ୍ତ ବାବାଙ୍କ ନାଁରେ ଯୌନ ନିର୍ଯାତନା ଭଳି ସଙ୍ଗୀନ ଅଭିଯୋଗ ସହ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ଜଣାପଡିଛି।ସୂଚନା ଅନୁସାରେ, ସୁରଜ ପାଲ ଓରଫ୍ ଭୋଲେ ବାବାଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ରହିଛିୟ ଏଥିସହ ଆଗ୍ରା, ଏଟାୱା, କାସଗଞ୍ଜ, ଫାରୁଖବାଦ୍ ଏବଂ ରାଜସ୍ଥାନ ସମେତ ବିଭିନ୍ନ ପ୍ରାଧିକରଣରେ ତାଙ୍କ ବିରୋଧରେ ଏକାଧିକ ମାମଲା ଦାଖଲ



ହୋଇଥିଲା।

ତେବେ ବାବା ହେବା ପୂର୍ବରୁ, ଏହି ଭୋଲେ ବାବା ଉତ୍ତରପ୍ରଦେଶ ପୁଲିସରେ ଜଣେ କନଷ୍ଟେବଳ ଥିଲେ। ଯୌନ ଶୋଷଣର ଆରୋପ ଲାଗିବା ପରେ ତାଙ୍କୁ ପୁଲିସ୍ ଚାକିରିରୁ ବରଖାସ୍ତ କରାଯାଇଥିଲା। ହେଲେ ସେ ନିଜ ଭକ୍ତମାନଙ୍କ ଆଗରେ ଦାବି କରୁଥିଲେ ଯେ ସେ ସ୍ୱଇଚ୍ଛାରେ ଚାକିରିରୁ ଇସ୍ତଫା ଦେଇଥିଲେ।

ସୂଚନା ମୁତାବକ, ଭୋଲେ ବାବାଙ୍କ ଅସଲ ନାମ ସୁରଜପାଲ ସିଂହ। ସେ କାସଗଞ୍ଜ ଜିଲ୍ଲାରେ ଥିବା ବାହାଦୂର ନଗର ଗାଁର ବାସିନ୍ଦା। ଏକ ଦଳିତ ପରିବାରରେ ଜନ୍ମଗ୍ରହଣ କରିଥିବା ୫୮ବର୍ଷିୟ ସୁରଜପାଲ ସିଂଙ୍କର ତିନି ଭାଇ ଥିଲେ। ତାଙ୍କର ବଡ ଭାଇଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ତାଙ୍କ ସାନଭାଇ ରାକେଶ ଏବେ ମଧ ଗାଁରେ ରୁହନ୍ତି ଏବଂ ଚାଷ କରନ୍ତି। ତେବେ ମଙ୍ଗଳବାର ଦଳଚକଟା ଘଟଣାରେ ୧୨୧ଜଣକ ମୃତ୍ୟୁ ହୋଇଥିବା ବେଳେ ଏବେ ବାବାଙ୍କ ପୁରୁଣା ଇତିହାସ ସାମ୍ନାକୁ ଆସିଛି। ଉତ୍ତରପ୍ରଦେଶର ପୂର୍ବତନ ପୁଲିସ ମୁଖ୍ୟ (ଡିଜିପି) ପ୍ରକାଶ ସିଂ ଏନଡିଟିଭିକୁ ସାକ୍ଷାତକାର ଦେଇ କହିଛନ୍ତି ଯେ, ବାବାଙ୍କ ବିରୋଧରେ ୫-୬ଟି ମାମଲା ରୁଜୁ ହୋଇଛି। ଏଥିରେ ଯୌନ ଶୋଷଣ ମାମଲା ବି ରହିଛି। ଏବେ ଏଭଳି ଘଟଣା ଘଟିବା ପରେ ତାଙ୍କ ଅତୀତକୁ ନେଇ ଅଧିକ ଯାଞ୍ଚ ହେବା ଜରୁରୀ।

## ଏସ୍‌ଆଇଙ୍କୁ ମାଡ଼ିବସିଲା ଭିଜିଲାନ୍ସ

ଯାଜପୁର,୩।୭(ମହାଭାରତ):: ଭିଜିଲାନ୍ସ ଜାଲରେ ଫସିଗଲେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଏସ୍‌ଆଇ କେଶବ ଚନ୍ଦ୍ର ଦାସ। ପୋଷ୍ଟମର୍ଟମ ରିପୋର୍ଟରେ ହେରଫେର ପାଇଁ ଶ୍ରୀ ଦାସ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା



ବେଳେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ଆଜି ଅପରାହ୍ଣରେ ମାଡ଼ି ବସିଛନ୍ତି। ଶ୍ରୀ ଦାସ ବିଞ୍ଝାରପୁରସ୍ଥିତ ସରକାରୀ କ୍ୱାଟରରେ ଲାଞ୍ଚ ନେଉଥିଲେ।

ସୂଚନା ଅନୁସାର ଏକ ଦୁର୍ଘଟଣା ଜନିତ ମୃତ୍ୟୁ ଘଟଣାରେ ମେଡିକାଲ କାଗଜପତ୍ର ଓ ପୋଷ୍ଟମଟମ ରିପୋର୍ଟରେ ହେରଫେର ପାଇଁ ଶ୍ରୀ ଦାସ ଅଭିଯୋଗକାରୀଙ୍କୁ ୫ ହଜାର ଟଙ୍କା ମାଗିଥିଲେ। ଏନେଇ ଅଭିଯୋଗ କାରି ଭିଜିଲାନ୍ସକୁ ଅବଗତ କରିଥିଲେ। ଯୋଜନା ଅନୁସାରେ ଆଜି ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ଡେପୁଟି ସୁପରିଟେଣ୍ଡ ସୁଶୀଲ ଏକ୍କାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଘଟଣାସ୍ଥଳରୁ ଏସ୍‌ଆଇ କେଶବ ଚନ୍ଦ୍ର ଦାସଙ୍କୁ ଗିରଫ କରି ନିଜ ହେପାଜତକୁ ନେଇଛି। ଅନ୍ୟପଟେ କଟକ ଜଗତପୁରର ପୈତୃକ ବାସଭବନରେ ମଧ୍ୟ ଚଢ଼ାଉ ଚାଲିଛି। ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛନ୍ତି।

## 'ସୁଭଦ୍ରା ଯୋଜନାକୁ ନେଇ କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ'

ଭୁବନେଶ୍ୱର, ୩।୭(ମହାଭାରତ): ସୁଭଦ୍ରା ଯୋଜନାକୁ ନେଇ କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡା । ସେ କହିଛନ୍ତି ଯେ, ମୁଁ ପୂର୍ବରୁ କହିଥିଲି ୧୦୦ ଦିନ ମଧ୍ୟରେ ସୁଭଦ୍ରା ଯୋଜନା ଉପରେ ନିଷ୍ପତ୍ତି ନିଆଯିବ । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସରକାରଙ୍କ ତରଫରୁ ନୋଟିଫିକେସନ ବାହାରିନି. କୌଣସି ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ।

## ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କ ପରଲୋକ

ଭୁବନେଶ୍ୱର/ମାଲକାନଗିରି,୩।୭(ମହାଭାରତ): ମାଲକାନଗିରିର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀ ଆଉ ନାହାନ୍ତି। ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ୫୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି।



ସୂଚନା ଅନୁସାରେ ଆଦିତ୍ୟ ମାଢ଼ୀଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯୋଗୁଁ ଏକ ବର୍ଷ ହେଲା ଅସୁସ୍ଥ ଥିଲେ। ନିକଟରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ସୂଚନାଯୋଗ୍ୟ, ଭାରତୀୟ ଜନତା ପାର୍ଟି (ବିଜେପି) ଟିକେଟରେ ଆଦିତ୍ୟ ମାଢ଼ୀ ଷୋଡ଼ଶ ବିଧାନସଭାକୁ ୨୦୧୪ରେ ନିର୍ବାଚିତ ହୋଇଥିଲେ। ସ୍ୱର୍ଗତ ପଦ୍ମଚରଣ ମାଢ଼ୀଙ୍କ ପୁଅ ଆଦିତ୍ୟ ମାଢ଼ୀ ମାଲକାନଗିରି ଜିଲ୍ଲା ପଡ଼ିଆ। ଥାନା ବାପାନପାଲ୍ଲୀ ନିକଟ ରୋଦାନପାଲି ଗାଁରେ ୧୯୭୪ ମସିହା ଜୁଲାଇ ୨୨ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ନନ୍ଦିନୀ ମାଢ଼ୀଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ୨ ଜଣ ଝିଅ ଅଛନ୍ତି। ବିଧାୟକ ହେବା ପୂର୍ବରୁ ସେ ଚାଷ କାମ ସହ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଥିଲେ। ସାଧାରଣ ଜନତାଙ୍କ ନିକଟକୁ ଯାଇ ସେମାନଙ୍କର ସମସ୍ୟା ସଂପର୍କରେ ଅବଗତ ହେବାକୁ ଭଲ ପାଉଥିଲେ।

## ତହସିଲଦାରଙ୍କ ଘରେ ଭିଜିଲାନ୍ସ

### ଲାଞ୍ଚ ମାଗିବା ପଡ଼ିଲା ମହଙ୍ଗା

ନୟାଗଡ଼,୩।୭: ଲାଞ୍ଚ ମାଗିବା ପଡ଼ିଲା ମହଙ୍ଗାୟ ଭିଜିଲାନ୍ସ ଜାଲରେ ଫସିଲେ ତହସିଲଦାର। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକଙ୍କ ଘରେ ରେଡ୍ ହୋଇଛି। ଭାପୁର ଓ ଭୁବନେଶ୍ୱର ସ୍ଥିତ ବାସଭବନରେ ଏକକାଳୀନ ଚାଉ କରିଛି ଭିଜିଲାନ୍ସ ଟିମ୍।

ତହସିଲ ଅଫିସର ଜଣେ କର୍ମଚାରୀଙ୍କୁ ଗିରଫ ପରେ ରେଡ୍ ଚାଲିଛି। ବାଲି ବୋଝେଇ ଟ୍ରକକୁ ଛାଡିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ତହସିଲ କର୍ମଚାରୀ ଧରାପଡ଼ିଥିଲେ। ସେ ତହସିଲଦାରଙ୍କ ନାଁ କହିବା ପରେ ଧୋବେଇ ନାୟକଙ୍କ ଘରେ ପଞ୍ଚା ମାରିଛି ଭିଜିଲାନ୍ସ।

ସୂଚନା ମୁତାବକ, ନୟାଗଡ ଜିଲ୍ଲା ସିଦ୍ଧାମୁଳା ନିକଟ ମହାନଦୀରୁ ବାଲି ବୋଝେଇ କରି ଚନ୍ଦନ ଜେନାଙ୍କ ହାଇୱା ଗାଡି ଯାଉଥିବା ବେଳେ ଏହାକୁ ଖଣ୍ଡପଡା ତହସିଲଦାର ଧୋବେଇ ନାୟକ ଅଟକ ରଖିଥିଲେକ୍ଷ ଗାଡି ଛାଡିବା ପାଇଁ ତହସିଲଦାର ଗାଡିମାଲିକଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ।

ଗତ କାଲି ବିଳମ୍ବିତ ରାତିରେ ଦଲାଲ୍ ପ୍ରସନ୍ନ ସାହୁଙ୍କ ମାଧ୍ୟମରେ ଗାଡିମାଲିକଙ୍କ ଠାରୁ ଟଙ୍କା ନେଉଥିବାବେଳେ ନୟାଗଡ ଭିଜିଲାନ୍ସ ଟିମ୍ ପ୍ରସନ୍ନଙ୍କୁ ଧରିଥିଲା। ପ୍ରସନ୍ନ ତହସିଲଦାରଙ୍କ ପାଇଁ ଟଙ୍କା ନେଉଥିବା ସ୍ୱୀକାର କରିବାପରେ ଭିଜିଲାନ୍ସ ଟିମ୍ ଧୋବେଇ ନାୟକଙ୍କ ଘରେ ରେଡ୍ କରିଛି। ଚଢାଉରେ ନୟାଗଡ ଏବଂ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ସାମିଲ୍ ଅଛନ୍ତି।

## ବାପାଙ୍କୁ ଛୁରୀ ଭୁସିଦେଲା ପ୍ରଫେସର ପୁଅ

ଭୁବନେଶ୍ୱର,୩।୭(ମହାଭାରତ): ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ରଙ୍ଗମାଟିଆର ଏକ ଆପାର୍ଟମେଣ୍ଟରେ ଘଟିଛି ଏହି ବୀଭତ୍ସ ହତ୍ୟାକାଣ୍ଡ। ବାପାଙ୍କୁ ଅତି ନିର୍ମମ ଭାବେ ଛୁରୀ ଭୁସି ହତ୍ୟା କଲା ପୁଅ। ମୃତକ ହେଉଛନ୍ତି ସୁନୀଲ ଚୌଧୁରୀ। ସୁନୀଲ ଚୌଧୁରୀ ନାଲକୋରେ ଜଣେ ଅବସରପ୍ରାପ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଥିଲେ। ତାଙ୍କ ପୁଅ ଅନିରୁଦ୍ଧ ଚୌଧୁରୀ ଏକ ଘରୋଇ ଲ' କଲେଜରେ ଜଣେ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ଜଣାଯାଇଛି।



ଖବର ପାଇ ମଞ୍ଚେଶ୍ୱର ପୁଲିସ୍ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏଥିସହ ଅଭିଯୁକ୍ତ ପୁଅକୁ ଗିରଫ କରିଛି ପୁଲିସ୍। ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ହତ୍ୟାର କାରଣ ସମ୍ପର୍କରେ ସେ ଗଣମାଧ୍ୟମ ପ୍ରତିନିଧୀଙ୍କୁ କହିଛନ୍ତି, ଅନିରୁଦ୍ଧଙ୍କ ଉପରେ ଲୋନ୍ ଭାର ବି ଯାଇଥିଲା। ଏହାକୁନେଇ ସେ ଚିନ୍ତାଗ୍ରସ୍ତ ରହିବା ସହ ବାପାଙ୍କୁ ଟଙ୍କା ମାଗିଥିଲେ। ମାତ୍ର ପୁଅକୁ କୌଣସି ଟଙ୍କା ଦେବାକୁ ସୁନୀଲ ମନା କରିଦେଇଥିଲେ। ଏହାକୁନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଆସିଥିଲା। ଏଥିରେ ଉତ୍ୟକ୍ତ ହୋଇ ଅନିରୁଦ୍ଧ ଆଜି ସକାଳେ ବାପାଙ୍କୁ ହତ୍ୟା କରିଛନ୍ତି।

## ଓଡ଼ିଆରେ ଲେଖି ନ ପାରିବାରୁ ପଦ ହରାଇଲେ ସରପଞ୍ଚ

ଭୁବନେଶ୍ୱର,୩।୭(ମହାଭାରତ):ଓଡ଼ିଶାରେ ରହୁଥିଲେ। ଏଠାକାର ସବୁ ସୁବିଧା ପାଉଥିଲେ। ଏପରି କି ନିର୍ବାଚନ ଲଢ଼ି ସରପଞ୍ଚ ମଧ ହୋଇଥିଲେ। ୨୦୧୧ରେ ମଧ ଥରେ ସରପଞ୍ଚ ଭାବେ ୫ ବର୍ଷ କାର୍ଯ୍ୟ କରିଥିଲେ। କିନ୍ତୁ ଓଡ଼ିଆରେ ଲେଖିବା ତାଙ୍କୁ ଜଣା ନଥିଲା। ଏଥିପାଇଁ ତାଙ୍କୁ ସରପଞ୍ଚ ପଦ ହରାଇବାକୁ ପଡ଼ିଛି। ଖୋଦ୍ ଜେଏମଏଫସି କୋର୍ଟ ବିଚାରପତି ଶୁଭଜିତ ବେହେରା ଏପରି ଏକ ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି।ଗଜପତି ଜିଲ୍ଲା ମୋହନା ବ୍ଲକ ଚନ୍ଦିପୁଟର ସରପଞ୍ଚ କନକଲତା ପାଲଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି କୋର୍ଟ। ସେ ଓଡ଼ିଆରେ ଲେଖିବା ଅକ୍ଷମ ହେବାରୁ ତାଙ୍କ ବିରୋଧରେ କୋର୍ଟ ରାୟ ଦେଇଛନ୍ତି।

୨୦୨୨ ପଞ୍ଚାୟତ ନିର୍ବାଚନରେ କନକଲତା ପାଲ ସରପଞ୍ଚ ଭାବେ ନିର୍ବାଚନ ଜିତିଥିଲେ। କିନ୍ତୁ ନିର୍ବାଚନରେ ତାଙ୍କ ଠାରୁ ପରାଜିତ ହୋଇଥିବା





ଲଳିତା ବଡରଇତ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କନକଲତା ଓଡ଼ିଆରେ ଲେଖାଲେଖି ଜାଣି ନଥିବାରୁ ତାଙ୍କ ବିରୋଧରେ ଲଳିତା ଗତ ୨୦୨୨ ମସିହାରେ ମୋହନା ଜେଏମଏଫସି କୋର୍ଟ ରେ ଅଭିଯୋଗ କରିଥିଲେ। ସେବେଠାରୁ ମାମଲାର ଶୁଣାଣି ଚାଲିଥିଲା। ବିଭିନ୍ନ ଲୋକଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଆଜି ସରପଞ୍ଚ କନକଲତା ପାଲଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏଥିସହ ତାଙ୍କୁ ସରପଞ୍ଚ କାର୍ଯ୍ୟାଳୟରୁ ବେଦଖଲ କରିଛନ୍ତି। ଖାଲି ସେତିକି ନୁହେଁ, କୋର୍ଟ ପଞ୍ଚାୟତରେ ପୁନଃ ସରପଞ୍ଚ ନିର୍ବାଚନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ରାୟ ପରେ କନକଲତା ପାଲ୍ କହିଛନ୍ତି, ମୁଁ ୧୫୫୮ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲି। ମୋ ପ୍ରତିପକ୍ଷ ୫୦୦ ଭୋଟ ପାଇଥିଲେ। ହେଲେ ସେ ମୋ ବିରୋଧରେ ପିଟିସନ ଦାଖଲ କରିଥିଲେ। ମୁଁ ଓଡ଼ିଆରେ କଥାବାର୍ତ୍ତା ହେବା ସହ ଓଡ଼ିଆ ଲେଖାକୁ ପଢ଼ି ପାରୁଛି। କିନ୍ତୁ ଲେଖାଲେଖିରେ ସେତେଟା ଅଭ୍ୟାସ ନାହିଁ। ଏହାପୂର୍ବରୁ ମଧ ମୁଁ ୨୦୧୧ରୁ ସରପଞ୍ଚ ଥିଲିୟ ସେତେବେଳେ ପୂରା ୫ ବର୍ଷ ମୁଁ ସବୁ କାମ କରିଥିଲି। ଓଡ଼ିଆ ଜାଣି ନଥିଲେ କେମିତି ୫ ବର୍ଷ କାର୍ଯ୍ୟ କରୁଥିଲି ? ଟ୍ରାଏଲ କୋର୍ଟ ମୋ ବିରୋଧରେ ରାୟ ଦେଇଛନ୍ତି। ଏହା ବିରୋଧରେ ମୁଁ ହାଇକୋର୍ଟ ଯିବି।

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬-ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାଣିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



## ପରଦା ଖବର

# ପ୍ରେମିକଙ୍କ ବିଷୟରେ କହି ଟ୍ରୋଲ ହେଲେ ପାୟଲ



ୟୁଟ୍ୟୁବର ଅରମାନ ମଲିକ ତାଙ୍କ ଦୁଇଜଣ ସ୍ତ୍ରୀ ପାଇଁ ଖୁବ ଚର୍ଚ୍ଚାରେ ପରିସରରେ ଅଛନ୍ତି । ଅନେକ ସମୟରେ ଦୁଇଜଣ ସ୍ତ୍ରୀ ଥିବାରୁ ଅରମାନଙ୍କୁ ଟ୍ରୋଲ ହେବାକୁ ବି ପଡ଼ିଥାଏ। ନିକଟରେ ଅରମାନ, ପାୟଲ ଓ କ୍ରିତିକା ବିଗବସ ଓଟିଟି ସିଜନ-୩ରେ ନଜର ଆସିଛନ୍ତି। ଦୁଇଦିନ ପୂର୍ବରୁ ପାୟଲ ବିଗବସ ଓଟିଟି ସିଜନ -୩ରୁ ବାହାରି ଯାଇଛନ୍ତି। ସମ୍ପ୍ରତି ପାୟଲଙ୍କ ଏକ ପୁରୁଣା ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ ତାଙ୍କ ପ୍ରେମିକଙ୍କ ବିଷୟରେ ଖୋଲାଖୋଲି ଆଲୋଚନା କରୁଥିବା ଦେଖିବାକୁ ମିଳୁଛି ।ଭିଡିଓରେ ପାୟଲ କହୁଛନ୍ତି, 'ଆଜି ମୁଁ ଆପଣମାନଙ୍କୁ ଯାହା କହିବାକୁ ଯାଉଛି ତାହା କେବଳ କ୍ରିତିକା ହିଁ ଜାଣିଛନ୍ତି। ମୋର ପିଲାଦିନର ପ୍ରେମିକଙ୍କୁ ଇନଷ୍ଟାଗ୍ରାମରେ ପାଇ ଯାଇଛି। ପିଲାଦିନର ଭଲ ପାଇବା ଭଲପାଇବା ହୋଇଥାଏ। ଯାହାକି ପ୍ରତ୍ୟେକ ଝିଅଙ୍କ ଜୀବନରେ ଘଟିଥାଏ। ଏହାକୁ କିଏ ପ୍ରଘଟ କରିଥାଆନ୍ତି ତ ଆଉ କିଏ ନିଜ ଭିତରେ ଗୋପନ ରଖି ଦେଇଥାଆନ୍ତି। ସେହି ପିଲାଦିନର ଭଲପାଇବା ମୋତେ ମିଳି ଯାଇଛି । ସେ ମୋତେ ମେସେଜ କରିବାରୁ ମୁଁ ତାଙ୍କୁ ଆଜି ଭେଟିବାକୁ ଯାଉଛି। ଆଜି ମୁଁ କ୍ରିତ୍ରିକାଙ୍କୁ ବି ମୋର ପିଲାଦିନର ବୟଫ୍ରେଣ୍ଡ ସହିତ ଭେଟ କରାଇବି। ଏକଥା ଅରମାନ ବି ଜାଣିଛନ୍ତି। ତାଙ୍କୁ ମୁଁ ଆଗରୁ ଏବିଷୟରେ କହିସାରିଛି। ଲୋକେ ପାୟଲଙ୍କ ଏହି ଭିଡିଓ ଦେଖିବା ପରେ ଟ୍ରୋଲ କରି କହୁଛନ୍ତି, 'ଆରେ ତୁମ ପରିବାରରେ ସମସ୍ତେ କ'ଣ ଏପରି।

## ବୈକୁଣ୍ଠ ଚତୁର୍ଦ୍ଦଶୀ



ପୌରାଣିକ କଥାବସ୍ତୁ ଅନୁସାରେ ଥରେ ବିଷ୍ଣୁ କାଶିରେ ଶିବ ଭଗବାନଙ୍କ ଉପରେ ଏକ ହଜାର ସ୍ୱର୍ଣ୍ଣ କମଳ ପୁଷ୍ପ ଚଢ଼ାଇବାର ସଂକଳ୍ପ କରିଥିଲେ । ଯେବେ ଏହି ସଂକଳ୍ପ ପାଳନ କରିବାର ସମୟ ଆସିଲା, ସେହି ସମୟରେ ଭଗବାନ ଶିବ, ବିଷ୍ଣୁଙ୍କୁ ପରୀକ୍ଷା କରିବା ପାଇଁ ଗୋଟିଏ ସ୍ୱର୍ଣ୍ଣ କମଳ ପୁଷ୍ପ କମ୍ କରି ଦେଇଥିଲେ ।

ପୁଷ୍ପ କମ୍ ହୋଇଯିବାରୁ ବିଷ୍ଣୁ ନିଜ କମଳ ନୟନ ନାମକୁ ସ୍ମରଣ କରି ଭଗବାନ ଶିବଙ୍କ ନିକଟରେ ନିଜ ନେତ୍ର ସମର୍ପିତ କରି ଦେଇଥିଲେ । ବିଷ୍ଣୁଙ୍କ ଏଭଳି ଭକ୍ତିଭାବ ଦେଖି କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀକୁ 'ବୈକୁଣ୍ଠ ଚତୁର୍ଦ୍ଦଶୀ' ନାମରେ ପାଳନ କରାଯାଏ। ସେହି ଦିନଠାରୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇ ଭଗବାନ ବିଷ୍ଣୁଙ୍କ ଆରାଧନା କରାଯାଉଛି। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତର ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

# ଇମ୍ୟୁନିଟି ବୃଦ୍ଧି କରେ କଖାରୁ !



ଲୋକଙ୍କୁ ସୁଷମ ଖାଦ୍ୟ ଖାଇବା ଲାଗି ଏବେ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ଔଷଧ ଅପେକ୍ଷା ଖାଦ୍ୟରୁ ବିଭିନ୍ନ ଭିଟାମିନ ଆହରଣ କରାଯାଇପାରେ। ଏଥିରେ ଭାରତୀୟ ବ୍ୟଞ୍ଜନରେ ଉପଯୋଗ ହେଉଥିବା ପନିପରିବା ଲୋକଙ୍କୁ ବେଶ ପୋଷକତତ୍ତ୍ୱ ଯୋଗାଇଦେବ ବୋଲି ଡାୟଟିଶିଆନମାନେ କହିଛନ୍ତି। ଏଥିରେ ଦୈନନ୍ଦିନ ଉପଯୋଗରେ ଆସୁଥିବା ପରିବା କଖାରୁ ପୋଷଣ ବୃଦ୍ଧିରେ ସହାୟକ ହୋଇପାରେ ବୋଲି ଡାୟଟିଶିଆନ କହିଛନ୍ତି।


କଖାରୁ ଭିଟାମିନରେ ଭରପୁର ଏକ ସବୁଜ ପରିବା। ଏଥିରେ ଜାଂଥିନ ଓ ଜେକସେନ୍ଥିନ ସମେତ କେରୋଟିନ ଓ ଭିଟାମିନ୍ ଏ ପ୍ରଚୁର ପରିମାଣରେ ରହିଛି। ଯାହା କରୋନାରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରେ। କଖାରୁ ମଞ୍ଜିରେ ପ୍ରଚୁର ଭିଟାମିନ ସି ଭରି ରହିଛି। ଏହା ଛଡା ଏହାର ଅନ୍ତ ପ୍ରଚୁର ଭିଟା କାରୋଟିନ୍ ରହିଛି। ଏହି ପୋଷକ ତତ୍ୱ ଆମ ଶରୀରରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରିବ। କଖାରୁ ଏକ ଏପରି ପରିବା ଯେଉଁଥିରେ ଆମର ଦୃଷ୍ଟି ଶକ୍ତି ଜନିତ ସମସ୍ୟାର ସମାଧାନ ମଧ୍ୟ ରହିଛି। ଏଥିରେ ପ୍ରଚୁର ଭିଟାମିନ-ଏ ରହୁଥିବାରୁ ଉଚିତ ମାତ୍ରାରେ କଖାରୁ ପ୍ରସ୍ତୁତ ବ୍ୟଞ୍ଜନ ଖାଇଲେ ଦୃଷ୍ଟି ଶକ୍ତି କମଜୋର ହୋଇନଥାଏ। ଏଥିରୁ ବୟସ ବୃଦ୍ଧିରେ ଖାଦ୍ୟରେ କଖାରୁ ସାମିଲ କରାଗଲେ ଦୃଷ୍ଟି ଶକ୍ତି ଜନିତ ସମସ୍ୟା ନିରାକରଣରେ ସହାୟକ ହେବ ବୋଲି କୁହାଯାଏ। ଏହି ପରିବାରେ ଭିଟା କାରୋଟିନା ମିଳୁଥିବାରୁ ଯାହା ଶରୀରକୁ ଭିଟାମିନ୍ ଏ ଯୋଗାଇ ଦେଇଥାଏ। ଏହି ପରିବାରେ ପ୍ରଚୁରମାତ୍ରାରେ ଫାଇବର ଥାଏ। ଏହା ଛଡା ଏଥିରେ ଫ୍ୟାଟସ୍ ବି ନଥାଏ। ଫାଇବର ଯୋଗୁ କ୍ଷୁଧା ନିୟନ୍ତ୍ରିତ ହେଉଥିବା ବେଳେ ଶରୀରର ଓଜନ ହ୍ରାସ ହୋଇଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ ରହୁଥିବାରୁ ପୃଥୁଳତା ହ୍ରାସରେ ସହାୟକ ହୋଇଥାଏ। କଖାରୁରେ ପ୍ରଚୁର ଆଇରନ ମଧ୍ୟ ଶରୀର ପାଇଥାଏ। ଏଣୁ ଖାଦ୍ୟରେ କଖାରୁ ଖାଇଲେ ଏନର୍ଜୀମାତ୍ରା ବଢିଥାଏ। ଖାଦ୍ୟରେ କଖାରୁ ଖାଇଲେ ନଖ ହଳଦିଆ ପଡିବା ଅଥବା ମୁଣ୍ଡ ବୁଲେଇବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ଡାଏଟିସିଆନମାନେ କୁହନ୍ତି।

# ୮ ମାସ ପାଣିରେ ବୁଡି ରହେ ମନ୍ଦିର





ସମସ୍ତେ ମନ୍ଦିରକୁ ଯାଆନ୍ତି ଓ ପୂଜା କରନ୍ତି । କିନ୍ତୁ ଭାରତରେ ଏପରି ଏକ ରହସ୍ୟମୟୀ ମନ୍ଦିର ରହିଛି ଯିଏକି ବର୍ଷକରେ ୮ମାସ ପାଣିରେ ବୁଡି ରହିଥାଏ । ଏହି ମନ୍ଦିରଟି ହେଉଛି ବାଥୁ କି ଲଡି ।ଯାହା ହିମାଚଳର କାଙ୍ଗ୍ରା ଜିଲ୍ଲାରେ ରହିଛି ।ବିଶେଷ କଥା ହେଉଛି ମନ୍ଦିରଟି ପାଣିରେ ୮ ମାସ ରହୁଥିବା ବେଳେ ୪ ମାସ ବାହାରେ ରହିଥାଏ । ମନ୍ଦିରଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତି । ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ମନ୍ଦିରରେ ଦର୍ଶନ ଦେଇଥାନ୍ତି ଭଗବାନ ବିଷ୍ଣୁ । ଏହି ମନ୍ଦିର ପାଖରେ ରହିଛି ଅନେକ ଛୋଟଛୋଟ ମନ୍ଦିର । ବାସ୍ତବରେ ମନ୍ଦିରଟି ୮ ମାସ ପାଇଁ ମହାରଣା ପ୍ରତାପ ସାଗର ହ୍ରଦରେ ବୁଡ଼ି ଯାଇଥାଏ । ଯେତେବେଳେ ହ୍ରଦର ଜଳସ୍ତର ବଢିଯାଇଥାଏ ସେତେବେଳେ ମନ୍ଦିର ବୁଡିଯାଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ମନ୍ଦିର ଦୀର୍ଘ ସମୟ ଧରି ଜଳମଗ୍ନ ହେବା ପରେ ବି ଏହାର ଗଠନରେ କୌଣସି ପରିବର୍ତ୍ତନ ହୋଇନଥାଏ ।ଏହାର କାରଣ ହେଉଛି ମନ୍ଦିରଟି ଅନେକ ଶକ୍ତିଶାଳୀ ପଥରରେ ର୍ନିମିତ । ଏଠାରେ ଆପଣ ପଥରରେ ଖୋଦିତ ଭଗବାନ ଗଣେଶ ଏବଂ କାଳୀଙ୍କ ମୂର୍ତ୍ତି ଦେଖିବାକୁ ପାଇବେ ।ଏହାସହିତ ମନ୍ଦିର ମଧ୍ୟରେ ଭଗବାନ ବିଷ୍ଣୁ ଶେଷନାଗ ଉପରେ ବିଶ୍ରାମ କରୁଥିବାର ମୂର୍ତ୍ତି ସ୍ଥାପନା କରାଯାଇଛି ।ଏଠାରେ ରହୁଥିବା



ଲୋକମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରଟି ସ୍ଥାନୀୟ ରାଜାଙ୍କ ଦ୍ୱାରା ର୍ନିମିତ ହୋଇଥିଲା ୟ ଆଉ କିଛି ଲୋକ ଏହି ମନ୍ଦିରକୁ ପାଣ୍ଡବଙ୍କ ସହିତ ସଂଯୋଗ କରିଥାନ୍ତି। ସେମାନଙ୍କ ବିଶ୍ୱାସ ଅନୁଅୟାୟୀ, ପାଣ୍ଡବମାନେ ର୍ନିବାସନ ସମୟରେ ଏଠାରେ ସ୍ୱର୍ଗକୁ ସିଡ଼ି ର୍ନିମାଣ କରିବାକୁ ଚେଷ୍ଟା କରିଥିଲେ । ତଥାପି ସେ ଏହାକୁ ତିଆରି କରିବାରେ ସଫଳ ହୋଇପାରିନଥିଲେ । କାରଣ ସେମାନଙ୍କୁ ଗୋଟିଏ ରାତିରେ ଏହି ସିଡ଼ି ର୍ନିମାଣ କରିବାକୁ ଥିଲା ।



# ବୀର ଗୋଗା ଦେବଙ୍କ କଥା

ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ୍ୟ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି ଗୋଗାମେଡ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।



ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା। ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଳିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

### କଂଗ୍ରେସ କାର୍ଯ୍ୟାଳୟ ସାମ୍ନାରେ ବିଜେପିର ବିକ୍ଷୋଭ ଘଟଣା

# ୭୨ ଘଣ୍ଟାର ମହଲତ ଦେଲା କଂଗ୍ରେସ

ଭୁବନେଶ୍ୱ,୩।୭(ମହାଭାରତ): : ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟର ପ୍ରତିବାଦରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ହୋଇଥିବା ବିକ୍ଷୋଭକୁ ନେଇ ଅଭାବନୀୟ ସ୍ଥିତି ଦେଖାଗଲା ପରେ ଜୟପୁର ବିଧାୟକ ଚେତାବନୀ ଦେଇଛନ୍ତି। ଏହି ଘଟଣାରେ ଆକ୍ରମଣକାରୀଙ୍କୁ ୭୨ ଘଣ୍ଟା ମଧ୍ୟରେ ଗିରଫ କରାନଗଲେ ସାରା ରାଜ୍ୟରେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି। ଆବଶ୍ୟକ ପଡ଼ିଲେ ୨୦ ହଜାର ଯୁବ ଛାତ୍ରଙ୍କ ସହ ବିଜେପି ପାର୍ଟି ଅଫିସରେ ଜୋର ଜବରଦସ୍ତ ପଶିବୁ ବୋଲି କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି।



ସୂଚନାଯୋଗ୍ୟ, ରାହୁଲ ଗାନ୍ଧୀ ସଂସଦରେ ହିନ୍ଦୁ ଧର୍ମକୁ ନେଇ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ମଙ୍ଗଳବାର ଅପରାହ୍ନରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ରାହୁଲଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ସମୟରେ ଯୁବ ମୋର୍ଚ୍ଚାର କର୍ମୀମାନେ କଂଗ୍ରେସ ଭବନ ସମ୍ମୁଖରେ ଲାଗିଥିବା ରାହୁଲ ଗାନ୍ଧୀଙ୍କ ଫଟୋ ଉପରକୁ ଗୋବର ମାରିଥିଲେ। କିଛି କର୍ମୀ କଂଗ୍ରେସ ଭବନ ଭିତରକୁ ଗଙ୍ଗା ଜଳ, ଫିନାଇଲ ପକାଇଥିଲେ।

ବିଜେପିର ଏହି ବିକ୍ଷୋଭ ସମୟରେ କଂଗ୍ରେସ ଭବନରେ ଯୁବ ଓ ଛାତ୍ର କଂଗ୍ରେସର କିଛି ନେତା ଉପସ୍ଥିତ ଥିଲେ଼ୟ ସେମାନେ ବାହାରକୁ ଆସି ଏହାର ପ୍ରତିବାଦ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ହାତାହାତି ହୋଇଥିଲା। ସଙ୍ଗେ ସଙ୍ଗେ ଏହା ଉଗ୍ର ରୂପ ନେଇଥିଲା। ଉଭୟ ପକ୍ଷ ପରସ୍ପରକୁ ଟେକାପଥର ଫୋପାଡ଼ିଥିଲେ଼ୟ ଏପରିକି ନିକଟରେ ପଡ଼ିଥିବା ଗୋବର ଓ ଅଇଁଠା ଖାଦ୍ୟକୁ ମଧ୍ୟ ଧରି ପରସ୍ପର ଉପରକୁ ଫିଙ୍ଗିଥିଲେ। କିଛି ସମୟ ପାଇଁ କଂଗ୍ରେସ ଭବନ ସାମ୍ନା ରଣକ୍ଷେତ୍ର ପାଲଟିଥିଲା। ପୁଲିସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରୁଥିଲା ବେଳେ ଗୋବର ମାଡ଼ରୁ ବର୍ତ୍ତି ନଥିଲାୟ ଏହି ଆକ୍ରମଣରେ ବିଜେପି ଯୁବମୋର୍ଚ୍ଚାରୁ ୫ ଜଣ, ଛାତ୍ର କଂଗ୍ରେସର ୨ ଜଣ ଆହତ ହୋଇଛନ୍ତି। ଏହାସହ ଜଣେ ସାମ୍ବାଦିକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କ କାନରେ ଟେକା ବାଜିଥିବା ଜଣାପଡ଼ିଛି। ବିଜେପି ଯୁବମୋର୍ଚ୍ଚା ଏବଂ ଛାତ୍ର କଂଗ୍ରେସ ପକ୍ଷରୁ କ୍ୟାପିଟାଲ ଥାନାରେ ପରସ୍ପର ବିରୋଧରେ ଅଭିଯୋଗ ଦିଆଯାଇଛି।

## ଖୁବଶୀଘ୍ର ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ହେବ : ଆଇନମନ୍ତ୍ରୀ

**ଭୁବନେଶ୍ୱର, ୩।୭(ମହାଭାରତ): :** ରତ୍ନ ଭଣ୍ଡାର ଖୋଲିବା ତାରିଖ ଘୋଷଣାକୁ ନେଇ ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟୟ ସର୍ବୋଚ୍ଚସ୍ତରରେ ଆଲୋଚନା ସରିଛି, ଆଜି କାଲି ଭିତରେ ନିଷ୍ପତ୍ତି ହେବ। ରତ୍ନଭଣ୍ଡାର ନିଶ୍ଚିତ ଖୋଲିବ। ଖୁବଶୀଘ୍ର ମୋଡାଲିଟି ପ୍ରସ୍ତୁତ ହେବ। ଏନେଇ ଏକ ବୈଠକ ହେବ। ବୈଠକ ପରେ ତାରିଖ ଘୋଷଣା ହେବ। ବିଧିବଦ୍ଧ ବିଜ୍ଞପ୍ତି ବାହାରିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ରତ୍ନଭଣ୍ଡାର ଖୋଲିବା ନେଇ ଯେଉଁ ତାରିଖ ଚାଲୁଛି ଏହା ଏକ ଗୁଜବ। ଏହି ଗୁଜବକୁ ଲୋକେ ବିଶ୍ୱାସ ନକରନ୍ତୁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅପିଲ କରିଛନ୍ତି। ଆସନ୍ତା କିଛି ଦିନ ମଧ୍ୟରେ ଖୋଲିପାରେ ରତ୍ନଭଣ୍ଡାର। କିଛି ଦିନ ମଧ୍ୟରେ ଆରମ୍ଭ ହୋଇପାରେ ଗଣତି ଓ ମଣତି କାମ। ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ ଆସନ୍ତା ୪ ତାରିଖରେ ଓଡିଶା ଆସୁଛନ୍ତି। ତାଙ୍କ ଗସ୍ତସୂଚୀରୁ ଏଭଳି ସଙ୍କେତ ମିଳିଛି। ଜଷ୍ଟିସ ଅରିଜି଼ ପଶାୟତଙ୍କ ଅଧ୍ୟକ୍ଷତାରେ ଜୁଲାଇ ୫ ତାରିଖ ଅପରାହ୍ଣ ୨ଟା ପରେ ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ବୈଠକ ହେବ।

## ସରୋଗେସିରେ ମା' ହୋଇଥିଲେ ମିଳିବ ପ୍ରସବକାଳୀନ ଛୁଟି

**କଟକ, ୩।୭ (ମହାଭାରତ) :** ଗର୍ଭଧାରଣ କରି ନଥିଲେ ମଧ ସରୋଗେସି ପଦ୍ଧତିରେ ମା' ହେଉଥିବା ମହିଳାଙ୍କୁ ପ୍ରସବକାଳୀନ ଛୁଟି ଦିଆଯିବା ଉଚିତ୍। ନିଜ ସନ୍ତାନର ଯତ୍ନ ଓ ଭାବଗତ ସଂପର୍କ ଦୃଷ୍ଟିରୁ ପ୍ରସବକାଳୀନ ଛୁଟିର ଗୁରୁତ୍ୱ ରହିଛି। ତେଣୁ ପରବର୍ତ୍ତିତ ସମୟରେ ଏଭଳି ଏକ ନୂଆ ପ୍ରସଙ୍ଗକୁ ତର୍ଜମା କରି ଆଇନରେ ସାମିଲ କରିବା ଉଚିତ ହେବ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି।

ଗର୍ଭଧାରଣରେ ସମସ୍ୟା କାରଣରୁ ସୁପ୍ରିୟା ଜେନା ସରୋଗେସି ପଦ୍ଧତିରେ ମା' ହୋଇଥିଲେ। ମୁମ୍ବାଇର ଜଣେ ମହିଳା ତାଙ୍କ ପାଇଁ ସରୋଗେସି ମା' ହୋଇଥିଲେ। ୨୦୧୮ ଅକ୍ଟୋବର ୨୫ରେ ପିଲା ଜନ୍ମ ହୋଇଥିଲା ୟ ପିଲାର ଲାଳନପାଳନ ପାଇଁ ଘରେ କେହି ନଥିବାରୁ ଅର୍ଥନୈତିକ ପରାମର୍ଶଦାତା ଭାବେ ଚାକିରି କରୁଥିବା ଆବେଦନକାରିଣୀ ଅର୍ଥ ବିଭାଗରୁ ପ୍ରସବକାଳୀନ ଛୁଟି ପାଇଁ ଆବେଦନ କରିଥିଲେ। ଛୁଟିରେ ରହିବା ପରେ ସେ କାର୍ଯ୍ୟରେ ଯୋଗଦେଇଥିଲେ। ଯଦିଓ ତାଙ୍କୁ ପ୍ରସବକାଳୀନ ଅବଧି ଲାଗି ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯାଇଥିଲା କିନ୍ତୁ ଉକ୍ତ ଛୁଟି ସମୟ ତାଙ୍କ ପଦୋନ୍ନତିରେ ଗଣାଯାଇ ପାରିବନାହିଁ ବୋଲି ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କେବଳ ସେତିକି ନୁହେଁ, ପରବର୍ତ୍ତୀ ସମୟରେ ଓଡ଼ିଶା ସର୍ଭିସ କୋଡ୍ ଅନୁସାରେ ସରୋଗେସି ଜରିଆରେ ମା' ହୋଇଥିବା ମହିଳାଙ୍କୁ ପ୍ରସବକାଳୀନ ଛୁଟି ଦିଆଯାଇ ପାରିବନାହିଁ ବୋଲି ନିୟମ ଥିବାରୁ ଆବେଦନକାରିଣୀଙ୍କୁ ଛୁଟିକୁ ବାଦ୍ ଦିଆଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆବେଦକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ମାମଲାର ଶୁଣାଣି କରି ଅର୍ଥ ବିଭାଗ ନିର୍ଦ୍ଦେଶନାମାକୁ ରଦ୍ଦ କରିବା ସହ ଆବେଦନକାରିଣୀଙ୍କୁ ୧୮୦ ଦିନର ପ୍ରସବକାଳୀନ ଛୁଟି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଏହି ଅବସରରେ କହିଛନ୍ତି ଯେ, ମାତୃତ୍ୱ ଲାଭ ପାଇଁ ସରୋଗେସି ପଦ୍ଧତିକୁ ସମର୍ଥନର ଆବଶ୍ୟକତା ରହିଛି। ତେଣୁ ସରୋଗେସି ଜରିଆରେ ଜଣେ ମା' ହେବା ପରେ ପିଲା ପ୍ରତି ଯତ୍ନଶୀଳ ହେବା ଏବଂ ତାକୁ ସମୟ ଦେବାଲାଗି ଜଣେ ବୃତ୍ତିଧାରୀ ମହିଳାଙ୍କୁ ପ୍ରସବକାଳୀନ ଛୁଟି ଦିଆଯିବା ଉଚିତ୍।

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ

କଟକ,୩।୭(ନି.ପ୍ର.): କଟକ ଜିଲ୍ଲାକୁ ମ୍ୟାଲେରିଆ, ଡେଙ୍ଗୁ ଓ ହଇଜା ଭଳି ରୋଗରୁ ମୁକ୍ତ କରିବା ନିମେନ୍ତ ସମସ୍ତ ବିଭାଗୀୟ ଅଧିକାରୀ ସଫଳତାର ସହ ନିଜ ନିଜର ଦାୟିତ୍ୱ ତୁଲାଇବା ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। କଟକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ - ମ୍ୟାଲେରିଆ, ଡେଙ୍ଗୁ ଓ ହଇଜା ଜନ ସଚେତନତା ଅଭିଯାନ ନିମନ୍ତେ ଆଜି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାପାଳଙ୍କ ସମ୍ମଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଶ୍ରୀ ଦିବ୍ୟଲୋଚନ ମହାନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ମକରନ୍ଦ ବେଉରା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାକୁ ମ୍ୟାଲେରିଆ, ଡେଙ୍ଗୁ ଓ ହଇଜା ମୁକ୍ତ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ସମୟରେ ଉପଯୁକ୍ତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ୦୧.୦୭.୨୦୨୪ଠାରୁ ୩୧.୦୭.୨୦୨୪ ପର୍ଯ୍ୟନ୍ତ ସର୍ବେକ୍ଷଣ କାର୍ଯ୍ୟକ୍ରମ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ,କୁଷ୍ଠ, ଯକ୍ଷ୍ମା, ଜଣ୍ଡିସ ଓ ଟୀକାକରଣ ଆଦିର ସର୍ବେକ୍ଷଣ କରାଯାଇ ପିଡୀତ ବ୍ୟକ୍ତିମାନଙ୍କର ଚିକିତ୍ସା କରାଯିବ। ପ୍ରତି ଘରେ ଆଶାକର୍ମୀମାନଙ୍କ ଦ୍ୱାରା ଓଆରଏସ ମିଶ୍ରଣ ଓ ଜିଙ୍କ ବଟିକା ବିତରଣ କରାଯିବାକୁ ଏହି ବୈଠକରେ ସ୍ଥିରୀକୃତ ହୋଇଛି। ଜିଲ୍ଲାରେ ଶୂନରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କ ମୃତ୍ୟୁହାର ରୋକିବା ତଥା ମ୍ୟାଲେରିଆ ଏବଂ ଡେଙ୍ଗୁ ରୋଗକୁ ପ୍ରତିରୋଧ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ।

## ଜିଲ୍ଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପ୍ରସ୍ତୁତି ବୈଠକ

କଟକ,୩।୭(ମହାଭାରତ): କଟକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆ ବୈଠକରେ ଅଧ୍ୟକ୍ଷତା କରି ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ସଚେତନ ହେବାକୁ ଆହ୍ୱାନ ଦେବା ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନିଜ ନିଜର କାର୍ଯ୍ୟ ସମ୍ପାଦନ ନିମନ୍ତେ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମକରନ୍ଦ ବେଉରା ବୈଠକରେ ଯୋଗ ଦେଇ ବିଶ୍ୱ ଜନସଂଖ୍ୟା ଦିବସ ପାଳନର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ବାର୍ତା ବିକଶିତ ଭାରତର ପରିଚୟ ନୂତନ ପରିବାର ନିୟୋଜନ ପ୍ରତି ଦମ୍ପତିଙ୍କର ସମ୍ମାନକୁ ନେଇ ବୈଠକରେ ଆଲୋଚନା କରାଯାଇଥଲା। ଓଡ଼ିଶାରେ ପ୍ରଜନନ ହାର ୧.୮ ସ୍ତରରେ ପହଂଚିଛି, ଯାହାକି ଜନସଂଖ୍ୟା ବୃଦ୍ଧିରେ ସ୍ଥିରତା ଆଣିଛି। ତେଣୁ ପ୍ରତ୍ୟେକ ଦମ୍ପତି, ଯୁବ ସମାଜ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ କର୍ମଚାରୀମାନଙ୍କର ଗୁରୁ ଦାୟିତ୍ୱ ରହିଛି। ଏହି ଦାୟିତ୍ୱକୁ ସୁଚାରୁରୁପେ ତୁଲାଇବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସରକାରୀ ଡାକ୍ତରଖାନାଗୁଡିକରେ ବିଭିନ୍ନ ଗର୍ଭନିରୋଧକ ପଦ୍ଧତି ଉପଲବଧ ରହିଛି। ଆଶାକର୍ମୀମାନେ ଦମ୍ପତିମାନଙ୍କୁ କାଉନସେଲିଂ କରି ବିଭିନ୍ନ ପରିବାର ନିୟୋଜନ ପନ୍ଥା ଆପଣାଇବାକୁ ପରାମର୍ଶ ଦେବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ।

## ଭୁଲ ଇଞ୍ଜେକସନ୍ ଯୋଗୁଁ ନାବାଳକର ମୃତ୍ୟୁ ଅଭିଯୋଗ

**କଟକ, ୩।୭ (ମହାଭାରତ) :** ଭୁଲ୍ ଇଞ୍ଜେକସନ୍ ଯୋଗୁଁ ଚାଲିଗଲା ନାବାଳକର ଜୀବନ। ମୃତକ ଯାଜପୁର ଜିଲ୍ଲାର ୧୪ ବର୍ଷୀୟ ରଶ୍ମୀରଞ୍ଜନ ମଲ୍ଲିକ। କଟକ ମଙ୍ଗଳାବାଗ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଆଜି ସକାଳେ



ରଶ୍ମୀରଞ୍ଜନଙ୍କର ଏକ ସାମାନ୍ୟ ଅପରେସନ ହେବାକୁ ଥିବା ବେଳେ ପରିବାର ଲୋକେ ତାଙ୍କୁ କଟକର ଏକ ନର୍ସିଂହୋମରେ ଭର୍ତ୍ତି କରିଥିଲେ଼ୟ ସେଠାରେ ସବୁ ପରୀକ୍ଷା ପରେ ଅପରେସନ ପୂର୍ବରୁ ପିଲାଟିକୁ ବାନ୍ତି ଓ ଗ୍ୟାସ୍ ପାଇଁ ଇଞ୍ଜେକସନ ଦିଆଯାଇଥିଲା। ହେଲେ ଇଞ୍ଜେକସନ ଦେବା ପରେ ପିଲାଟି ବେହୋସ ହୋଇପଡ଼ିଥିଲା। ଏବଂ କିଛି ସମୟ ପରେ ନାବାଳକଟିର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ମେଡିକାଲରେ ଉତ୍ତେଜନା ଦେଖାଦେଇଛି। ଅପରେସନ୍ ପୂର୍ବରୁ ଇଞ୍ଜେକସନ୍ ଦିଆଯିବା ପରେ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ପରେ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୩।୭ (ମହାଭାରତ):** ମାଲକାନଗିରି ର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ି ଙ୍କ ବିୟୋଗ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତା ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାଲକାନଗିରି ର ବିକାଶ ରେ ବିଧାୟକ ଭାବେ ଆଦିତ୍ୟ ମାଢ଼ି ଙ୍କ ବଳିଷ୍ଠ ଯୋଗଦାନ ରହିଥିଲା। ଏଥିସହିତ ମାଲକାନଗିରି ଜିଲ୍ଲାରେ ଦଳ କୁ ମଜବୁ କରିବା ରେ ମଧ୍ୟ ସେ ପ୍ରମୁଖ ଭୂମିକା ତୁଲାଇଥିଲେ। ଜଣେ ଲୋକପ୍ରିୟ ରାଜନେତା ଭାବେ ଜିଲ୍ଲାବାସୀ ଙ୍କ ନିକଟ ରେ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମା ର ସଦଗତି କାମନା କରିବା ସହିତ ଶୋକସଂତପ୍ତ ପରିବାର ବର୍ଗ ଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ଦରଦାମ ବୃଦ୍ଧି ନେଇ ବିଜେଡି-ବିଜେପି ମୁହାଁମୁହିଁ

## ବିଜେଡିର ଅବହେଳାରୁ ବଢ଼ିଛି ଦରଦାମ୍ : ବିଜେପି

**ଭୁବନେଶ୍ୱର, ୩/୭ (ମହାଭାରତ) :** ଦରଦାମ ନିୟନ୍ତ୍ରଣ କରିବା ପାଇଁ ପ୍ରଳାପ କରୁଥିବା ବିଜେଡି ଗତ ୨୫ ବର୍ଷରେ ଏଥିପାଇଁ କୌଣସି ପଦକ୍ଷେପ ନେଇ ନଥିଲା। ଫଳରେ କିଛି ବର୍ଷ ହେବ ପରିବା ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବିଜେପି ମାତ୍ର ୨୧ଦିନ ସରକାର ଗଠନ କରିଥିବା ବେଳେ ରାଜ୍ୟରେ ମୁଦ୍ରାସ୍ଫିତି ଗତ ୬ମାସ ହେବ ୭%ରୁ ଅଧିକ ରହିଛି। ବିଜେଡି ଶାସନରେ ଥିବା ଯାଏଁ ଦରଦାମ ବଢ଼ିଚାଲିଥିଲା। ଖାଲି ସେତିକୁ ନୁହେଁ ତତ୍କାଳୀନ ବିଜେଡି ସରକାର କୁନି ପିଲାମାନଙ୍କ ଚାଉଳ ଓ ଡାଲି ସବୁ ଚଳୁ କରିଦେଇଛି। ମଧ୍ୟାହ୍ନ ଭୋଜନ ଚାଉଳ ଲୁଟ୍ କରି ନିଜର ପକେଟ ଗରମ କରିଛି। ମାତ୍ର ଅଳ୍ପଦିନ ତଳେ ଶାସନଭାର ସମ୍ଭାଳିଥିବା ବିଜେପି ସରକାର ଦରଦାମ ନିୟନ୍ତ୍ରଣ ପାଇଁ ଚେଷ୍ଟା ଚଳାଇଛି ବୋଲି ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର କହିଛନ୍ତି।



ଶ୍ରୀମତି ମିଶ୍ର କହିଛନ୍ତି, ବିଜେଡି ସରକାର ସମୟରେ ଜଳସେଚନ ବ୍ୟବସ୍ଥା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ଚାଷୀମାନେ ଭଲ ଫସଲ ଉତ୍ପାଦନ କରିପାରୁ ନ ଥିଲେ। ଏପରିକି ଗତ ୨୫ ବର୍ଷ ମଧ୍ୟରେ ଗୋଟିଏ ହେଲେବି ଶୀତଳଭଣ୍ଡାର ଖୋଲିପାରିନାହିଁ। ଆଉ ଯେଉଁଠି ଶୀତଳଭଣ୍ଡାର ଥିଲା ସେଗୁଡ଼ିକ ଅଚଳ ହୋଇଯାଇଛି। ଫଳରେ ଆଳୁ, ପିଆଜ ଓ ପରିବା ଆଦି ପୂର୍ବରୁ ସଂରକ୍ଷିତ ରଖାଯାଇ ପାରୁନାହିଁ। ଏଥିପାଇଁ ଦରଦାମ ଦିନଦିନକୁ ବଢ଼ି ଚାଲିଛି। ବିଜେପି ସରକାର ଆସିବା ପରେ ଏହି ଅସୁବିଧାକୁ ହୃଦୟଙ୍ଗମ କରି ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲିବାକୁ ଯୋଜନା କରିଛି।

## ଦରଦାମ ଆକାଶଛୁଆଁ କରିଛି ସରକାର : ବିଜେଡି

**ଭୁବନେଶ୍ୱର,୩।୭(ମହାଭାରତ) :** ରାଜ୍ୟରେ ପରିବର୍ତ୍ତନ ଓ ସୁଶାସନ ନାରା ଦେଇ ବିଜେପି ସରକାର ଦରଦାମ ଆକାଶଛୁଆଁ କରିଛନ୍ତି। ହୁ ହୁ ହୋଇ ବଢିଚାଲିଛି ଦୈନନ୍ଦିନ ବ୍ୟବହାର ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀର ଦାମ। ଡାଲି, ଚାଉଳ, ପରିବା ଏପରିକି ଆଳୁ ପିଆଜ ଭଳି ନିହାତି ଆବଶ୍ୟକ ଖାଉଟି ସାମଗ୍ରୀର ଦର ମଧ୍ୟ ବୃଦ୍ଧି ହୋଇଛି। ଯାହାକୁ ନେଇ ସାଧାରଣ ଲୋକ ନାହିଁ ନଥିବା ହଇରାଣ ହେଉଥିବା ବେଳେ ଏହାକୁ ନେଇ ବିଜେପି ସରକାରଙ୍କୁ ଟାର୍ଗେଟ କରିଛି ବିଜେଡି।



ଆଜି ଶଙ୍ଖ ଭବନରେ ସମ୍ବାଦିକ ସମ୍ମିଳନୀ କରି ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଏବଂ ଲେଖାଶ୍ରୀ ସାମନ୍ତସିଂହାର ଦରବୃଦ୍ଧି ପ୍ରସଙ୍ଗରେ ସରକାରକୁ ଘେରିଥିଲେ। ପ୍ରମିଳା କହିଥିଲେ, ରାଜ୍ୟରେ ପରିବର୍ତନ ଓ ସୁଶାସନ ନାରା ଦେଇ ଦରଦାମ ଆକାଶଛୁଆଁ କରିଛନ୍ତି। ସାଧାରଣ ଲୋକ ଆଶା କରୁଛନ୍ତି ଭଲ ଖାଇବେ ଓ ଶସ୍ତାରେ ପାଇବେ, ତେଣୁ ଚାଉଳ, ଡାଲି, ପନିପରିବା ଦର ବୃଦ୍ଧି ରାଜ୍ୟ ସରକାର ନିୟନ୍ତ୍ରଣ କରି ଲୋକଙ୍କୁ ନ୍ୟାୟ ଦିଅନ୍ତୁ। ତେବେ ମନ୍ତ୍ରୀ କହୁଛନ୍ତି ଦରଦାମରେ ସରକାରଙ୍କ ନିୟନ୍ତ୍ରଣ ନାହିଁ, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସାଧାରଣ ଲୋକ ଶସ୍ତାରେ କେମିତି ଜିନିଷ ପାଇବେ, ସେ ବ୍ୟବସ୍ଥା ରାଜ୍ୟ ସରକାର କରନ୍ତୁ ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି । ଏଥିସହ ବିଜେଡି ଏ ପ୍ରସଙ୍ଗରେ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି ।ଅନ୍ୟପଟେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ବିଜେପି ନେତା ଜଗନ୍ନାଥ, ବଳଭଦ୍ର ସୁଭଦ୍ରାଙ୍କ ସହ ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀଙ୍କୁ ତୁଳନା କରୁଛନ୍ତି। ଏହା ଅହଂକାର, ଏହା ନିନ୍ଦନୀୟ, ଜଗନ୍ନାଥ ସେମାନଙ୍କୁ ଆଶୀର୍ବାଦ ଦିଅନ୍ତି ବୋଲି କହିଛନ୍ତି।

## ଚଳନ୍ତା ବସରେ ଲାଗିଲା ନିଆଁ

**କଟକ, ୩।୭ (ମହାଭାରତ) :** ଚଳନ୍ତା ବସରେ ନିଆଁ ଲାଗିଥିବା ଘଟଣା ସାମ୍ନାକୁ ଆସିଛି। କଟକ ଖାନନଗର ନିକଟରେ ବସରେ ନିଆଁ ଲାଗିଯାଇଥିଲା। ଏହା ଜାଣିବା ପରେ ବସରେ ସମସ୍ତ ଯାତ୍ରୀ ଛାନିଆ ହୋଇଯାଇଥିଲେ।ଏହା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଓହ୍ଲାଇ ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଭୁବନେଶ୍ୱରରୁ କୋଣାର୍କ ଯାଉଥିବା ଏକ ଯାତ୍ରୀବାହୀ ବସ ଡିକିରେ ହଠାତ ନିଆଁ ଲାଗିଯାଇଥିଲା। ତେବେ ବସ ଡ୍ରାଇଭରଙ୍କ କହିବାନୁଯାୟୀ ଡିକିରେ ଥିବା ଜିନିଷ ଯୋଗୁଁ ନିଆଁ ଲାଗିଥାଇପାରେ। ବର୍ତ୍ତମାନ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି।

## ନାଗ ଗିଳି ଦେଲା କଫ ସିରପ ବୋତଲ

**ଭୁବନେଶ୍ୱର,୩।୭ (ମହାଭାରତ) :** କଫ ସିରପ ବୋତଲ ଗିଳି ଦେଇଥିବା ଏକ ନାଗ ସାପକୁ ଉଦ୍ଧାର କରିଛନ୍ତି ସ୍ନେକ ହେଲ୍ପଲାଇନ। ଠିକଣା ସମୟରେ ପଦକ୍ଷେପ ପାଇଁ ଏକ ସାଧାରଣ ନାଗର ଜୀବନ ବଞ୍ଚି ଯାଇଛି। ଏହି ଘଟଣାର ସୂଚନା ଜଙ୍ଗଲ ବନ୍ୟପ୍ରାଣୀ (ପିସିସିଏଫ୍) ର ମୁଖ୍ୟ ସୁଶାନ୍ତ ନନ୍ଦ ତାଙ୍କ ଅଫିସିଆଲ୍ ଏକ୍ସ'ରେ ସେୟାର କରିଛନ୍ତି। ନନ୍ଦ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ଏକ ସାଧାରଣ ନାଗ ଭୁବନେଶ୍ୱରରେ କଫ ସିରପ ବୋତଲ ଗିଳି ଦେଇଥିଲା ଏବଂ ଏହାକୁ ବାହାର କରିବାକୁ ସଂଘର୍ଷ କରୁଥିଲା। ସ୍ନେକ ହେଲ୍ପଲାଇନରୁ ଆସିଥିବା ସ୍ୱେଚ୍ଛାସେବୀମାନେ ଧୀରେ ଧୀରେ ବୋତଲଟିକୁ ବାହାର କରି ଏକ ମୂଲ୍ୟବାନ ଜୀବନ ରକ୍ଷା କରିଥିଲେ।' କଫ ସିରପ ବୋତଲ କାଢ଼ିବା ପରେ ସାପକୁ ଏକ ସୁରକ୍ଷିତ ସ୍ଥାନରେ ଛାଡି ଦିଆଯାଇଛି।

# ମାଲକାନଗିରିର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ିଙ୍କ ନିଧନରେ ବିଜେପିର ଶୋକ

**ଭୁବନେଶ୍ୱର, ୩/୭ (ମହାଭାରତ) :** ମାଲକାନଗରିରି ପୂର୍ବତନ ବିଧାୟକ ତଥା ରାଜ୍ୟ ରାଜନୀତିର ଜଣେ ପରିଚିତ ଚେହେରା ଆଦିତ୍ୟ ମାଢ଼ିଙ୍କ ବିୟୋଗରେ ରାଜ୍ୟ ବିଜେପି ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ସାରା ଓଡିଶା ସମେତ ମାଲକାନଗିରିବାସୀଙ୍କ ସ୍ୱାର୍ଥ ପାଇଁ ସଦା ଚିନ୍ତିତ ଓ କାର୍ଯ୍ୟ କରୁଥିବା ସ୍ୱର୍ଗତଃ ମାଢ଼ିଙ୍କ ଅକାଳ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ ଏବଂ ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି । ପାର୍ଟୀକୁ ତୃଣମୂଳ ସ୍ତରରେ ସାଂଗଠନିକ କାର୍ଯ୍ୟକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇରହିବ । ସ୍ୱର୍ଗତଃ ମାଢ଼ିଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଏଭଳି



ଦୁଖଦଃ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାର୍ଥନା କରିଛନ୍ତି ।

ସ୍ୱର୍ଗତଃ ମାଢ଼ି ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ୫୧ବର୍ଷରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସ୍ୱର୍ଗତଃ ମାଢ଼ିଙ୍କ ଏମ୍ସ ହସ୍ପିଟାଲରେ ମୃତ୍ୟୁ ସମୟରେ ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟାଳୟରେ ତାଙ୍କ ପାର୍ଥୀବ ଶରୀରରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପତାକା ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଂଚାୟତରାଜ ମନ୍ତ୍ରୀ ରବି ନାୟକ, କ୍ରୀଡାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ପରିବେଶ ସୁରକ୍ଷା ମନ୍ତ୍ରୀ ଗଣେଶରାମ ସିଂଖୁଂଟିଆ, ପୂର୍ବତନ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସାଧାରଣ ସମ୍ପାଦକ ଶାରଦା ଶତପଥୀ, ପୂର୍ବତନ ସଂଗଠନ ସମ୍ପାଦକ ପ୍ରସନ୍ନ ମିଶ୍ର, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ରହି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱର୍ଗତଃ ମାଢ଼ିଙ୍କ ପାର୍ଥୀବ ଶରୀରକୁ ତାଙ୍କ ଜନ୍ମସ୍ଥାନ ମାଲକାନଗିରି ଜିଲ୍ଲାକୁ ଅଣାଯାଇ ଶେଷକୃତ ସଂପନ୍ନ କରାଯିବ।

# ଇପିଏଫ୍ ନିର୍ଦ୍ଦେଶିକା ପ୍ରତ୍ୟାହାର ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚର ବିକ୍ଷୋଭ

**ଭୁବନେଶ୍ୱର, ୩/୭ (ମହାଭାରତ) :** ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାର ଇପିଏଫ ସଂଶୋଧନ ନିର୍ଦ୍ଦେଶିକାକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ଓ ଫେଡ଼େରେସନ ସମୂହ ପକ୍ଷରୁ ଦାବି କରାଯାଇଛି। ଗତ ଜୁନ୍ ୧୪ ତାରିଖରେ କେନ୍ଦ୍ର ସରକାରଙ୍କ ଶ୍ରମ ଓ କର୍ମ ସଂସ୍ଥାନ ମନ୍ତ୍ରଣାଳୟ ପକ୍ଷରୁ ୫ଟି ନିର୍ଦ୍ଦେଶିକା ଜାରି କରିଛି ଓ ଏହି ନିର୍ଦ୍ଦେଶିକାରେ ଭବିଷ୍ୟନିଧି ଯୋଜନା ଓ ପେନସନ ଯୋଜନା ସହିତ ଇଡ଼ିଲି ଯୋଜନା ଓ ଅନ୍ୟାନ୍ୟ ଯୋଜନାରେ ସଂଶୋଧନ କରାଯାଇ ଗେଜେଟ୍‌ରେ ପ୍ରକାଶ ହୋଇଛି।



ଏହାଦ୍ୱାରା ମାଲିକମାନେ ସେମାନଙ୍କ ବକେୟା ଦରମା ବିରୁଦ୍ଧରେ ଜୋରିମାନା ହ୍ରାସ କରାଯିବ। ବ୍ୟବସାୟ କରିବାର ସୁବିଧା ନାମରେ ଏହି ସୁବିଧା ମାଲିକ ମାନଙ୍କୁ ଦେଇ ଶ୍ରମିକ ମନକୁ ଶୋଷଣ କରାଯିବାର ବ୍ୟବସ୍ଥା ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି।

ଏହି ଉଲ୍ଲେଖ୍ୟ ଥାଉ କି କେନ୍ଦ୍ରୀୟ ଭବିଷ୍ୟନିଧି ସଂସ୍ଥାର ଟ୍ରଷ୍ଟ ବୋର୍ଡ଼କୁ ସଂପୂର୍ଣ୍ଣ ଅନ୍ଧକାରରେ ରଖି ଏହା କରାଯାଇଛି। ଅପରପକ୍ଷରେ ରାଜ୍ୟରେ ଠିକାଦାର ଓ କମ୍ପାନୀ ମାଲିକମାନେ ଶ୍ରମିକ ମାନଙ୍କ ଠାରୁ ଇପିଏଫ୍ କାଟୁଥିଲାବେଳେ ଏହାକୁ ଇପିଏଫରେ ଜମା କରୁନାହାନ୍ତି। ଖଣି ଶ୍ରମିକ, ନାଲ୍‌କୋରେ କାର୍ଯ୍ୟରତ ଶ୍ରମିକ ଓ ସିକ୍ୟୁରିଟିରେ କାର୍ଯ୍ୟରତ ଶ୍ରମିକମାନେ ସେମାନଙ୍କର ଆର୍ଥିକ ଶୋଷଣର ସମ୍ମୁଖୀନ ହେଉଛନ୍ତି।

ଏହି ସବୁ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଶ୍ରମିକ ମିଳିତ ମଂଚର ଏକ ୨୦ ଜଣିଆ ପ୍ରତିନିଧି ଦଳ ଭବିଷ୍ୟନିଧିର ଆଞ୍ଚଳିକ ଆୟୁକ୍ତଙ୍କୁ ଭେଟି ୮ ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ଇପିଏଫ୍ ଆୟୁକ୍ତ ପ୍ରତିଶ୍ରୁତି ଦେଇଛନ୍ତି ଯେ ଆଗାମୀ ଦିନରେ ଶ୍ରମିକମାନଙ୍କର ଇପିଏଫ୍ ଜମାକୁ ସୁନିଶ୍ଚିତ କରିବା ସହିତ ଓଡ଼ିଶା ଲଫ୍ଟ ଉଠା ଜଳସେଚନ, ସେସ୍‌କୋ, ଓଟିଏମ୍, ସେଓ୍ୱା ପେପର ମିଲ୍ କାର୍ଯ୍ୟରତ ଶ୍ରମିକମାନଙ୍କର ପେନସନ ଓ ଇପିଏଫ୍ ଅଂଶଧନ ସମସ୍ୟାକୁ ଶିଘ୍ର ସମାଧାନ କରିବା ପାଇଁ ପଦକ୍ଷେପ ନିଆଯିବା ସହିତ ପ୍ରତି ୩ ମାସରେ ଥରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ସହିତ ଏକ ସମନ୍ୱୟ ବୈଠକ ଆହୁତ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ମଦନ ମୋହନ ଧଳ, ଏ.ଆଇ.ଟି.ୟୁ.ସିର ସାଧାରଣ ସମ୍ପାଦକ - ବିଜୟ ଜେନା, ଜୟନ୍ତ ଦାସ, ଏଚ.ଏମ୍.ଏସ୍ ସଭାପତି-କୃଷ୍ଣଚନ୍ଦ୍ର ପାତ୍ର ଭୁବନାନନ୍ଦ ମହାପାତ୍ର, ସି.ଆଇ.ଟି.ୟୁ.ର ସମ୍ପାଦକ- ରମେଶ ଜେନା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏ.ଆଇ.ୟୁ.ଟି.ୟୁ.ସିର ସାଧାରଣ ସମ୍ପାଦକ-ଜୟସେନ ମେହେର, ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁର ସାଧାରଣ ସମ୍ପାଦକ- ମହେନ୍ଦ୍ର ପରିଡ଼ା ଓ ବଂଶୀଧର ପରିଡ଼ା, ଟିୟୁସିସିର ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର, ଲକ୍ଷ୍ମୀଦୋରା, ଏଲପିଏଫର ସାଧାରଣ ସମ୍ପାଦକ - ମନୋରଞ୍ଜନ ମହାରଣା ଓ ମଧୁସୁଦନ , ଏଓଇପିଏଫ୍‌ଏର କାର୍ଯ୍ୟକାରୀ ସଭାପତି-ପ୍ରଫୁଲ କୁମାର ଦାସ ଯୋଗଦାନ କରିଥିଲେ। ଏହି ସମସ୍ୟାକୁ ସମାଧାନ କରାନଗଲେ ଆଗକୁ ଶ୍ରମିକ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତାମାନେ ଚେତାବନୀ ଦେଇଥିଲେ।

## କଳାକୃତି ମାଧ୍ୟମରେ ରତ୍ନ ଭଣ୍ଡାର ଖୋଲିବାକୁ ଅନୁରୋଧ

**ଭୁବନେଶ୍ୱର,୩।୭ (ମହାଭାରତ) :** କଳାକୃତି ମାଧ୍ୟମରେ ରତ୍ନ ଭଣ୍ଡାର ଖୋଲିବାକୁ ଅନୁରୋଧ କଲେ ଯୁବ କଳାକାର। ଆଇସକ୍ରିମ କାଠିରେ ତିଆରି ହୋଇଛି ସୁନ୍ଦର କଳାକୃତି। ଏହି କଳାକାର ଜଣକ ହେଉଛନ୍ତି ବିଶ୍‌ଜିତ ନାୟକ। ଯିଏକି ବି-ଟେକ ତୃତୀୟ ବର୍ଷ ଇଲୋକ୍ଟ୍ରୋନିକସ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢୁଛନ୍ତି। ସେ ନୂଆ। ଆଇସକ୍ରିମ କାଠିରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଗୋଟିଏ ହସ୍ତଶିଳ୍ପ କରିଛନ୍ତି।

ସେ କଳାକୃତି ମାଧ୍ୟମରେ ରତ୍ନ ଭଣ୍ଡାର ଖୋଲାଯିବା ପାଇଁ ଅନୁରୋଧ କରିଛନ୍ତି। ତେବେ ଏହି କଳାକୃତି କରିବା ପାଇଁ ତାଙ୍କୁ ୩ ଦିନ ସମୟ ଲାଗିଥିଲା ବେଳେ କଳାକୃତିରେ ରଙ୍ଗ, ଅଠା ଓ ନୂଆ। ଆଇସକ୍ରିମ କାଠି ବ୍ୟବହାର କରାଯାଇଛି। ଏହାର ଉଚ୍ଚତା ୮ ଇଞ୍ଚ ଓ ପ୍ରସ୍ଥ ୨୦ ଇଞ୍ଚ ହୋଇଥିଲା ବେଳେ ଏଥିପାଇଁ ୪୭୫ ଆଇସକ୍ରିମ କାଠି ବ୍ୟବହାର ହୋଇଥିବା କହିଛନ୍ତି ଯୁବ କଳାକାର ବିଶ୍ୱଜିତ।

# କେଜ୍ରିୱାଲଙ୍କ ଦୁଃଖ

ଦିଲ୍ଲୀ ସରକାରଙ୍କ ମଦନୀତି ନିର୍ଦ୍ଧାରଣରେ ଦୁର୍ନୀତି ଅଭିଯୋଗ ଆଧାରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବେ ତିହାର ଜେଲରେ ବିଚାରାଧିନ କଏଦୀ ଭାବେ ଜୀବନ ବିତାଉଛନ୍ତି। ଗତ ମାର୍ଚ୍ଚ ମାସରେ କେଜରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗିରଫ କରାଯାଇଥିଲା। ଇଡି ପକ୍ଷରୁ ତାଙ୍କ ବିରୋଧରେ ମନି ଲଣ୍ଡରିଂ ବା ବେଆଇନ ଅର୍ଥ କାରବାର ଅଭିଯୋଗରେ ମାମଲଶ ରୁଜୁ ହୋଇଛି। ୫୦ ଦିନ କାଳ ତିହାର ଜେଲରେ ରହିବା ପରେ ସୁପ୍ରିମକୋର୍ଟ ତାଙ୍କୁ କେବଳ ନିର୍ବାଚନ ପ୍ରଚାର ନିମନ୍ତେ ୨୧ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ନିର୍ବାଚନ ପ୍ରଚାର ଶେଷ ହେବା ପରେ ସେ ପୁଣି ଜେଲକୁ ଫେରିଥିଲେ। ଏବେ ସମାନ ମାମଲାରେ ସିବିଆଇ ତାଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଛି। ଜେଲ ଯିବା ପୂର୍ବରୁ କେଜରିୱାଲଙ୍କୁ ସିବିଆଇ ତିନିଦିନ ଲାଗି ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ ପୁନର୍ବାର ତିହାରକୁ ଫେରିବାକୁ ପଡ଼ିଛି। ସିବିଆଇର ଅଭିଯୋଗ ହେଲା ଜେରା ବେଳେ କେଜରିୱାଲ ବିଭିନ୍ନ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଉ ନାହାଁନ୍ତି ବା ତଦନ୍ତରେ ସହଯୋଗ କରୁ ନାହାଁନ୍ତି। ଅଭିଯୋଗ ହେଲା ୨୦୨୦ରେ କରୋନା ମହାମାରୀ ବେଳେ ଦିଲ୍ଲୀ ସରକାର ଏକ ମଦ ନୀତି ନିର୍ଦ୍ଧାରଣ କରିଥିଲେ। ଏହି ନୀତି ପରେ ଅବଶ୍ୟ ଖାରଜ ହୋଇଛି। କିନ୍ତୁ ଏଥିରେ ବଡ଼ ଧରଣର କିକି ବ୍ୟାକ ହୋଇଥିଲା ବୋଲି ସନ୍ଦେହ କରାଯାଉଛି। ନୂଆ ନୀତିରେ ମଦ ବେପାରୀଙ୍କୁ ୫ ପ୍ରତିଶତ ବଦଳରେ ୧୨ ପ୍ରତିଶତ ଲାଭ (ପ୍ରଫିଟ ମାର୍ଜିନ) ମିଳିଥାଆନ୍ତା। ଏଥିଲାଗି ଅନେକ ମଦ ବେପାରୀ ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଛି। ଏହାର ଚେର ତେଲେଙ୍ଗାନା ପର୍ଯ୍ୟନ୍ତ ଲମ୍ବିଛି। ତେଲେଙ୍ଗାନାର ତତ୍କାଳୀନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ଭଉଣୀ କେ କବିତାଙ୍କୁ ଇଡି ବାନ୍ଧିଛି। କୋର୍ଟରେ କେଜରିୱାଲଙ୍କ ଜାମିନ ଆବେଦନ ଉପରେ ଶୁଣାଣୀ ବେଳେ ତାଙ୍କ ଓକିଲ କହିଥିଲେ ଯେ, ତାଙ୍କ ବିରୋଧରେ ଅଭିଯୋଗର କୌଣସି ପ୍ରମାଣ ଏ ଯାବତ ସିବିଆଇ ବା ଇଡି ଦାଖଲ କରିପାରିନାହିଁ। କେବଳ ସନ୍ଦେହ ଏବଂ ଅଭିଯୋଗ ଆଧାରରେ କାହାକୁ ଅଧିକ ଦିନ ଜେଲରେ ଅଟକ ରଖାଯାଇପାରିବ ନାହିଁ। ଆପ ପକ୍ଷରୁ ଏହି ଗିରଫଦାରୀକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ପ୍ରତିହିଂସାମୂଳକ ବୋଲି କୁହାଯାଇଛି। କେଜରିୱାଲଙ୍କ ଗିରଫଦାରୀ ବିରୋଧରେ ଆପ ଆନ୍ଦୋଳନ କରୁଛି। କିନ୍ତୁ କେଜରିୱାଲଙ୍କ ଗିରଫ ରାଜନୈତିକ ନୁହେଁ। ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରହିଛି। ସେ ଏକପ୍ରକାର ଧର୍ତ୍ତବ୍ୟ ଅପରାଧରେ ସମ୍ପୃକ୍ତ। ସତୁରୀ ଦଶକରେ ଯେପରି ମିଶା ଆଇନ ବଳରେ ନେତାଙ୍କୁ ଜେଲ ପଠାଯାଉଥିଲା, କେଜରିୱାଲଙ୍କ କ୍ଷେତ୍ରରେ ତାହା ହୋଇନି। ଏକଥା ସତ୍ୟ ଯେ, ସିବିଆଇ ଏବଂ ଇଡି ଏ ପର୍ଯ୍ୟନ୍ତ ଅଭିଯୋଗର ଠୋସ ପ୍ରମାଣ ଉପସ୍ଥାପନ କରିପାରିନାହାଁନ୍ତି। ଯଦି ସିବିଆଇ ଏବଂ ଇଡି ନିର୍ଦ୍ଧାରିତ ସମୟ ସୁଦ୍ଧା ଦୁର୍ନୀତି ଅଭିଯୋଗର ପ୍ରମାଣ ଉପସ୍ଥାପନ କରିବାରେ ବିଫଳ ହୁଅନ୍ତି ତେବେ ଅଭିଯୁକ୍ତଙ୍କୁ ତୁରନ୍ତ ଜେଲରୁ ଖଲାସ ସହିତ ତଦନ୍ତକାରୀ ଅଧିକାରୀଙ୍କୁ କାଠଗଡ଼ାରେ ଠିଆ କରାଯିବା ଉଚିତ। ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ମଧ୍ୟ ଦେଢ଼ ବର୍ଷ ହେବ ବିନା ପ୍ରମାଣରେ ଜେଲରେ ଅଛନ୍ତି। ଏବେ ସମୟ ଆସିଛି ସୁପ୍ରିମକୋର୍ଟ ତଦନ୍ତକାରୀ ସଂସ୍ଥାକୁ ପ୍ରମାଣ ଉପସ୍ଥାପନ ଲାଗି ନିର୍ଦ୍ଦେଶ ଦିଅନ୍ତୁ। ଅନ୍ୟ ପକ୍ଷରେ ଦୀର୍ଘଦିନ ହେବ ଜଣେ ମୁଖ୍ୟମନ୍ତ୍ରୀ ଜେଲରେ ରହିବା ବାସ୍ତବରେ ଲଜ୍ଜାଜନକ। ମୁଖ୍ୟମନ୍ତ୍ରୀ ଜେଲରେ ରହି କିପରି ଶାସନ କରିବେ ? ଦିଲ୍ଲୀରେ ଅନେକ ସମସ୍ୟା ରହିଛି। ରାଜଧାନୀରେ ଉତ୍କଟ ପାନୀୟ ଜଳ ସମସ୍ୟା ରହିଛି। ବର୍ଷାରେ ଦିଲ୍ଲୀ ମହାନଗରୀ ଏବେ ଉବୁଟୁବୁ। ବିଜୁଳି ଯୋଗାଣ ବ୍ୟାହତ। ଦରଦାମ ବେଲଗାମ। ଏସବୁର ସମାଧାନ ପାଇଁ ଏକ ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଛି। ତିହାରରେ ରହି ଜଣେ ମୁଖ୍ୟମନ୍ତ୍ରୀ ଏହା କରିପାରିବେ ନାହିଁ। ତେଣୁ ମନିଷ ସିସୋଦିଆଙ୍କ ଭଳି କେଜରିୱାଲ ମଧ୍ୟ ମୁଖ୍ୟମନ୍ତ୍ରୀ ପଦରୁ ତୁରନ୍ତ ଇସ୍ତଫା ଦେବା ଉଚିତ। କେଜରିୱାଲଙ୍କ ଭଳି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଥିଲେ। କିନ୍ତୁ ସେ ଗିରଫ ହେବା ପୂର୍ବରୁ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ମୁଖ୍ୟମନ୍ତ୍ରୀ ପଦକୁ କଳଙ୍କିତ ନକରିବା ଲାଗି ସେ ଏହି ପଦକ୍ଷେପ ନେଇଥିଲେ। ତାଙ୍କଠାରୁ କେଜରିୱାଲ ଶିଖିବା ଉଚିତ। ନୈତିକତା ଦୃଷ୍ଟିରୁ ଏବଂ ଦିଲ୍ଲୀବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେବା ଉଚିତ। କୋର୍ଟରେ ଦୋଷମୁକ୍ତ ହେଲେ ସେ ପୁଣି କ୍ଷମତାକୁ ଫେରିବାରେ କିଛି ଅସୁବିଧା ନାହିଁ।

# ପୂର୍ଣ୍ଣବ୍ରହ୍ମ ଶ୍ରୀ ଜଗନ୍ନାଥ

॥ ପୁଷ୍ପମିତ୍ର ମହାପାତ୍ର ॥

ଜଗନ୍ନାଥ ସଂସ୍କୃତି, ଇତିହାସ କହିଲେ ଜଗନ୍ନାଥଙ୍କ ଇତିହାସ । ଶ୍ରୀ ଜଗନ୍ନାଥ ହିଁ କେବଳ ସୁପ୍ରସିଦ୍ଧ ଓଡ଼ିଶା ବାସୀଙ୍କ ଧର୍ମ ଓ ବିଶ୍ୱାସର ପ୍ରାଣକେନ୍ଦ୍ର । ସେ ଓଡ଼ିଶା ବାସୀଙ୍କ ଦୃଷ୍ଟିରେ ମଦନ ସୁନ୍ଦର ନୁହଁନ୍ତି; କାଳିଆ । ପଦ୍ମଲୋଚନ ନୁହନ୍ତି; ଚକାଡୋଳା । ଚତୁର୍ଭୁଜ ନୁହନ୍ତି; ବଳିଆର ଭୁଜ । ଏ ଦେଶରେ ଶୈବ, ସୌର, ଶାକ୍ତ, ଜୈନ, ବୌଦ୍ଧ, ଗାଣପତ୍ୟ ଓ ବୈଷ୍ଣବ ପ୍ରଭୃତି କେତେକେତେ ଧର୍ମବାଦର ବନ୍ୟା ପ୍ଲାବିତ ହୋଇ କେତେକେତେ ଧର୍ମଗୁରୁ ଓ ମତପ୍ରଚାରକ ଆସି ସ୍ୱସ୍ୱ ମତବାଦ ପ୍ରଚାର କରି ଯାଇଛନ୍ତି, ତଥାପି କେହି ଜଗନ୍ନାଥଙ୍କୁ ନିଜର କରିପାରିନାହାନ୍ତି । ଦାରୁକୁ ପଥର କରି ପାରିନାହାନ୍ତି କିମ୍ବା ରୂପରେ କୌଣସି ପରିବର୍ତ୍ତନ ଘଟାଇ ପାରିନାହାନ୍ତି କିନ୍ତୁ ଯାହାକିଛି ନୂତନ, ଯାହା କିଛି ଗ୍ରାହ୍ୟବୋଲି ତତ୍କାଳୀନ ଜନତାର ମନରେ ସ୍ୱତଃସିଦ୍ଧ ହୋଇଛି, ସେ ସବୁକୁ ଜଗନ୍ନାଥଙ୍କ ପୂଜାବିଧିରେ ଖଞ୍ଜିଦିଆଯାଇଛି । ଏଣୁ ପ୍ରାଚୀନ ତମ ଧର୍ମୀୟ ପରମ୍ପରାରୁ ଆରମ୍ଭକରି ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମ ପର୍ଯ୍ୟନ୍ତ ସବୁଧର୍ମର ପୂଜାବିଧି ଜଗନ୍ନାଥଙ୍କ ପୂଜାରେ ପ୍ରଚଳିତ । ଦୁଇ ବାହୁ ପ୍ରସାରଣ ପୂର୍ବକ ଜଗନ୍ନାଥ ସମସ୍ତ ଧର୍ମ ଓ ସମସ୍ତ ଦର୍ଶନକୁ ଆଲିଙ୍ଗନ କରି ନିଜର କରିନେଇଛନ୍ତି ଅଥଚ ନିଜେ ଅଚଳ ଓ ଅଟଳ ଭାବେ ଶ୍ରୀନୀଳ କନ୍ଦରରେ ପତିତପାବନ ବାନା ଉଡାଇ ରତ୍ନସିଂହାସନରେ ବିଜେ କରିଛନ୍ତି ।

ପୁରାଣ ଯୁଗରୁ ଆରମ୍ଭକରି ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଯାଏ ପୌରାଣିକ, ଐତିହାସିକ ତଥା ଧର୍ମ ଧ୍ୱଜାଧାରୀ ପଣ୍ଡିତମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଧାରଣାମାନ ପୋଷଣ କରାହୋଇଛି । ହେଲେ ଆଜିଯାଏ ସୁଦ୍ଧା କେବେ କିପରି କାହାଦ୍ୱାରା ଶ୍ରୀଜଗନ୍ନାଥଙ୍କ ପୂଜାର ପ୍ରବର୍ତ୍ତନ କରାଗଲା ସେ ବିଷୟରେ କୌଣସି ସବିଶେଷ ତଥ୍ୟ ନିଃସନ୍ଦିଗ୍ଧ ଭାବେ ପ୍ରକାଶ କରିପାରିନାହାନ୍ତି । ଖାଲି ସେତିକି ନୁହେଁ, ଜଗନ୍ନାଥ ଉପାସନା ବିଭିନ୍ନ ଧର୍ମ ମତବାଦର ସମନ୍ୱୟ ପୀଠ ରୂପେ ଗ୍ରହଣ କରିବା ପାଇଁ ଶୈବ, ଶାକ୍ତ ଓ ବୈଷ୍ଣବ ଆଦି ତିନି ସମ୍ପ୍ରଦାୟର ଏକ ମିଳିତ ପ୍ରଚେଷ୍ଟା ମଧ୍ୟ ବିଭିନ୍ନ ଶାସ୍ତ୍ରମାନଙ୍କରୁ ଦୃଷ୍ଟିଗୋଚର ହୁଏ । ଫଳରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ଯଥାକ୍ରମେ ବିଷ୍ଣୁ ଶକ୍ତି ଓ ଶିବଲିଙ୍ଗରୂପେ ଏକତ୍ର ଉପାସିତ ହୋଇ ଆସିଥିବା ଦେଖାଯାଏ । ଏହିପରି ଭାବରେ ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ ପ୍ରଭୃତି ସମସ୍ତେ ଦାରୁବ୍ରହ୍ମଙ୍କୁ ନିଜର ବୋଲି ପ୍ରମାଣିତ କରିବାକୁ ଯଥାକ୍ରମେ ଚେଷ୍ଟାକରି ଆସିଛନ୍ତି କିନ୍ତୁ ଦାରୁବ୍ରହ୍ମ କାହାରି ହୋଇନାହାନ୍ତି । ବରଂ ଏହା ଆଦିମ ଅଷ୍ଟ୍ରିକ୍-ଶବର- ଗୋଷ୍ଠୀଦ୍ୱାରା ପ୍ରଚଳିତ ବୃକ୍ଷପୂଜାର ଅବଶେଷ ଦାରୁପୂଜା ବୋଲି ପ୍ରମାଣିତ ହୋଇଛି । ଏହି ପରିପ୍ରେକ୍ଷିରେ ଦାରୁମୂର୍ତ୍ତିକୁ ସଂସ୍କୃତିର ଆଦିମ ଉତ୍ସରୂପେ ଉତ୍କଳୀୟ ଧର୍ମଧାରାରେ ବୃକ୍ଷ ଉପାସନାର ପରମ୍ପରାକୁ ଆଲୋଚନାର ପରିସର ଭୁକ୍ତ କରାଯାଇପାରେ । ଓଡ଼ିଆ ସଂସ୍କୃତିରେ ବର, ଅଶ୍ୱତ୍ଥ, ବିଲ୍ୱ, ଅଶୋକ, ଅଁଳା ଓ ତୁଳସୀବୃକ୍ଷର ଉପାସନା ବହୁ କାଳରୁ ଆଦରଲାଭ କରିଆସିଛି । ଏହି ଉପାସନା ମୁଖ୍ୟତଃ ଶବର ସଂସ୍କୃତିରୁ ଜନ୍ମଲାଭ କରିଛି । ଏଣୁ ସାଧାରଣତଃ ସେମାନେ ବୃକ୍ଷଉପାସକର ମର୍ଯ୍ୟାଦାଲାଭ କରିଛନ୍ତି । ସୌରା ସମ୍ପ୍ରଦାୟର ଶବରମାନଙ୍କ ମତରେ ଜଗତକର୍ତ୍ତା ପ୍ରଥମେ ବୃକ୍ଷ ସୃଷ୍ଟି କରିଥିଲେ । ତେଣୁ ଶବରମାନେ ବୃକ୍ଷକୁ ନିଜଗୋତ୍ରର ସଂକେତ ହିସାବରେ ପୂଜାକରିଥାଆନ୍ତି । ଶବର ବୁଝିଥିଲା ଯେ ଏ ସଂସାର ଏକ ବୃକ୍ଷ ସଦୃଶ । ମନୁଷ୍ୟର ଶରୀର ତଥା ମନ ଏକ ବୃକ୍ଷତୁଲ୍ୟ ଓ ପଞ୍ଚଇନ୍ଦ୍ରିୟମାନେ ଏହି ଶରୀର ରୂପକବୃକ୍ଷର ଶାଖାପ୍ରଶାଖା ସଦୃଶ । ଅଥର୍ବ ବେଦରେ ବୃକ୍ଷକୁ ଦେବସଦନ ବୋଲି କୁହାଯାଇଛି । ଏସବୁ କହିବାର ତାତ୍ପର୍ଯ୍ୟ ହେଉଛି, ବୃକ୍ଷ ବା ଦାରୁ ଉପାସନାର ପ୍ରାଧାନ୍ୟ ଶବର ସମ୍ପ୍ରଦାୟ ମଧ୍ୟରେ ବହୁକାଳରୁ ଚଳିଆସିଛି । ଏଥିରୁ ପ୍ରମାଣିତ ହୁଏ ଯେ ଦାରୁମୂର୍ତ୍ତି ବିକାଶର ପରମ୍ପରା ଓ ସଂସ୍କୃତି ଶାବର ସଭ୍ୟତାରୁ ଜନ୍ମଲାଭ କରିଛି । ଆଧାତ୍ମିକ ଚିନ୍ତାଧାରାର ଅପୂର୍ବ ସମନ୍ୱୟର ଫଳ ସ୍ୱରୂପ ଦାରବୀୟ ଜଗନ୍ନାଥ ଶବର ଉପାସିତ ଦାରୁଦେବତାର ରୂପାନ୍ତରିତ ହୋଇଛନ୍ତି । ଅନାର୍ଯ୍ୟ ଶବର ଦେବତା କିତୁଂ ଓ ଆର୍ଯ୍ୟମାନଙ୍କର ଜଗନ୍ନାଥ, ଯେକି ଦାରୁମୂର୍ତ୍ତି ସଂସ୍କୃତିର ପ୍ରତୀକ ସେ ଏକ ଅଭିନ୍ନ । ଏଥିରେ ସନ୍ଦେହର ଅବକାଶ ନାହିଁ ।



ଏହି ପରିପ୍ରେକ୍ଷୀରେ ଦାରୁମୂର୍ତ୍ତି ସଂସ୍କୃତିର ପ୍ରତୀକ ଶ୍ରୀ ଜଗନ୍ନାଥ ଓ ଶବର ଦେବତା ନୀଳମାଧବ ଯେ ଏକ ଅଦ୍ୱିତୀୟ ଓ ଅଭିନ୍ନ ଏହା ସର୍ବବାଦୀ ସମ୍ମତ । ତେଣୁ ଉତ୍କଳୀୟ ସଂସ୍କୃତିରେ ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ବ୍ରହ୍ମଦାରୁ ସଂସ୍କୃତିର ଉଜ୍ଜ୍ୱଳମୟ ପରମ୍ପରାକୁ ଯୁଗଯୁଗ ଧରି ବହନ କରିଆସିଛି । ଆଦିମ ଶବରମାନଙ୍କ ଉପାସିତ ଦାରୁ ପୂଜାର କ୍ରମ ବିକାଶ ଓ ପରିଣତି ଏ କ୍ଷେତ୍ରର ସର୍ବାଧିକ ସହାୟକ ହୋଇଛି । ଏହା ସୁସ୍ପଷ୍ଟ ଯେ ଆଜିର ରତ୍ନସିଂହାସନାଧିରୁଢ଼ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ପୌରାଣିକ କିମ୍ବଦନ୍ତୀର ରହସ୍ୟମୟ ନୀଳମାଧବ ପରବର୍ତ୍ତୀ କାଳରେ ଦାରୁମୂର୍ତ୍ତି ସଂସ୍କୃତିର ସାକାର ପରିକଳ୍ପା ମଧ୍ୟରେ ପ୍ରତିଷ୍ଠାଲାଭ କରିଛନ୍ତି । ଏହି ପୁରୁଷୋତ୍ତମ କ୍ଷେତ୍ରାଧିଷ୍ଠିତ ଦାରୁରୂପୀ ପ୍ରଭୁ ଶ୍ରୀଜଗନ୍ନାଥ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଏକ ବାସ୍ତବ ଭାବରେ ଶ୍ରୀକ୍ଷେତ୍ରାଧିଷ୍ଠିତ ହୋଇ ସକଳ ଗତି, ମୁକ୍ତିର ଆଧାର ରୂପେ ଅନୁଗୃହୀତ ହୋଇ ଆସିଛନ୍ତି । ସେ ସ୍ୱୟଂ ଆଦି ଅନ୍ତହୀନ ପରଂବ୍ରହ୍ମ ।

ବହୁ ପୁରାତନ କାଳରୁ ଉତ୍କଳ ଭୂମିରେ ବୈଦିକ ଧର୍ମ, ଦର୍ଶନ ବିସ୍ତାର ଲାଭ କରିଥିବା ବେଳେ କାଳକ୍ରମେ ଏହି ସନାତନ ଧର୍ମରୁ ଜାତି ପ୍ରଜାତି ଓ ବହୁ ଧର୍ମୀୟ ଧାରାକୁ ଉତ୍କଳୀୟମାନେ ଉଦାର ଚିତ୍ତରେ ସମ୍ମାନ ଦେଇ ଆସିଛନ୍ତି । ଏହି କାରଣୁ ଉତ୍କଳ ଭୂମିରେ ଜୈନ, ବୌଦ୍ଧ, ଶାକ୍ତ, ଶୈବ, ରୁଦ୍ର, ଗାଣପତ୍ୟ, ମହିମା, ଶୂନ୍ୟବାଦ ଆଦି ସବୁ ଧର୍ମ ତତ୍ତ୍ୱ ଓ ଦର୍ଶନର ମହାମିଳନ ଘଟିଛି । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଏହାର ଜ୍ୱଳନ୍ତ ଉଦାହରଣ । ଭଗବତ୍ ଆରାଧନା ଯଦି ଆତ୍ମାକୁ ମାଟିର ମାୟାଠାରୁ ଉର୍ଦ୍ଧ୍ୱଗାମୀ କରୁଥାଏ ତେବେ ସେଇ ପରମାତ୍ମାଙ୍କର ସ୍ୱରୂପ ଚିନ୍ତନ ଓ ଅର୍ଚ୍ଚନା ପାଇଁ ଆବ୍ରାହ୍ମଣ ଚଣ୍ଡାଳ ସମସ୍ତଙ୍କ ମୌଳିକ ଅଧିକାରକୁ ଏହି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ସ୍ୱିକୃତୀ ପ୍ରଦାନ କରିଆସିଛି । ଉତ୍କଳର ସାଂସ୍କୃତିକ ପ୍ରବାହରେ ମାନବିକ ପ୍ରାଣୋଚ୍ଛ୍ୱାସର ଭକ୍ତବତ୍ସଳ ପ୍ରଭୁ ଶ୍ରୀ ଜଗନ୍ନାଥ, ସଂସ୍କୃତିର ମହାପ୍ରବାହକୁ ଉଜ୍ଜିବୀତ କରିବାପାଇଁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ଉଦ୍‌ଗ୍ରୀବ ଭକ୍ତମାନଙ୍କ ଗହଣକୁ । ବିସ୍ମୟ ଓ ବିସ୍ଫାରିତ ନୟନରେ ବିଶାଳ ବାହୁ ବିସ୍ତାର କରି ଆପଣାର କରିନିଅନ୍ତି ସମସ୍ତ ଭକ୍ତଜନଙ୍କୁ । ଏହିଠାରେ ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ଥାପିତ ହୋଇଥାଏ ଅପୂର୍ବ ସମନ୍ୱୟର ସେତୁ । ଏହି ସମନ୍ୱୟ ସଂସ୍କୃତିର ଅମୃତ ଝଙ୍କାରରେ କେବଳ ଓଡ଼ିଶା ନୁହେଁ, କି ଭାରତ ବର୍ଷନୁହେଁ ସମଗ୍ର ସୃଷ୍ଟିର ଜନଜୀବନକୁ ଯୁଗଯୁଗ ଧରି ଗଭୀର ଭାବଗତ ସ୍ତରରେ ଏକାତ୍ମ କରିଦିଏ। ଶ୍ରୀଜଗନ୍ନାଥଙ୍କ ଶରଣ ନେଲେ ଜୀବନ ଜଗନ୍ନାଥମୟ ହୋଇଥାଏ। ପ୍ରତ୍ୟେକ ଦୃଶ୍ୟରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିହୁଏ। ପ୍ରତ୍ୟେକ ଚିନ୍ତାରେ ସେ ଚିନ୍ତାମଣି ଜଗନ୍ନାଥଙ୍କୁ ଉପଲବ୍ଧ କରିହୁଏ ତାହା ହିଁ ଜୀବନର ସାର୍ଥକତା ଏବଂ ପରିପୂର୍ଣ୍ଣତା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
E-mail : puspamitramohapatra18@gmail.com

*ପୁରାଣ ଯୁଗରୁ ଆରମ୍ଭକରି ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଯାଏ ପୌରାଣିକ, ଐତିହାସିକ ତଥା ଧର୍ମ ଧ୍ୱଜାଧାରୀ ପଣ୍ଡିତମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଧାରଣାମାନ ପୋଷଣ କରାହୋଇଛି । ହେଲେ ଆଜିଯାଏ ସୁଦ୍ଧା କେବେ କିପରି କାହାଦ୍ୱାରା ଶ୍ରୀଜଗନ୍ନାଥଙ୍କ ପୂଜାର ପ୍ରବର୍ତ୍ତନ କରାଗଲା ସେ ବିଷୟରେ କୌଣସି ସବିଶେଷ ତଥ୍ୟ ନିଃସନ୍ଦିଗ୍ଧ ଭାବେ ପ୍ରକାଶ କରିପାରିନାହାନ୍ତି । ଖାଲି ସେତିକି ନୁହେଁ, ଜଗନ୍ନାଥ ଉପାସନା ବିଭିନ୍ନ ଧର୍ମ ମତବାଦର ସମନ୍ୱୟ ପୀଠ ରୂପେ ଗ୍ରହଣ କରିବା ପାଇଁ ଶୈବ, ଶାକ୍ତ ଓ ବୈଷ୍ଣବ ଆଦି ତିନି ସମ୍ପ୍ରଦାୟର ଏକ ମିଳିତ ପ୍ରଚେଷ୍ଟା ମଧ୍ୟ ବିଭିନ୍ନ ଶାସ୍ତ୍ରମାନଙ୍କରୁ ଦୃଷ୍ଟିଗୋଚର ହୁଏ । ଫଳରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ଯଥାକ୍ରମେ ବିଷ୍ଣୁ ଶକ୍ତି ଓ ଶିବଲିଙ୍ଗରୂପେ ଏକତ୍ର ଉପାସିତ ହୋଇ ଆସିଥିବା ଦେଖାଯାଏ । ଏହିପରି ଭାବରେ ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ ପ୍ରଭୃତି ସମସ୍ତେ ଦାରୁବ୍ରହ୍ମଙ୍କୁ ନିଜର ବୋଲି ପ୍ରମାଣିତ କରିବାକୁ ଯଥାକ୍ରମେ ଚେଷ୍ଟାକରି ଆସିଛନ୍ତି କିନ୍ତୁ ଦାରୁବ୍ରହ୍ମ କାହାରି ହୋଇନାହାନ୍ତି । ବରଂ ଏହା ଆଦିମ ଅଷ୍ଟ୍ରିକ୍-ଶବର-ଗୋଷ୍ଠୀଦ୍ୱାରା ପ୍ରଚଳିତ ବୃକ୍ଷପୂଜାର ଅବଶେଷ ଦାରୁପୂଜା ବୋଲି ପ୍ରମାଣିତ ହୋଇଛି ।*

# ଅଣ ଓଡ଼ିଆ କଣ୍ଠରେ ଜଗନ୍ନାଥ

॥ ଅନୁପମା ଭୂୟାଁ ॥

'ମାଧବ ହେ ମାଧବ ମୁଠେ ଚାଉଳରେ ପେଟ ପୂରେ ମୋର ଖଣ୍ଟୁଆ ପାଟରେ ନାହିଁ ମୋ ଲୋଭ'। ଏହି ହୃଦୟସ୍ପର୍ଶୀ ଭଜନକୁ ଗାନ କରିଥିଲେ ଅନୁପ ଜଲୋଟା। ଜଗନ୍ନାଥଙ୍କୁ ଦର୍ଶନ କରିବା ସମୟରେ ହେଉ ଅବ ସ୍ମରଣ କରିବା ବେଳେ କାନରେ ବାରମ୍ବାର ଶୁଣାଯାଏ ଅରୁଣ ମନ୍ତ୍ରୀଙ୍କ ରଚିତ ତଥା ବେଶ୍ ଲୋକପ୍ରିୟ ଏହି ଭଜନ। ଭଜନ ପାଇଁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରିଥିବା ଅନୁପ ଜଲୋଟା ଏହି ଭଜନ ପାଇଁ କଣ୍ଠଦାନ କରିଥିଲେ। ଆଜିଯାଏ ଏହି ହୃଦୟସ୍ପର୍ଶୀ ମାର୍ମିକ ଗୀତଟି କୋଟି କୋଟି ଓଡ଼ିଆ ଓ ଜଗନ୍ନାଥ ଶ୍ରଦ୍ଧାଳୁଙ୍କ ଭିତରେ ଭାବଧାରାକୁ ଜାଗରିତ କରିଥାଏ। ପ୍ରାୟ ଭଜନ ସନ୍ଧ୍ୟାରେ ଏହି ଗୀତ ଶୁଣିବାକୁ ମିଳିଥାଏ। ଅନୁପ ଗାଇଥିବା ଅନ୍ୟ କେତୋଟି ଲୋକପ୍ରିୟ ଓଡ଼ିଆ ଜଗନ୍ନାଥ ଭଜନ ମଧ୍ୟରେ ରହିଛି, 'ପାପର ମଇଳା ଚାଦର ଘୋଡ଼ି....', 'କାଳିଆ ଠାକୁର ମୋ କାଳିଆ ଠାକୁର...', 'ରାଧା ପଚାରିଲେ କହରେ ମୁରଲୀ.....' ଆଦି ଭଜନ। ଭଜନ କ୍ଷେତ୍ରରେ ନିଜର ସ୍ମରଣୀୟ ଅବଦାନ ପାଇଁ ଅନୁପଙ୍କୁ ଭଜନ ସମ୍ରାଟ ଭାବରେ ଅଭିହିତ କରାଯାଇଥାଏ। ଭଜନ ଏବଂ ଗଜଲ ଗାଇ ନିଜର ସ୍ୱାତନ୍ତ୍ର ସୃଷ୍ଟି କରିଥିବା ଏହି ବିଶିଷ୍ଟ କଣ୍ଠଶିଳ୍ପୀଙ୍କୁ ଭାରତ ସରକାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି।

'ତୋ ଆଗରେ କିଛି ଧୂପ....,' ଏହି ଆତ୍ମ ନିବେଦନଭରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନକୁ ଗାନ କରିଥିଲେ ସୋନୁ ନିଗମ। କେବଳ ହିନ୍ଦୀ ନୁହେଁ, ବଙ୍ଗଳା, କନ୍ନଡ, ଗୁଜୁରାଟୀ, ତାମିଲ, ମରାଠୀ, ତୁଲୁ, ଅସମୀୟା, ନେପାଳୀ, ଆଦି ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଗୀତ ଗାଇ ବେଶ ଲୋକପ୍ରିୟ ହୋଇଛନ୍ତି ସୋନୁ ନିଗମ। ଆଶ୍ଚର୍ଯ୍ୟର କଥା ହେଲା ଯେ ତାଙ୍କୁ ଯେତେବେଳେ ମାତ୍ର ୪ ବର୍ଷ ହୋଇଥିଲା ସେତେବେଳେ ସେ ଷ୍ଟେଜ୍‌ରେ ଗୀତ ଗାଇବା ଆରମ୍ଭ କରିଥିଲେ। ଅନେକ ହିନ୍ଦୀ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରିଥିବା ଏହି ଗାୟକ ମଧ୍ୟ ବେଶ କେତୋଟି ହିଟ୍ ଜଗନ୍ନାଥ ଭଜନ ଲାଗି ସ୍ୱର ଦେଇ ଅସଂଖ୍ୟ ଓଡ଼ିଆ ଶ୍ରୋତାଙ୍କୁ ପ୍ରଭାବିତ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି 'ଜନମି ଥିଲି ମୁଁ ଶ୍ରୀଗୁଣ୍ଡିଚା ଦିନ ମରିବି ମୁଁ ବାହୁଡ଼ାରେ', 'ଚନ୍ଦନ ମାଖିଲେ ଗୋରା ହୋଇଯିବ କି', 'ସୁନା ଖଡ଼ିକା ମୋ କି ହେବ କାଳିଆ' ଏବଂ 'ଆଲୋ ମିତଣି' ପରି ଭଜନ।

'ତୋ ରଥ ଟାଣୁ ଟାଣୁ.....' କୋଟି ଓଡ଼ିଆଙ୍କ ଏହି ପ୍ରିୟ ଭଜନକୁ ଗାଇଛନ୍ତି ଭାରତର ବିଶିଷ୍ଟ ସୁନାମଧନ୍ୟ କଣ୍ଠଶିଳ୍ପୀ ମହମ୍ମଦ ଅଜିଜ୍। ଅଣ ଓଡ଼ିଆ ହୋଇ ମଧ୍ୟ ଓଡ଼ିଆ ଭାଷାରେ ସେ ଜଣେ ପରିଚିତ କଣ୍ଠଶିଳ୍ପୀ ଭାବରେ ପରିଚିତ। ସେ ଗାଇଥିବା କେବଳ ଓଡ଼ିଆ ଚଳଚ୍ଚିତ୍ର ଗୀତ ନୁହେଁ ଭଜନଗୁଡ଼ିକ ଶ୍ରୋତାଙ୍କ ମନରେ ଏବେ ମଧ୍ୟ ସତେଜ ହୋଇ ରହିଛି। ତାଙ୍କ କଣ୍ଠରେ 'ଦିନରେ ସୁରୁଜ ରାତିରେ ତାରା...', 'ତୋ ରଥ ଟାଣୁ ଟାଣୁ....', 'ତୋ ବାହୁଡ଼ାରେ କାଳିଆରେ....', 'ତୋ ଭଙ୍ଗା ଦେଉଳ ଭାଙ୍ଗିଗଲା ପରେ....', 'ମୋତେ କରିଦେ କରିଦେ ନନ୍ଦ ଲାଲା...' ପରି ଭଜନ ବେଶ ଲୋକପ୍ରିୟ। ତେବେ ଅଜିଜ୍‌ଙ୍କ ପ୍ରକୃତ ନାମ ହେଲା ସୟଦ ମହମ୍ମଦ ଅଜିଜ୍। ସେ ମଧ୍ୟ ମୁନ୍ନା ଅଜିଜ୍ ଭାବରେ ପରିଚିତ। ଏହି ଗାୟକ ପ୍ରଥମେ ବଙ୍ଗଳା ଗୀତ ପାଇଁ କଣ୍ଠଦାନ କରିଥିଲେ। କଲ୍ୟାଣଜୀ ଆନନ୍ଦଜୀ, ଲକ୍ଷ୍ମୀକାନ୍ତ ପ୍ୟାରେଲାଲ, ଆର.ଡ଼ି.ବର୍ମନ, ନୌସାଦ, ଓ.ପି.ନାୟାର, ବାପି ଲାହିରି, ରାଜଶେ ରୋସନ, ଉଷା ଖାନ୍ନା, ଆନନ୍ଦ ମିଲିନ୍ଦ, ନଦିମ ଶ୍ରବଣ, ଜତିନ ଲଳିତ, ଅନୁ ମଲ୍ଲିକ ଏବଂ ଆଦେଶ ଶ୍ରୀବାସ୍ତବଙ୍କ ପରି ନାମୀ ସଙ୍ଗୀତ ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱର ହୋଇଥିବା ଗୀତ ପାଇଁ କଣ୍ଠଦାନ କରି ମହମ୍ମଦ ଅଜିଜ୍ ଭାରତରେ ମଧ୍ୟ ନିଜ ଲୋକପ୍ରିୟତାକୁ ଏବେ ମଧ୍ୟ ବଜାୟ ରଖିଛନ୍ତି।

'ସିନ୍ଦୁର ନାଉଚି ରାଧା ଆଇନା ଦେଖି....', ଏହି ଜଗନ୍ନାଥଙ୍କ ଭକ୍ତି ସମର୍ପିତ ଭଜନକୁ ଗାଇଥିଲେ ସୁରେଶ ୱାଡ୍ରେକର। ସୁରେଶ ୱାଡ୍ରେକର ଜଣେ ଅନ୍ୟତମ ଲୋକପ୍ରିୟ ଗାୟକ। କେବଳ ହିନ୍ଦୀ ନୁହେଁ, ମରାଠୀ ଏବଂ ଅନ୍ୟ ପ୍ରାନ୍ତୀୟ ଭାଷାରେ ରଚିତ ଗୀତ ପାଇଁ କଣ୍ଠଦାନ କରିଛନ୍ତି। ସେ ଗାଇଥିବା ଓଡ଼ିଆ ଗୀତର ଲୋକପ୍ରିୟତା ମଧ୍ୟ କିଛି କମ୍ ନୁହେଁ। ଓଡ଼ିଆ ଭାଷାରେ ରଚିତ ଜଗନ୍ନାଥ ଭଜନ ପାଇଁ କଣ୍ଠଦାନ କରି ସୁରେଶ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ସେ କଣ୍ଠଦାନ କରିଥିବା ହିଟ୍ ଜଗନ୍ନାଥ ଭଜନ ମଧ୍ୟରେ ରହିଛି 'ତୋ ଭକତ ତାଲିକାରୁ ମୋ ନାମଟି କାଟିଦେ....', 'ଲୋ ରାଧା ଲୋ ରାଧା....', 'ସିନ୍ଦୁର ନାଉଚି ରାଧା ଆଇନା ଦେଖି.....', 'ମୋ ଚାଳ ଛପର ଉଡିବା ପୂର୍ବରୁ....', 'ସକାଳ ପ୍ରଣାମ ଘେନ ହେ ଚକା ନୟନ...', 'ନେ ରେ କାଳିଆ ନେ...' ଆଦି ଭଜନ। 'କେରି କେରି ସୁନା ଦୁବ ଲୋ ସଜନୀ, କେରି କେରି ସୁନା ଦୁବ, ଶ୍ରୀଜଗନ୍ନାଥଙ୍କୁ ସୁମରଣ କଲେ ସବୁ ଅନୁକୂଳ ହୁଏ ଶୁଭ....' ବିଖ୍ୟାତ ଓଡ଼ିଆ ନିର୍ଦ୍ଦେଶକ ସରୋଜ ନନ୍ଦଙ୍କ ପ୍ରସ୍ତୁତିରେ ଏହି ଲୋକପ୍ରିୟ ଭକ୍ତିଭରା ଶ୍ରୀଜଗନ୍ନାଥଙ୍କ ଭଜନ ଗାଇଛନ୍ତି ବିଖ୍ୟାତ କଣ୍ଠଶିଳ୍ପୀ ଅନୁରାଧା ପୋଡ଼ୱାଲ୍। ଏହି ଲୋକପ୍ରିୟ ହୃଦୟସ୍ପର୍ଶୀ ଜଗନ୍ନାଥଙ୍କ ଭଜନ ଓଡ଼ିଶାର ଘରେ ଘରେ ତାର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିବାରେ ସମର୍ଥ ହୋଇଛି। ଏଯାବତ୍ ଏହି ଗୀତଟି ଚିର ସୁନ୍ଦର, ଚିର ସବୁଜ ପରି ଏବେ ବି ଶୁଣିଲେ ନୂଆ ନୂଆ ଲାଗେ। ଅନେକ ପାଠକ ହୁଏତ ଜାଣିନଥିବେ ଲତା ମଙ୍ଗେସକରଙ୍କ ପରେ ସଙ୍ଗୀତରେ ଡି.ଲିଟ୍ ହାସଲ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ପ୍ରଚ୍ଛଦପଟ ଗାୟିକା। ଅନୁରାଧା ପ୍ରାୟ ୯୦୦୦ ପାଖାପାଖି ହିନ୍ଦୀଗୀତ ପାଇଁ କଣ୍ଠ ଦାନ କରିଛନ୍ତି। କେବଳ ସେତିକି ନୁହେଁ, ସହସ୍ରାଧିକ ଭଜନ ଗାଇ ସେ ନିଜକୁ ଜଣେ ଲୋକପ୍ରିୟ ଭଜନ ଗାୟିକା ଭାବରେ ଦେଶବିଦେଶରେ ପରିଚିତ କରାଇ ପାରିଛନ୍ତି। ସେ ଗାଇଥିବା ଜଗନ୍ନାଥ ଭଜନଗୁଡ଼ିକ ଏବେ ମଧ୍ୟ ଅନେକ ଶ୍ରୋତା ଗୁଣୁଗୁଣେଇ ହୋଇଥାଆନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି - 'କାଳିଆ ମୋ ଦେହେ ବୋଲିଦେ ତୋ ଦେହ କଳା....', 'କାଳିଆରେ ମନ ବୋଲି କିଛି ନାହିଁ....', 'ଆଖି ଦୁଇ ଯଦି ହବୁରେ....', 'ଏ ପାଖେ ଭାଇ ସେ ପାଖେ ଭାଇ...', 'ବରଷକ ବାର ମାସ...', 'ଛଅ ଖଣ୍ଡ କାଠରେ ହେବ ସବାରି....', 'କଳା ଠାକୁର...', 'କାଳିଆ ପାଖକୁ ଯାଇଥିଲି....' ଏବଂ 'ମୁଁ ଯେ ଲାଜରେ ଚାହିଁ ପାରୁନି ତୋ କଳା ମୁହଁକୁ....' ଆଦି ଭଜନ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କର। ପବିତ୍ର ପତିତପାବନ ବା ଘୋଷଯାତ୍ରାରେ ସମସ୍ତଙ୍କୁ କୋଳେଇ ନେବା ପାଇଁ ରତ୍ନବେଦୀରୁ ଓହ୍ଲାଇ ଥାଆନ୍ତି ଅଗଣିତ ଭକ୍ତଜନଙ୍କୁ କୃପା ପ୍ରଦାନ ପାଇଁ। କେବଳ ଓଡ଼ିଆ ନୁହଁନ୍ତି ଅନେକ ପ୍ରଥିତଯଶା ସୁନାମଧନ୍ୟ କଣ୍ଠଶିଳ୍ପୀ, ଅଗଣିତ ଶ୍ରୀଜଗନ୍ନାଥଙ୍କ ଭଜନଗାଇ ନିଜକୁ ଗୌରାବାନ୍ୱିତ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ପାଇଛନ୍ତି।

'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୯୩୭୫୮୧୭୦୭ / ୮୯୨୬୨୮୧୭୦୭
ର-ଜ୍ଞବସକ୍ଷ :
ବଭଙ୍କକ୍ସବଙ୍କବ୧୨୩ଭଷଙ୍କଙ୍ଗବଭଅଶଙ୍କବସକ୍ଷ.ମକ୍ସଙ୍କ

# ରଥଯାତ୍ରା ଭିଡ଼କୁ ଯିବାକୁ ଭୟ କରୁଛନ୍ତି ?

॥ ଡାକ୍ତର ସମ୍ରାଟ କର ॥

ମାନୁ ମାଉସୀଙ୍କୁ ମୁଁ ନବକଳେବର ପୁରୀ ରଥଯାତ୍ରା ଦେଖିଯିବାକୁ କହିଲି । ସେ ମୋତେ ବହୁତ ଭଲ ପାଆନ୍ତି । ମା', ଖୁଡ଼ୀ ସମସ୍ତଙ୍କୁ ନେଇ ପୁରୀ ନବକଳେବର ରଥଯାତ୍ରା ଦେଖାଇବାର ଇଚ୍ଛା ମୋର ଅଛି । ମାନୁ ମାଉସୀଙ୍କୁ ଡାକିବାରୁ ସେ ମନା କଲେ । ମୁଁ ତାଙ୍କୁ କାରଣ ପଚାରିବାରୁ ସେ କହିଲେ ମୁଁ ପିଲାବେଳେ ଥରେ ରଥଯାତ୍ରାକୁ ଯାଇଥିଲି, ସେଠି ଏତେ ଭିଡ଼ ଥିଲା ଯେ ମତେ କିଏ ଚାରିକଡୁ ଚାପିଦେଲା ପରି ଲାଗିଲା । ସତେ ଯେମିତି ଗୋଟିଏ ଶକ୍ତ ଦଉଡ଼ିରେ ମତେ ବାନ୍ଧିଦେଇଛି । ମୁଁ ନିଶ୍ୱାସ ନେଇପାରିଲି ନାହିଁ । ସେହି ଦିନଠାରୁ ଭିଡ଼ ଦେଖିଲେ ମତେ ଡର ଲାଗେ । ମୁଁ ଗହଳି ଭିତରକୁ ଯାଏ ନାହିଁ । ମୋର ସେଇ ଦିନ କଥା ମନେ ପଡ଼େ । ଆଜିପର୍ଯ୍ୟନ୍ତ ମୁଁ ସେ ଅନୁଭୂତି ଭୁଲିନି । ମୁଁ ସେ ଭିତରେ ପଶିପାରିବିନି । ତୁମେ ଯାଅ । ଏକଥା ଶୁଣି ମୁଁ କହିଲି ଏ ଗୋଟିଏ ପ୍ରକାର ଅହେତୁକ ଭୟ । ଏହାକୁ ଫୋବିୟା କହନ୍ତି । ମୁଁ କହିଲି ଅଧିକାଂଶ ଲୋକଙ୍କଠାରେ ଏ ପ୍ରକାର ଭୟ ଦେଖାଯାଏ । ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ । ତାକୁ ରୋଗ ବୋଲି କୁହାଯାଏ ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ ।

ଫୋବିୟା କ'ଣ ? : ଫୋବିୟା (ଚଷକ୍ଟଭସବ) ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ । ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି । ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି । ପ୍ରାୟ ପ୍ରତ୍ୟେକ ଲୋକଙ୍କଠାରେ ଏକପ୍ରକାର ଭୟ ଅଳ୍ପ ଅଧିକେ ଥାଏ; ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ । ଅସ୍ୱାଭାବିକ ପରିସ୍ଥିତିରେ ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ । ତେଣୁ ସେ ଏପରି ପରିସ୍ଥିତିଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ (ଚବଭସମ) ହୋଇଯାଏ ।

ଆଗାରୋଫୋବିୟା (ଇଶକ୍ଟକ୍ସବକ୍ସକ୍ଷକ୍ଟଭସବ) : କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋ ଫୋବିୟା ବୋଲି କୁହାଯାଏ । ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ । ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କଠାରେ ଅଧିକ ହୋଇଥାଏ । ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ । ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ । ତାକୁ ସାହାଯ୍ୟ କରିବାକୁ କେହି ନ ଥାଆନ୍ତି । ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ । ତେଣୁ ସେ ବିବ୍ରତ ହୋଇଯାଏ । ଉଦାହରଣସ୍ୱରୂପ ଘରଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ୍, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ । ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ । ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ । କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ ।

ଲକ୍ଷଣ : ଏପ୍ରକାର ରୋଗରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଅବସ୍ଥା, ପରିସ୍ଥିତି ବା କାର୍ଯ୍ୟ ପ୍ରତି ଅସ୍ୱାଭାବିକ ଭୟ ଉପୁଜିଥାଏ । ଏହି ଭୟ ପ୍ରକୃତ ପରିସ୍ଥିତି ତୁଳନାରେ ଖୁବ୍ ଅଧିକ ହୋଇଥାଏ । ଏହା ଅସଙ୍ଗତ ଓ ଯୁକ୍ତିବିରୁଦ୍ଧ ବୋଲି ଲୋକଟି ଜାଣିପାରେ । ଲୋକଟି ନିଜର ଏପରି ଭୟକୁ ନିୟନ୍ତ୍ରଣ କରିପାରେ ନାହିଁ । (କ୍ରମଶଃ)

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ଖୁଲମ୍ ଖୋଲା ଚାଲିଛି ବେ ଧଡ଼କ ଇଟାଭାଟି

### ପରିବେଶ ପ୍ରଦୂଷଣର ନିଘା ନାହିଁ

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲାରେ ଇଟା ଭାଟିରେ ବାରମ୍ବାର ଲୋକ ମୃତ୍ୟୁ ବରଣ କରୁଥିଲେ ମଧ ଚେତା ପଶୁନାହିଁ ରାଜସ୍ୱ ବିଭାଗର। ରାଜସ୍ୱ ବିଭାଗ ଅଧିକାରୀ ଏବଂ ତହସିଲଦାର ମୋଟା ଅଙ୍କର ଅର୍ଥ ନେଇ ଚୁପଚାପ୍ ବସି ରହୁଛନ୍ତି ଅଫିସରେ। ସେପଟେ ଇଟା ମାଫିଆ ବେଧଡକ ଭାବେ ଦିନ ଦ୍ୱିପ୍ରହରେ ଚଳାଇଛନ୍ତି ଇଟା ବେପାର। ହଁ ଆଜ୍ଞା ଥରେ ଦେଖନ୍ତୁ ଏହି ଦୃଶ୍ୟକୁ ଏ ହେଉଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ବାରିଶପୋଖରୀ ରାଜସ୍ୱ ବିଭାଗର ଅଧୀନରେ ଥିବା କଂସରା ଠାରେ ଦିନ ଦ୍ୱିପ୍ରହରେ ଜଳୁଥିବା ଇଟାଭାଟିର ଦୃଶ୍ୟ। ରାସ୍ତା ଉପରେ ଛିଡାହେଲେ ଦୃଶ୍ୟମାନ ହେଉଥିବା ଇଟାଭାଟିକୁ କିପରି ଦେଖିପାରିଲେନି ରାଜସ୍ୱ ବିଭାଗ ଅଧିକାରୀ ଏବଂ ହିନ୍ଦୋଳ ତହସିଲଦାର। ସରକାର ମାଟି ଇଟାକୁ ସଂପୂର୍ଣ୍ଣ ଉଚ୍ଛେଦ କରୁଥିବା ବେଳେ ଏଠାରେ କିପରି ଚାଲିଛି ମାଟି ଇଟାର ଭାଟି। ତେବେ ଆଜି ଖବର ପାଇ ବାରିଶପୋଖରୀ ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରିୟା ସେଂ ଘଟଣା ସ୍ଥଳରେ ପହଞ୍ଚିଥିଲେ।ତେବେ ଦେଖିବାକୁ ବାକି ରହିଲା ଇଟା ମାଫିଆଙ୍କ ଉପରେ ହିନ୍ଦୋଳ ତହସିଲଦାର ଓ ରାଜସ୍ୱ ବିଭାଗ ଆଗକୁ କି ପଦକ୍ଷେପ ଗ୍ରହଣ କରୁଛି ନା ଇଟା ମାଫିଆଙ୍କୁ ଘଞ୍ଚ ଘୋଡାଇବାରେ ସାହାଯ୍ୟ କରୁଛି।

## ବିଏନଏସକୁ ନେଇ ଜିଲ୍ଲା ପୋଲିସ ତରଫରୁ ସଚେତନତା



**କୋରାପୁଟ,(ମହାଭାରତ) :** ନୂତନ ଭାରତ ର ନୂତନ ଆଇନ । ଏଥର ନୂତନ ଅପରାଧୀକ ଆଇନର କାର୍ଯକାରିତା କୁ ନେଇ କୋରାପୁଟ ଜିଲ୍ଲା ପୋଲିସ ତରଫରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସଭା ଗୃହ ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା, ଏସପି ଅଭିନବ ସୋନକର, କୋରାପୁଟ ପୌର ପରିଷଦ ଅଧକ୍ଷ ଲଳାଟ ରଞ୍ଜନ ସେଠିଙ୍କ ସମେତ ପୋଲିସ ପ୍ରଶାସନ,କାଉନସିଲର, ଆଇନଜୀବି, ବୁଦ୍ଧିଜୀବି ଯୋଗ ଦେଇଥିଲେ । ଆଇପିସି ଥିବା ବେଳେ କଣ ସବୁ ଆଇନ ସବୁ ରହିଥିଲା ବିଏନଏସ ହେବା ପରେ ସାଧାରଣ ଲୋକେ କେତେ ସୁବିଧା ପାଇ ପାରିବେ ସେ ନେଇ ଏସପି ଓ ଡିଆଇଜି ଆଲୋଚନା କରିଥିଲେ । ନୂତନ ଆଇନ କୁ ନେଇ ଜିଲ୍ଲାର ସମସ୍ତ ପୋଲିସ ଅଧିକାରୀ ଙ୍କୁ ଏ ନେଇ ପ୍ରଶିକ୍ଷଣ ଦିଆ ଯାଇଛି ।

## ଅଧକ୍ଷ ଓ ପ୍ରାଧାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ହିନ୍ଦୋଳ,(ମହାଭାରତ) :** ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ପରିସର ରେ ଗତକାଲି ମହାବିଦ୍ୟାଳୟର ଅଧକ୍ଷ ଓ ପ୍ରାଧାପକଙ୍କ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ନୂତନ ଅଧକ୍ଷ ଡ଼ ବସନ୍ତ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରୁ ଅବସର ନେଉଥିବା ଅଧକ୍ଷ ପ୍ରଫେସର ମହେଶ୍ୱର ପଟ୍ଟନାୟକ ଓ ପ୍ରାଧାପକ ଅରବିନ୍ଦ ସାହୁ ( ପଦାର୍ଥ ବିଜ୍ଞାନ ବିଭାଗ )ଓ ପ୍ରାଧାପକ ଡ଼ ବିପିନ ବିହାରୀ ପତି ( ରସାୟନ ବିଜ୍ଞାନ ବିଭାଗ )ଙ୍କୁ ମହାବିଦ୍ୟାଳୟର ସମସ୍ତ ଅଧାପକ , ଅଧାପିକା ଓ କର୍ମଚାରୀବୃନ୍ଦ ଫୁଲତୋଡ଼ା, ମାନପତ୍ର, ଉତ୍ତରୀୟ ଓ ଅନ୍ୟାନ୍ୟ ଉପହାର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ବିଦାୟୀ ଅଧକ୍ଷ ଓ ଦୁଇ ଜଣ ପ୍ରାଧାପକ ଦୀର୍ଘ ୩୫ ବର୍ଷ ଧରି ଅନୁଷ୍ଠାନକୁ ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ କରିବା ସହ ଅନେକ ମେଧାବୀ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସୁସ୍ଥ ସମାଜ ଗଠନରେ ସହାୟକ ହୋଇଛନ୍ତି ବୋଲି ନୂତନ ଅଧକ୍ଷ ଡ଼ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଅବସର ନେଉଥିବା ଅଧକ୍ଷ ଓ ପ୍ରାଧାପକ ବୃନ୍ଦ ଥିଲେ ହିନ୍ଦୋଳ ମାଟିର ସୁଯୋଗ୍ୟ ସନ୍ତାନ, ଛାତ୍ର ବତ୍ସଳ, ବିଦ୍ୟାନୁରାଗୀ ସେମାନଙ୍କ ଅବଦାନ ରେ ଅନେକ ଛାତ୍ର ଛାତ୍ରୀ ମହାବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିପାରିଛନ୍ତି ବୋଲି ଅଧାପକ ଡ଼ ନରେଶ ନାଏକ କହିବା ପରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ,ଅଧାପିକା ଓ କର୍ମଚାରୀମାନେ ସେମାନଙ୍କୁ ସମ୍ପର୍କରେ ନିଜସ୍ୱ ମତପ୍ରଦାନ କରିଥିଲେ, ଏହି କାର୍ଯ୍ୟକ୍ରମକୁ ଡ଼ ନରେଶ ନାଏକ ପରିଚାଳନା କରିଥିବା ସମୟରେ ଶେଷରେ ଅଧାପକ ସଞ୍ଜୟ ନାଏକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବରଗଡ଼ ଠାରେ ଅନୁଷ୍ଠିତ



**ବରଗଡ,(ମହାଭାରତ) :** ସୋମବାର ଦିନ ଏକ ସମ୍ବର୍ଦ୍ଧନା ସଭା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବରଗଡ଼ ଠାରେ ଅନୁଷ୍ଠିତ ହୋଇଥିଲା । ଗତ ଜୁନ ମାସରେ ଅବସର ନେଇଥିବା ବରଗଡ଼ ବ୍ଲକ ର ଧ୍ରୁବଚରଣ ପାଢ଼ୀ, ଚନ୍ଦ୍ରକାନ୍ତି ମେହେର ଓ ଟିଲୋତ୍ତମା ଭୋଇ ଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ସଭାସ୍ଥଳ ରେ ବିଇଓ ପେନସନ ପେପର ପ୍ରଦାନ କରିଥିଲେ । ବିଇଓ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ଏବିଇଓ ରଞ୍ଜନ ଡନସନା, ଘାସିରାମ ଭୋଇ, ଦିଲ୍ଲୀପ ମେହେର ଓ ମୁଖ୍ୟ କିରାଣୀ ଭରତ ମେହେର ଙ୍କ ସହିତ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନବୀନ କୁମାର ସାବତ, ସମ୍ପାଦକ କୃପାସିନ୍ଧୁ ଗଡତିଆ ଓ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ସମସ୍ତେ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ ଏବଂ ଫାଇନାଲ ପେନସନ ଶୀଘ୍ରତିଶୀଘ୍ର ସମ୍ପନ୍ନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ସଭା ଶେଷରେ ସିଆରସିସି ଅଭୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ଆଇନ ସଂକ୍ରାନ୍ତରେ ସଚେତନ କଲା ପୁଲିସ


**ବେଗୁନିଆ,(ମହାଭାରତ) :** ଆଜିଠୁ ବ୍ରିଟିଶ ଅମଳରୁ ଚଳିଆସୁଥିବା ଭାରତୀୟ ପିଙ୍ଗଳ କୋର୍ଡ଼ (ଆଇପିସି), ଫୌଜଦାରୀ ଦଣ୍ଡବିଧି ଆଇନ(ସିଆରପିସି) ଓ ଭାରତୀୟ ସାକ୍ଷ୍ୟ ଆଇନ (ଇଣ୍ଡିଆନ ଏଭିଡେନ୍ସ ଆକ୍ଟ) ଇତିହାସ ପାଲଟି ଯାଇଛି। ଏହା ବଦଳରେ ତିନି ନୂଆ ଫୌଜଦାରୀ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ) ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସଏ) କାର୍ଯ୍ୟକାରୀ ହୋଇଛି। ଏହି ନୂଆ ଆଇନରେ ଦଣ୍ଡବିଧାନ ଅପେକ୍ଷା ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯିବ ଏବଂ ସଂଶୋଧିତ ଧାରା ଦଣ୍ଡବିଧାନ ଅନୁସାରେ ଦୋଷୀକୁ ଦଣ୍ଡ ମିଳିବ ବୋଲି ବେଗୁନିଆ ଥାନା ଅଧିକାରୀ କହିଛନ୍ତି। ଆଜିଠାରୁ ନୂଆ ଦଣ୍ଡ ବିଧି ଆଇନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ ପାଇଁ ବେଗୁନିଆ ଥାନାରେ ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାହୁ ଆଇନଜୀବୀ, ସରପଞ୍ଚ, ବୁଦ୍ଧିଜୀବୀ, ମହିଳା ସାମିଲ ହୋଇ ଏ ସମ୍ପର୍କରେ ଅବଗତ ହୋଇଥିଲେ।

## ଦୋକାନ ଭିତରେ ପଶିଲା ଟ୍ରାକ୍ଟର

**ହାଟଡିହି,(ମହାଭାରତ) :** ଭାରସାମ୍ୟ ହରାଇ ସିମେଣ୍ଟ ଦୋକାନ ଭିତରକୁ ଏକ ମାଟି ବୋଝେଇ ଟ୍ରାକ୍ଟର ପଶି ଯାଇଛି । ଟ୍ରାକ୍ଟରଟି ମାଟି ବୋଝେଇ କରି ହାଟଡିହି ବ୍ଲକ ଓରାଳି ପଟୁ ଆପଣ୍ଡା ଛକ ଆଡ଼କୁ ଆସୁଥିବା ସମୟରେ ଆପଣ୍ଡା ଛକ ନିକଟରେ ଥିବା ଏକ ସିମେଣ୍ଟ ଦୋକାନ ମଧ୍ୟକୁ ହଠାତ୍ ଭାରସାମ୍ୟ ହରାଇ ପଶି ଯାଇଥିଲା । ସୌଭାଗ୍ୟ ବଶତଃ ତଃ ଚାଳକ ଟ୍ରାକ୍ଟରରୁ କୌଶଳ କ୍ରମେ ବାହାରି ଆସିଥିଲେ । ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ଦୋକାନୀ ଓ ଡ୍ରାଇଭର ।ତେବେ ଏହି ଦୁର୍ଘଟଣାରେ ଦୋକାନର କବାଟ, ଓଜନ କଣ୍ଟା ସହ କେତେକ ଜିନିଷ କ୍ଷତି ହୋଇ ନଥିବା ବେଳେ ଟ୍ରାକ୍ଟର ଟି ମଧ୍ଯ କ୍ଷତିଗ୍ରସ୍ତ ହାଇଛି । ଏଭଳି ଘଟଣା ପରେ ଉକ୍ତ ସ୍ଥାନରେ ଲୋକ ରୁଣ୍ଡ ହୋଇଯାଇଥିଲେ । ଗାଡ଼ିଟି କେମିତି ଦୋକାନରୁ ବାହାରିବ ସେନେଇ ଚେଷ୍ଟା ଚାଲିଛି।

# ପାହାଡ଼ ଉପରେ ନିର୍ମାଣ ଚାଲିଛି ମା ବୈଷ୍ଣୋଦେବୀଙ୍କ ମନ୍ଦିର

### ❑ ପାହାଡ଼ କାଟି ନିର୍ମାଣ ହୋଇଛି ୧୮୦ ଫୁଟର ସୁଡ଼ଙ୍ଗ



**ନୟାଗଡ଼,(ମହାଭାରତ) :** ଘଞ୍ଚ ସବୁଜ ମୟ ଜଙ୍ଗଲ, ବିସ୍ତିନ ନିରୋଳା ସ୍ଥାନ, ୬୦ ଫୁଟ ଉଚ୍ଚ ପାହାଡ଼ ଉପରେ ନିର୍ମାଣ ଚାଲିଛି ମା ବୈଷ୍ଣୋଦେବୀଙ୍କ ମନ୍ଦିର ସହ ପାର୍ଶ୍ୱ ଦେବଦେବୀ ଓ ଯଜ୍ଞ ମଣ୍ଡପ। ଏଥିପାଇଁ ପାହାଡ଼ କାଟି ନିର୍ମାଣ ହୋଇଛି ୧୮୦ ଫୁଟର ସୁଡ଼ଙ୍ଗ। ଆଉ ସେହି ସୁଡ଼ଙ୍ଗ ଭିତରେ ମାଆଙ୍କର ରହିଛି ସିଂହାସନ। ମନ୍ଦିର ନିକଟକୁ ପାହାଡ଼ କାଟି ହୋଇଛି ରାସ୍ତା ନିର୍ମାଣ। ଦୁଇ ବର୍ଷ ହେଲା ମନ୍ଦିର ନିର୍ମାଣ କାମ ଚାଲିଥିବା ବେଳେ, ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି ୫୧ ଜଣ ଗାରିଗର ଏବଂ ଶ୍ରମିକ। ଜମ୍ମୁକାଶ୍ମୀର ର ମା ବୈଷ୍ଣୋଦେବୀଙ୍କ ମନ୍ଦିର ନିର୍ମାଣ ଶୈଳୀରେ ନୟାଗଡ଼ ରେ ନିର୍ମାଣ ଚାଲିଛି ମା ବୈଷ୍ଣୋଦେବୀଙ୍କ ମନ୍ଦିର। ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ରହିଛି ୬ଟି ପଞ୍ଚାୟତ ର ସହଯୋଗ। ସ୍ଥାନୀୟ ଅଞ୍ଚଳର ୮ଟି ଗାଁର ଲୋକଙ୍କୁ ନେଇ ଗଠନ ହୋଇଛି ମା ବୈଷ୍ଣୋଦେବୀ ମନ୍ଦିର କ୍ରିୟାନୁଷ୍ଠାନ କମିଟି। ଆସନ୍ତା ସେପଟ୍ଟେମ୍ବର ମାସରେ ହେବ ବୈଷ୍ଣୋଦେବୀଙ୍କ ପ୍ରାଣ ପ୍ରତିଷ୍ଠା। ଏଥିପାଇଁ ଦୃତ ଗତିରେ ଆଗେଇ ଚାଲିଛି ମନ୍ଦିର ନିର୍ମାଣ କାର୍ଯ୍ୟ। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ମଗରବନ୍ଧ ପଞ୍ଚାୟତ ନଠିଆପଲ୍ଲୀ ଗାଁ ନିକଟ ପାହାଡ଼ ଉପରେ ମା ବୈଷ୍ଣୋଦେବୀଙ୍କ ହେବ ପ୍ରାଣ ପ୍ରତିଷ୍ଠା। ଏଥିପାଇଁ ସଜେଇ ହେଉଛି ଜାମୁକଣ ପାହାଡ଼। ଶରଧପୁର ଗ୍ରାମ ପଞ୍ଚାୟତର ୧୬ ଏକର ୭୦ ଡିସିମିଲ ସ୍ଥାନରେ ଶାନ୍ତ ସବୁଜ ମୟ ପରିବେଶରେ ମଧରେ ନିର୍ମାଣ ଚାଲିଛି ମା ବୈଷ୍ଣୋଦେବୀ ଙ୍କ ମନ୍ଦିର। ଜମ୍ମୁକାଶ୍ମୀର ର ବୈଷ୍ଣୋଦେବୀ ମନ୍ଦିର ନିର୍ମାଣ ଶୈଳୀରେ ଏଠାରେ ଚାଲିଛି ମନ୍ଦିର ନିର୍ମାଣ କାର୍ଯ୍ୟ। ୬୦ ଫୁଟ ଉଚ୍ଚର ଜାମୁକୋଣ ପାହାଡ଼ ଉପରକୁ ରାସ୍ତା ନିର୍ମାଣ ସହ ଜାମୁକୋଣ ପାହାଡ଼ ଉପରେ ଥିବା ପୁରୁଣା ଗୁମ୍ଫା ର ପଥର କାଟି ପାହାଡ଼ ଅଗ୍ର ଭାଗରେ ନିର୍ମାଣ ହୋଇଛି ବୃହତ ସୁଡଙ୍ଗ। ୧୮୦ ଫୁଟ ଲମ୍ବ ଏବଂ ୭ ଫୁଟ ଉଚ୍ଚ ଏହି ସୁଡ଼ଙ୍ଗର ମଧ ଭାଗରେ ମା ବୈଷ୍ଣୋଦେବୀଙ୍କର ରହିଛି ସିଂହାସନ। ପାଖାପାଖି ସୁଡ଼ଙ୍ଗ କାମ ୮୦ % ପ୍ରତିଶତ ଶେଷ ହୋଇଥିବା ବେଳେ ପାର୍ଶ୍ୱ ଦେବା ଦେବୀଙ୍କ କାରୁକାର୍ଯ୍ୟ ସହ ଭୈରବୀ ମନ୍ଦିର, ମହାବୀର ମନ୍ଦିର, ଅଧିକୁମାରୀ, ଯଜ୍ଞ ମଣ୍ଡପ, ଭୋଗ ଓ ଆଳତୀ ମଣ୍ଡପ, ମନ୍ଦିର କାର୍ଯ୍ୟାଳୟ ସହ ଯାତ୍ରୀ ଆଶ୍ରୟ ସ୍ଥଳୀ କାମ ଦୃତ ଗତିରେ ଆଗେଇ ଚାଲିଛି। ଦୁଇ ବର୍ଷ ତଳେ ଏହାର ଭୂମି ପୂଜନ ଏବଂ ଭିତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ୫୧ ଜଣ କାରିଗର ଏବଂ ଶ୍ରମିକ। ଜମ୍ମୁକାଶ୍ମୀର ର ମା ବୈଷ୍ଣୋଦେବୀ ଙ୍କ ମନ୍ଦିର ନିର୍ମାଣ ଶୈଳୀରେ ଏଠାରେ ସମସ୍ତ କାରୁକାର୍ଯ୍ୟ ଏବଂ ନିର୍ମାଣ ହୋଇଥିବା ବେଳେ ଏଠାର ସବୁଜ ମୟ ପ୍ରାକୃତିକ ପରିବେଶ ଏବଂ ଝରଣା ବେଶ୍ ଆକର୍ଷଣୀୟ। ଏଥିସହ ଶାନ୍ତ ନିରୋଳା ପରିବେଶ ମଧରେ ପାହାଡ଼ ଉପରେ ମା ବୈଷ୍ଣୋଦେବୀଙ୍କ ମନ୍ଦିର ନିର୍ମାଣ କାରୁକାର୍ଯ୍ୟ ଆଖିଲାଖି ଯାଉଥିବା ବେଳେ ମନ୍ଦରର ସୁଡ଼ଙ୍ଗ ଦେଖିଲେ ପତା ପଡୁନି। ଥରେ ଏଠାକୁ ଯେ ଆସିଛି ପୁଣି ଆସିବା ପାଇଁ ତା ମନ ଟାଣିବ। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଦାବୀ ଅନୁଯାୟୀ ଜଣେ ଭକ୍ତଙ୍କୁ ସ୍ୱପ୍ନାଦେଶ ପରେ ସେ ଖୋଜି ଖୋଜି ଏଠାରେ ଆସି ପହଞ୍ଚିଥିଲେ ଏବଂ ମା ବୈଷ୍ଣୋଦେବୀଙ୍କ ମନ୍ଦିର ନିର୍ମାଣ ପାଇଁ ଜାମୁକୋଣ ପାହାଡ଼ର ନାଁ ମଧ କହିଥିଲେ। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହଯୋଗରେ ପାହାଡ଼ ର ୧୬ ଏକର ୭୦ ଡିସିମିଲ ଜମିପଟ୍ଟା କିଣିବା ପରେ ଆରମ୍ଭ ହୋଇଥିଲା ଜାମୁକୋଣ ପାହାଡ଼ ଉପରେ ମା ବୈଷ୍ଣୋଦେବୀଙ୍କ ପୂଜାର୍ଚ୍ଚନା ସହ ମନ୍ଦିର ନିର୍ମାଣ କାର୍ଯ୍ୟ। ଏଥିସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ପାହାଡ଼ ତଳେ ପୁଷ୍କରିଣୀ ଏବଂ ପାର୍କ ନିର୍ମାଣ କାର୍ଯ୍ୟ। ଏହି ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳର ୬ ଟି ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଏବଂ ଜନସାଧାଣ ସମର୍ଥନ ଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ୮ ଟି ଗାଁର ଲୋକଙ୍କୁ ନେଇ ଗଠନ ହୋଇଛି ମା ବୈଷ୍ଣୋଦେବୀଙ୍କ ମନ୍ଦିର ନିର୍ମାଣ କ୍ରିୟାନୁଷ୍ଠାନ କମିଟି। କିଛି ଭକ୍ତଙ୍କ ଦାନ ଦକ୍ଷିଣା ସହ କିଛି ସାଧୁ ସନ୍ଥ ସହଯୋଗ ଏବଂ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଜାମୁକୋଣ ପାହାଡ଼ ଉପରେ ମା ବୈଷ୍ଣୋଦେବୀ ଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟସୂଚୀ ଏବଂ ବିଧି ଅନୁଯାୟୀ ଆସନ୍ତା ସେପଟ୍ଟେମ୍ବର ମାସରେ ହେବ ମା ବୈଷ୍ଣୋଦେବୀଙ୍କ ପ୍ରାଣ ପ୍ରତିଷ୍ଠା ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ। ଏଥିପାଇଁ ମା ବୈଷ୍ଣୋଦେବୀଙ୍କ ମୂର୍ତ୍ତି ନିର୍ମାଣ ଠାରୁ ଆରମ୍ଭ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଧୃତ ଗତିରେ ଆଗେଇ ଚାଲିଛି। ଆଖି ପାଉନି ଚାରିଆଡ଼େ ସବୁଜ ବଳୟ। ପାହାଡ଼ ଉପରେ ମା ବୈଷ୍ଣୋଦେବୀଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଚାଲିଛି ସୁଡ଼ଙ୍ଗ ନିର୍ମାଣ ଏବଂ ଏହାର କାରୁକାର୍ଯ୍ୟ ଆଖିଲାଖି ଯାଉଥିବା ବେଳେ ଏହି ସ୍ଥାନଟି ଯେ ଉଦଘାଟନ ପରେ ପର୍ଯ୍ୟଟକଙ୍କ କେନ୍ଦ୍ର ବିନ୍ଦୁ ପଲଟିବ ଏଥିରେ ସନ୍ଦେହ ନାହିଁ।

## କପଡା ବ୍ୟବସାୟୀଙ୍କ ଘରେ ବଡ଼ ଧରଣର ଲୁଟ୍

### ରାତି ଅଧରେ ନେଇଗଲେ ୯ ଭରି ସୁନା ଓ ୩ ଲକ୍ଷ ଟଙ୍କା



**ପାଟଣାଗଡ,(ମହାଭାରତ) :** କେମିକାଲ ସ୍ପ୍ରେ ମାରି ଆଲାମାରି ରୁ ୯ ଭରି ସୁନା ଗହଣା ଓ ୩ ଲକ୍ଷ ଟଙ୍କା ନେଇ ଗଲେ ଦୂବୃତ୍ତ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ସାଲେପାଲି ଗ୍ରାମପଞ୍ଚାୟତ ରହେନମାଲ ଗ୍ରାମର କପଡା ବ୍ୟବସାୟୀ ଯୁବରାଜ ମେହେରଙ୍କ ଘରେ ହୋଇଛି ଲୁଟ । ଗତକାଲି ରାତିରେ ଯୁବରାଜ ନିଜ ପରିବାର ସହିତ ଶୋଇଥିବା ବେଳେ କେମିକାଲ ସ୍ପ୍ରେ ମାରି ପ୍ରାୟ ୯ ଭରି ସୁନା, ୩ ଲକ୍ଷ ଟଙ୍କା ସହିତ କିଛି କାଗଜପତ୍ର ଚୋରି କରି ନେଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ଯୁବରାଜ ଙ୍କ ସ୍ତ୍ରୀ କେଶରୀ ଙ୍କ ହଠାତ ନିଦ ଭାଙ୍ଗି ଯାଇଥିଲା । ଆଉ ଦେଖିଲା ବେଳକୁ ଘରର ସମସ୍ତ କବାଟ ଖୋଲା ହୋଇ ଥିବା ସହିତ ଆଲମିରା ଖୋଲାଥିଲା ।ଘରେ ଥିବା ସମସ୍ତ ଟଙ୍କା ଓ ସୁନା ଲୁଟ ହୋଇଥିବା ଜାଣି ପାରି ଥିଲେ ଯୁବରାଜ ଙ୍କ ସ୍ତ୍ରୀ । ସଙ୍ଗେ ସଙ୍ଗେ ପାଖ ପଡୋଶୀଙ୍କୁ ଡାକି ଥିଲେ ପରିବାର । ଆଖପାଖରେ ଖୋଜାଖୋଜି କରିବା ପରେ ଘରେ କେମିକାଲ ବାସ୍ନା ହେଉ ଥିବା ଜାଣିବାକୁ ପାଇଥିଲେ ପରିବାର ଲୋକେ । ଘରେ ଡକାୟତି ହୋଇ ଥିବା ସନ୍ଦେହ କରିଛନ୍ତି ପଡ଼ୋଶୀ । ଯୁବରାଜ ପାଟଣାଗଡ଼ ଥାନାର ଦ୍ୱାରସ୍ଥ ହୋଇ ଥିବା ବେଳେ ପୁଲିସ ଘଟଣା ସ୍ଥଳକୁ ଯାଇ ପ୍ରାରମ୍ଭିକ ତଦନ୍ତ ଘଟଣାର ଅଧିକ ତଦନ୍ତ ଜାରି ରଖିଛି । କିଛି ଦିନ ତଳେ ଉକ୍ତ ଗାଁ ର ସ୍କୁଲ ରୁ ମଧ ସାମିଗ୍ର ଚାଉଳ ଚୋରୀ ହୋଇଥିଲା । ଦିନକୁ ଦିନ ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଉଥିବା ବେଳେ ପେଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଉଦାହରଣ ପାଲଟିଛି ବେସାହାରା ସ୍ମୃତି

**ହାଟଡିହି,(ମହାଭାରତ) :** ଗାଁ ରୁ ଶାଶୁ ଘର ସମସ୍ତ ଙ୍କ ର ପ୍ରିୟ ଥିଲା ସ୍ମୃତି। ପିଲା ବେଳେ ବାପା ଙ୍କୁ ଦେଖିନି କି ଘରେ ପୁଅ ଛୁଆ ଟିଏ ବି ନାହିଁ। କିନ୍ତୁ ସେଥିରେ ଦୁଃଖ ନକରି ପୁଅଙ୍କ ମାନଙ୍କ ସାଙ୍ଗରେ ପୁଅ ଝିଅ ମାନଙ୍କ ସାଙ୍ଗରେ ଝିଅ ହୋଇ ନିଜେ କଷ୍ଟ କରି ଜୀବନ କୁ ସଂଘର୍ଷ ମୟ କରି ଗଢି ତୋଳିବା ବେଳେ ପାଖରେ ଥିବା ମା ରେବତୀ ନାୟକ ଙ୍କ ମୁଣ୍ଡରେ ଚିନ୍ତା ବଢ଼ି ଚାଲିଥାଏ। ଝିଅର ବାହାଘର ପାଇଁ। ଉପଯୁକ୍ତ ବୟସ ହୋଇ ନଥିବାବେଳେ ଝିଅ ର କଅଁଳ ବୟସ ରେ ବାହାଘର କରିଦେଇଥିଲେ ସଡା ପଞ୍ଚାୟତ ର ମିଠିଗାଁ ଗ୍ରାମ ର ଆଲୋକ ନାୟକ ଯୁବକ ଙ୍କୁ ମାତ୍ର ଭାଗ୍ୟ ର ବିଡମ୍ବନା ଆଗରେ ସବୁ ଫିକା ପଡ଼ିଗଲା। କଥାରେ ଅଛି ଦଇବ ଦଉଡ଼ି ମଣିଷ ଗାଇ ଜେଣିକି ଓଟାରି ତେଣିକି ଯାଇ , ଏହାରି ମଧରେ କଅଁଳ ସୂର୍ଯ୍ୟର ଆଲୋକ ଦେଖିବାକୁ ଅପେକ୍ଷା କରିଥାଏ ନିଷ୍ପାପ ଶିଶୁ ଟିଏ। ଯାହାର ଜନ୍ମ ମୁହଁ କୁ ଚାହିଁ ନିଜ ଘରକୁ ଫେରିବା ପରେ ପାଖରେ ପାଖରେ ବିଧବା ମା ପାଖରେ ଜୀବନ ଅତିବାହିତ କରିବାକୁ ଲାଗିଲା ସ୍ମୃତି। ପାଖରେ। କଅଁଳ ଶିଶୁ ଟିକୁ ଧରି ନିଜେ ବଞ୍ଚିବା କୁ ସଂଘର୍ଷ କରୁଥିବା ମଣିଷ ଟି ଅନେକ ଦୁଃଖ କଷ୍ଟ ସହ୍ୟ ଛୁଆ ଟିକୁ ବଡ କରି ଆଜି ସେହି କଅଁଳ ଶିଶୁ ପଞ୍ଚମ ଶ୍ରେଣୀ ପଢୁଥିବା ବେଳେ ମା ସ୍ମୃତି ଶିକ୍ଷାଗତ ଯୋଗ୍ୟତା ଆଧାର ଜଣେ ବିଇଡି ପାଠ ପଢ଼ା ସାରି ଶିକ୍ଷକତା ପାଇଁ ନିଜକୁ ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳୁଛି। କିନ୍ତୁ ତାହାରି ମଧରେ ସାଙ୍ଗ ସାଥି ପିଲା ଙ୍କ ମାନଙ୍କ ସହୋଜଗ ରେ ଏକ ମହିଳା ମାନଙ୍କ ପାଇଁ ଏକ ଲେଡିଜ୍ କର୍ଣ୍ଣ ର ଦୋକାନ ପାଖ ଅଞ୍ଚଳର ଲୋକଙ୍କୁ କମ ଦାମ ରୁ ଯୋଗାଇ ଦେଉଛନ୍ତି ମନ ପସନ୍ଦ ର ଜିନିଷ ତାହା ପୁଣି ସୁଦୂର ରାଜ୍ୟ କଲିକତା ରୁ ନିଜେ ବାଣିଜ୍ୟ କରି। ଏବେ ବେଶ୍ ହସ ଖୁସି ରେ ମା ରେବତୀ (୫୩)ଓ ପୁଅ ବିଭୂନ୍( ୧୧ ) ଙ୍କ ସହ ଜୀବନ ଜାପାନ କରୁଛନ୍ତି।

## ଠାକୁରମୁଣ୍ଡା ରେଞ୍ଜକୁ ପଶିଲେ ୨୪ ଟିକିଆ ହାତୀ ପଲ

**କରଞ୍ଜିଆ,(ମହାଭାରତ) :** ବୈତରଣୀ ନଦୀ ପାରି ହୋଇ ମଙ୍ଗଳବାର ରାତିରେ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳ କୁ ପଶି ଆସିଛନ୍ତି ୨୪ ଟିକିଆ ହାତୀ ପଲ ।ପଶି ଆସିଥିବା ଏହି ହାତୀପଲ ପଡ଼ିଆବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୋରିଂ ଗ୍ରାମ ନିକଟ ଜଙ୍ଗଲ ରେ ଆସି ରହିଛନ୍ତି ।ଆସିଥିବା ଏହି ୨୪ ଟିକିଆ ହାତୀ ପଲ ପାଟଣା ରେଞ୍ଜ ଅଞ୍ଚଳ ରେ କିଛିଦିନ ରହିବା ପରେ ଖାଦ୍ୟ ଅନ୍ୱେଷଣରେ ନଦୀ ପାରି ହୋଇ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳ କୁ ଆସିଥିବା କୁହାଯାଉଛି। ଏହି ସମୟରେ ଧାନ ବିଲ ରେ ଧାନ ଗଛ ନଥିବା ରୁ ହାତୀ ପଲ ଗ୍ରାମ ଗୁଡିକ ଭିତରେ ଥିବା ଲୋକଙ୍କ ଘର ବାଡ଼ିରେ ପଶି ଫଳ ଗଛ ସହିତ ଘରେ ଥିବା ଧାନ ଚାଉଳ ଖାଇବା ର ଆଶଙ୍କା ସୃଷ୍ଟି ହୋଇଛି ।ପଶି ଆସିଥିବା ଏହି ୨୪ ଟିକିଆ ହାତୀ ପଲଙ୍କ ଉପରେ ବନ ବିଭାଗ ନଜର ରଖିଛି ।ହାତୀ ପଲ ରହିଥିବା ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକ କୁ ରାତିରେ ହାତୀ ପଲ ପଶି ଆସିବା ନେଇ ଗ୍ରାମବାସୀ ମାନେ ଭୟ ଓ ଆଶଙ୍କାରେ ରହିଛନ୍ତି।

## ସୁଲଗଡ଼ିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ

**କପ୍ତିପଦା,(ମହାଭାରତ) :** କପ୍ତିପଦା - ଆଜି ୦୩/୦୭/୨୪ ଦିବା ୧୨ଘଟିକା ସମୟରେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ କରାଯାଉଛି ଉକ୍ତ ସଭାରେ କପ୍ତିପଦା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦଦାସ ପୂର୍ଣ୍ଣିମା ମିଶ୍ର ଅମିତ କୁମାର ମହାପାତ୍ର ହୃଷିକେଶ ବେହେରା ଥ କୋଡ଼ିନେଟର ଧ ଓ ବିଦ୍ୟାଳୟର ସଭାପତି କ୍ଷୀତିଶ ନାୟକ ଉପସ୍ଥିତ ରହି ପିଲାମାଙ୍କୁ ବୃକ୍ଷର ଉପକାରୀତା ବିଷୟରେ ଆଲୋଚନା କରିଥିଲେ ଏବଂ ବିଭିନ୍ନ ପ୍ରକାର ବୃକ୍ଷ ଯଥା ଆମ୍ବ, ଡାଳିମ୍ବ,ଜାମୁ ଓ ଶାଳଗଛ ଲଗାଇଥିଲେ । ପ୍ରତି ପିଲା ଯଦି ତାଙ୍କ ନିଜ ବାଡ଼ିରେ ପ୍ରତ୍ୟେକ ବର୍ଷ ଗୋଟିଏ ଗଛ ଲଗାଏ ତେବେ ଆମେ ଆଗାମୀ ୨ବର୍ଷ ମଧ୍ୟରେ ଆଉ ଜଳର ଅଭାବ ପାଇବା ନାହିଁ ବୋଲି ପିଲାଙ୍କୁ କହିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରୀ ଙ୍କୁ ମଧ ପ୍ରଧାନଶିକ୍ଷକ ରାଜକିଶୋର ବେହେରା ଶପଥ କରାଇଥିଲେ ଆମ୍ଭେ ସମସ୍ତେ ବର୍ଷକୁ ଗୋଟିଏ ଗୋଟିଏ ଗଛ ଘରବାଡ଼ିରେ ଲଗାଇବୁ ଆମ ପରିବେଶକୁ ସବୁଜମୟୀ କରିବୁ ଫଳରେ ଧରାପୃଷ୍ଟରେ ଆଗାମୀ କିଛି ବର୍ଷ ମଧ୍ୟରେ ଜଳର ଅଭାବ ରହିବ ନାହିଁକି ଅମ୍ଳଯାନର ମଧ ଅଭାବ ରହିବ ନାହିଁ. ଏହି ସଭାରେ ବିଦ୍ୟାଳୟର ଶିକ୍ଷକ ସଂଗ୍ରାମ କେଶରୀ ଶତପଥୀ, ବାବୁରାମ ସେଠୀ, କମଳା ମଣି ଦାସ, ତୁଳସୀ ସାମଲ,ନାଏବ ସରପଞ୍ଚ ବିନୋଦିନୀ ବିଶ୍ୱାଳ, ଆଶା ଦିଦି ସନ୍ଧ୍ୟାରାଣୀ ସେଠୀ ଓକୈବଲ୍ୟ କୁମାର ବେହେରା ଉପସ୍ଥିତ ଥିଲେ।

## ଜବତ ହେଲା ସତର କିଲୋ ଗଞ୍ଜେଇ : ଜଣେ ମାଫିଆ ଗିରଫ ଅନ୍ୟ କିଛି ମାଫିଆ ଫେରାର




**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲା ର ଫିରିଙ୍ଗିଆ ଥାନା ଅଞ୍ଚଳ ଟି ଏବେ ଗଞ୍ଜେଇ ଚାଲାଣ ର ପେଣ୍ଠ ସ୍ଥଳୀ ପାଲଟି ଥିବା ବେଳେ ରୀତିମତ ଏହି ଅଂଚଳରୁ ବାହାର ରାଜ୍ୟ ଓ ଜିଲ୍ଲା ମାନଙ୍କୁ ମାଫିଆ ମାନେ ଗଞ୍ଜେଇ ଚାଲାଣ କରିଚାଲିଛନ୍ତି ଓ ଏହି ଗଞ୍ଜେଇ କାରବାର ଉପରେ ରୋକ ଲଗେଇବା ପାଇଁ ପୋଲିସ ମଧ୍ୟ ଅଣ୍ଟା ଭିଡିଛି ଓ ବିଭିନ୍ନ ସମୟରେ ବିଭିନ୍ନ ଜାଗାରେ ଅତର୍କିତ ଚଢ଼ାଉ କରି କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଏହି ଗଞ୍ଜେଇ ମାମଲା ରେ ସମ୍ପୃକ୍ତ ଥିବା ମାଫିଆ ମାନଙ୍କୁ ଗିରଫ କରିବା ସହ ବହୁ ଦାମୀ ଗାଡି ଗୁଡିକ ମଧ୍ୟ ଜବତ କରାଯାଉଛି ଓ ତେବେ ଏହି ପରିପେକ୍ଷୀରେ ଫିରିଙ୍ଗିଆ ପୋଲିସ ଏକ କାର ସହ ଜଣେ ଆନ୍ତ ଜିଲ୍ଲା ପେସାଦାର ଗଞ୍ଜେଇ ମାଫିଆ କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ କାର କୁ ସତର କିଲୋ ଗଞ୍ଜେଇ ଜବତ କରିଛି ଓ ଏହା ସହ କାର ରେ ଥିବା ଅନ୍ୟକିଛି ମାଫିଆ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ମଧ୍ୟ ପୋଲିସ ସୂଚନା ଦେଇଛି ଓ ତେବେ ପୋଲିସ ର ସୂଚନା ଅନୁସାରେ ସୋମବାର ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଅଜୟ କୁମାର ସାହୁ ଓ ଏସଆଇ ଦୀପକ କୁମାର ରାଉତ ଙ୍କ ନେତୃତ୍ୱ ରେ ଏକ ଟିମ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଫିରିଙ୍ଗିଆ ଠାରୁ ବାଲିଗୁଡା କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଦ୍ରୁତ ଗତିରେ ଆସୁଥିବା ଏକ କାର କୁ ସନ୍ଦେହ ରେ ଗୋଡ଼ାଇ ଥିଲେ ଓ ଦୁର୍ଭାଗ୍ୟ ବଶତଃ ଏହି ଫିରିଙ୍ଗିଆ ଠାରୁ ବାଲିଗୁଡା ମୁଖ୍ୟରାସ୍ତାର ମାସରୀପଡା ଛକ ନିକଟରେ କାର ର ଆଗପଟ ଚକ ଫାଟିଯାଇଥିଲା ଓ ଫଳରେ କାରଟି ରାସ୍ତାରେ ରହିଯାଇଥିବା ବେଳେ ପୋଲିସ କର୍ମଚାରୀ ମାନେ କରଟିକୁ ଧରିପକାଇ ଥିଲେ ଓ ଏହି ସମୟରେ କାର ରେ ଥିବା କିଛି ମାଫିଆ ଫେରର ହିଯାଇଥିବା ବେଳେ ଜଣେ ମାଫିଆ ପୋଲିସ ହାତରୁ ଖସି ପାରିନଥିଲାଓ ଫଳରେ ପୋଲିସ ଜଣକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ କାରକୁ ଯାଞ୍ଚ କଲାପରେ କାର ଭିତରୁ ଏକ ବସ୍ତା ରେ ରଖାଯାଇଥିବା ସତର କିଲୋ ଗଞ୍ଜେଇ କୁ ଜବତ କରିଥିଲା ଓ ତେବେ ଗିରଫ ମାଫିଆ ଜଣକ କଟକ ଜିଲ୍ଲା କାନପୁର ଥାନା କାଞ୍ଜିପଦା ଗାଁ ର ମନମୋହନ ପ୍ରଧାନ ଙ୍କ ପୁଅ ପ୍ରକାଶ ପ୍ରଧାନ ବୋଲି ଜଣାପଡିଥିବା ବେଳେ କାର ଟି ଫିରିଙ୍ଗିଆ ଥାନା ମାସରୀପଡା ଅଂଚଳର ବୋଲି ଜଣାପଡି[ଛି] ଓ ଅନ୍ୟପଟେ ଏହି ଗଞ୍ଜେଇ ଚାଲାଣ ମାମଲାରେ ସୁଇଜଣ ପେସାଦାର ଗଞ୍ଜେଇ ମାଫିଆ ଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ ତଦନ୍ତ ରେ ବାଧା ଉପୁଜିବା ନେଇ ପୋଲିସ ସମ୍ପୃକ୍ତ ମାଫିଆ ମାନଙ୍କ ନା କହିନଥିବା ବେଳେ ସମ୍ପୃକ୍ତ ମାଫିଆ ମାନେ ଫିରିଙ୍ଗିଆ ଥାନା କେଲାପଡ଼ା ପଞ୍ଚାୟତ କାୟେଲମ୍ବା ଗାଁ ର ଜଣେ ବ୍ୟକ୍ତି ଓ ଆଉଜଣେ ମାଫିଆ ବନ୍ଧଗଡ଼ ପଞ୍ଚାୟତ ବାଲକିଡାଡି ଗାଁ ର ବୋଲି ଜଣାପଡିଛି ଓ ତେବେ ଏହି ଦୁଇ ମାଫିଆ ଙ୍କୁ ମଧ୍ୟ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ ସୂଚନା ଦେଇଥିବା ବେଳେ ମଙ୍ଗଳବାର ଏହି ଗଞ୍ଜେଇ ଚାଲାଣ ଘଟଣାରେ ୧୪୬/୨୦୨୪ରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇ ସହ ସମ୍ପୃକ୍ତ ଗଞ୍ଜେଇ ମାଫିଆ କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ।

ମହାଭାରତ
ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଫକୋ ପାରାଦୀପ ମୁଖ୍ୟ କେ.ଜେ.ପଟେଲ



ପାରାଦୀପ(ମହାଭାରତ) ଏସିଆ ମହାଦେଶର ସର୍ବବୃହତ ସାରକାରଖାନା ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ୍ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି । ରାଜ୍ୟ ଅତିଥି ଭବନରେ ଥିବା କାର୍ଯ୍ୟାଳୟରେ ଶ୍ରୀ ପଟେଲ୍ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଓଡିଶାର ଚାଷୀମାନଙ୍କୁ କିପରି ଠିକ୍ ସମୟରେ ସାର ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିବା ନେଇ ଇଫକୋ ପାରାଦୀପ ୟୁନିଟ୍ର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପାରାଦୀପ ୟୁନିଟ୍ର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି । ସମଗ୍ର ବିଶ୍ୱରେ ତରଳ ସାର ନାନୋ ସାର କୃଷି ଓ କୃଷକମାନଙ୍କ ପାଇଁ ଉପଯୋଗୀ ହୋଇ ପାରିଥିବା ନେଇ ଶ୍ରୀ ପଟେଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଇଫକୋ ସର୍ବଦା ସରକାରଙ୍କୁ ସହଯୋଗ କରିଆସିଥିବା ନେଇ ଶ୍ରୀ ପଟେଲ ଜଣାଇଥିଲେ । ପ୍ରତ୍ୟେକ ବର୍ଷ ପବିତ୍ର ରଥଯାତ୍ରା ସମୟରେ ଇଫକୋ ଲକ୍ଷାଧିକ ଭକ୍ତଙ୍କ ପାଇଁ ପୁରୀ ପ୍ରଶାସନକୁ ସହାୟତା ଯୋଗାଇ ଆସିଛି ଆଗାମୀ ଦିନରେ ତାହା ବଳବ□ର ରହିବ ବୋଲି ସେ ଜଣାଇଥିଲେ ।

# ବାଲ୍ୟ ବିବାହ ରୋକିବା ପାଇଁ ଶୋଭାଯାତ୍ରା କରି ସଚେତନ କଲେ କିଶୋରୀ ବାଳିକା

ବିଷମ କଟକ(ମହାଭାରତ): ବାଲ୍ୟ ବିବାହ ବନ୍ଦ କର। ମାଟି ପାଣି ପବନ, ଏଇ ଆମ ଜୀବନୟ ଗଛ ଟିଏ, ଜୀବନ ଟିଏ। କିଶୋରୀ ବାଳିକା ମାନଙ୍କ ଦ୍ୱାରା ବାଲ୍ୟ ବିବାହ ବିରୋଧୀ ଓ ପରିବେଶ ସୁରକ୍ଷା ବିଷୟରେ ଏପରି ସ୍ଲୋଗାନରେ ଆଜି ବିଷମ କଟକ ବଜାରର ଆକାଶ ପ୍ରକମ୍ପିତ ହୋଇଛି। ଲିଭିଙ୍ଗ ଫାର୍ମସ ଓ ଏଲ୍.ଜି.ଡବ୍ଲ୍ୟୁ.ସି.ଡି.ସି.ର ମିଳିତ ସହଯୋଗରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ବିଷମ କଟକ ବ୍ଲକର ଝିଗିଡି, କାଙ୍କୁବାଡି, ଚଉରାଗୁଡ଼ା ଓ ବିଷମ କଟକ ପଞ୍ଚାୟତର ଶତାଧିକ କିଶୋରୀ ବାଳିକା ବାଲ୍ୟ ବିବାହ ବନ୍ଦ




କରିବା, ନାରୀ ଶିକ୍ଷାକୁ ପ୍ରଶ୍ରୟ ଦେବା, ପରିବେଶ ସୁରକ୍ଷା କରିବା, ବୃକ୍ଷ ରୋପଣ କରିବା ଆଦି ବିଷୟରେ ଏକ ସଚେତନ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ମା ମାର୍କାମା ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶୋଭାଯାତ୍ରା ପରେ କିଶୋରୀ ମାନେ ବି.ଡି.ଓ. ସଦଶିବ ନାୟକ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ କିଶୋରିମାନେ ମୁଖ୍ୟତଃ ବ୍ଲକକୁ ବାଲ୍ୟ ବିବାହ ମୁକ୍ତ କରିବା, ପଲିଥିନ ମୁକ୍ତ କରିବା ଓ ପରିବେଶ ସୁରକ୍ଷା ପାଇଁ ନୂତନ ଜଙ୍ଗଲ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଶୋଭାଯାତ୍ରାରେ ହେମା ହିକୋକା, ରଚନା ହୀକୋକା, ରଚନା ବାରବାଟିଆ, ଭବାନୀ କାଦ୍ରକା, ଉର୍ମି କରକରିଆ, ରିଙ୍କି ଟାକ୍ରି, ଝିଲି କାଦ୍ରାକା, ସତ୍ୟବତୀ କାଡରାକା ଆଦି ନେତୃତ୍ୱ ନେଇଥିବା ବେଳେ ଲିଭିଙ୍ଗ ଫାର୍ମସର ବ୍ଲକ୍ ସଂଯୋଜକ ସୁକାନ୍ତ ବାଘ୍ ଓ ଏଲ୍.ଜି.ଡବ୍ଲ୍ୟୁ.ସି.ଡି.ସି.ର ରାଜ୍ୟ ସଂଯୋଜକ ରମାକାନ୍ତ ଜେନା ସହଯୋଗ କରିଥିଲେ।

# ଅଟୋକୁ ଅଟକାଇ ମାଡ଼ମାରି ନଗଦ ଟଙ୍କା ଏବଂ ସୁନା ଚେନ୍ ଲୁଟ

ବେଗୁନିଆ,,(ମହାଭାରତ): ଖୋର୍ଦ୍ଧା -ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ବେଗୁନିଆ ବ୍ଲକ ନିକଟରେ ଅଟୋକୁ ଅଟକାଇ ମାଡ଼ମାରି ନଗଦ ଟଙ୍କା ଏବଂ ସୁନା ଚେନ୍ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି ।ସୂଚନା ମୁତାବକ ଡେଲାଙ୍ଗ ଶାସନର ସନ୍ତୋଷ ମଲିକଙ୍କ ମିନତି ମଲିକ (୩୭) ଏବଂ ତାଙ୍କ ଝିଅ ଅଟୋରେ ସୋମବାର ନୟାଗଡ଼ ବନ୍ଧୁ ଘରକୁ ଯାଇ ଫେରୁଥିଲେ ସନ୍ଧ୍ୟା ୬ଟା ବେଳେ ବେଗୁନିଆ ବ୍ଲକ୍ ନିକଟରେ ପାଞ୍ଚ ଜଣ ଯୁବକ ଏକ କଳା ରଙ୍ଗର କାରରେ ଆସି ଅଟୋକୁ ସାଇଡମାରି ଅଟକାଇ ଥିଲା। ଗାଳିଗୁଲଜ କରିବା ସହ ଚପଲରେ ମାଡ଼ମାରି ମିନତିଙ୍କ ବେକରୁ ସୁନା ଚେନ ଏବଂ ଅଟୋ ଡ୍ରାଇଭରଠାରୁ ୩ହଜାର ଟଙ୍କା ଲୁଟି ନେଇଥିଲେୟ ଥାନାରେ ଜଣାଇଲେ ଜୀବନରେ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲେ। ତେବେ ନିକଟରେ ଥିବା ଜଳଖିଆ ଦୋକାନୀ ସହିତ କିଛି ଲୋକ ପହଞ୍ଚିଯିବାରୁ ସେମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ ।

# ପାଟଣା ବ୍ଲକ ରେ ବିପର୍ଯ୍ୟୟ ପରିଚାଳନା ସଚେତନତା ଯୋଜନା ପ୍ରସ୍ତୁତି ଶିବିର ଅନୁଷ୍ଠିତ

କେନ୍ଦୁଝର:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ସଚେତନତା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପାଟଣା ବିଡ଼ିଓ ଶିବ ପ୍ରସାଦ ମୁର୍ମୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି ।ଏହି ବିପର୍ଯ୍ୟୟ ସଚେତନତା ଯୋଜନା କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଅଧକ୍ଷ ସୁକାନ୍ତି ନାଏକ,ପାଟଣା ତହସିଦାର ଲୀଳାବତୀ ନାୟକ,ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ସୁବେନ୍ଦୁ ସାଗର କୁମାର ନାୟକ,ଅତିରକ୍ତି ବିଡ଼ିଓ ଚି□ ରଞ୍ଜନ ନାଏକ,ଅତିରକ୍ତ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ,ଜି.ପି.ଓ ରଶ୍ମିରେଖା ମହାନ୍ତି,ଯୋଗାଣ ନୀରକ୍ଷକ ଅଧିକାର ସୁନିତା ମାରାଣ୍ଡି।

# ବଦ୍ରିଗୁଡାରେ ମାଁଙ୍କ ନାମରେ ଗୋଟିଏ ଗଛ କାର୍ଯ୍ୟକ୍ରମ

ନବରଙ୍ଗପୁର(ମହାଭାରତ): ଓଡିଶା ର ମାନନୀୟା ଉପମୁଖ୍ୟମନ୍ତ୍ରୀ ଙ୍କ ଆହ୍ୱାନ ତଥା ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଆଜି ସମ୍ମନିତ ଶିଶୁ ବିକାଶ ପ୍ରକଳ୍ପ ନନ୍ଦାହାଣ୍ଡି ତରଫରୁ ମାଁଙ୍କ ନାମରେ ଗୋଟିଏ ଗଛ କାର୍ଯ୍ୟକ୍ରମ କୁ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି । ବଦ୍ରିଗୁଡା ଗ୍ରାମର ଅଙ୍ଗନବାଡି ପ୍ରାଙ୍ଗଣରେ ଜିଲ୍ଲାପାଳ ଡଃ ମିଶ୍ର ଫଳଗଛ ରୋପଣ କରି ଏହି କାର୍ଯ୍ୟକ୍ରମ କ୍ରମର ଶୁଭାରମ୍ଭ କରିଛନ୍ତି । ବ୍ଲକର ୨୫୦ ଜଣ ସ୍ୱୟଂ ସହାୟକ ମହିଳା ମାନେ ଆଜିର ବୃକ୍ଷ ରୋପଣ କାର୍ଯ୍ୟ କ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ଡଃ ମିଶ୍ର ନିଜର ବକ୍ତବ୍ୟରେ କହିଲେଯେ ମା କେବେ ମରେ ନାହିଁ । ମା ମରିଥିଲେ ବି ଅମର । ଜୀବନରେ ହଠାତ ବିପଦର ସମ୍ମୁଖୀନ ହେଲେ ଆପେ ଆପେ ମା ଶବ୍ଦଟି ପାଟିରେ ଉଚ୍ଚରଣ ହୋଇଯାଏ। ସେହି ମା ପାଇଁ ଓଡିଶା ର ମାନନୀୟା



ଉପମୁଖ୍ୟ ମନ୍ତ୍ରୀ ଙ୍କ ଆହ୍ୱାନ କ୍ରମେ ଆଜି ଜିଲ୍ଲାରେ ବୃକ୍ଷ ରୋପଣ କାର୍ଯ୍ୟ କ୍ରମ ଚାଲିଛି । ଏଥି ସହିତ ଜିଲ୍ଲାରେ ଦୁଇ ଲକ୍ଷ ସ୍ୱୟଂ ସହାୟକ ମହିଳା ମାନଙ୍କ ଦ୍ୱାରା ଆଠଲକ୍ଷ୍ୟ ବୃକ୍ଷ ରୋପଣ ର ଲକ୍ଷ୍ୟ ରକ୍ଷା ଯାଇଥିବାର ବିଷୟରେ ସୂଚନା ପ୍ରଦାନ କରିଥିଲେ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀର ଉତ୍ତାପ ବଢୁଛି। ଏହାର ପ୍ରଭାବରେ ଅତ୍ୟଧିକ ଗରମ ହେବା, ବନ୍ୟା, ବାତ୍ୟା ଓ ମରୁଡି ଭଳି ବିପତ୍ତି ଆସୁଛି । ଜଳବାୟୁ ପରିବର୍ତ୍ତନ କୁ ରୋକା ନ ଗଲେ ପୃଥିବୀର ଅନେକ ଅଂଶ ଜଳମଗ୍ନ ହେବ, ଅନେକ ଅଂଶ ମରୁଭୂମିରେ ପରିବର୍ତ୍ତନ ହେବ। ଏହାଦ୍ୱାରା ଜୀବଜଗତ ଧ୍ୱଂସ ପାଇଯିବ । ପୃଥିବୀ ଓ ଆମ ପରିବେଶକୁ ଧ୍ୱଂସାବଶେଷ ମୁଖରୁ ରକ୍ଷା କରିବା ଆମ ନାଗରିକଙ୍କ ଦାୟିତ୍ୱ। କ୍ରମେ କ୍ରମେ ଲୋପ ଯାଉଥିବା ଗଛପତ୍ର ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ । ଜଳବାୟୁ ପରିବର୍ତ୍ତନରେ ଗଛର ଭୂମିକା ବିଷୟରେ ଆଲୋଚନା କରିବା ସହିତ ପ୍ରତ୍ୟେକ ଗ୍ରାମରେ ମା ଙ୍କ ନାମରେ ଗୋଟିଏ ଗଛ ଟିଏ ଲଗାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଅଧିକାରୀ ଶିବାନୀ ଗୁହା , ନନ୍ଦହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ , ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁ , ଫରେଷ୍ଟର ରିତେଶ ସୁନା , ଜିଲ୍ଲା ମିଶନ ଶକ୍ତି ସଂଯୋଜକ ହର୍ଷାନନ୍ଦ ପ୍ରଧାନ , ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ, ଜିଲ୍ଲା ମମତା ସଂଯୋଜକ ବିଶୋଜିତ ମହାନ୍ତି, ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ । ନନ୍ଦାହାଣ୍ଡି ସିଡିପିଓ ଶସ୍ମିତା ବାଳା ମହାନ୍ତି ଙ୍କ ତ୍ୱାବଧାନରେ ଅନୁଷ୍ଠିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସୁପରଭାଇଜର ମନିକା ସରକାର ,ଶାନ୍ତିଲତା ଭୂମିଆଁ, ସଂଗୀତା ଦାସ , ନିକିସା ନାୟକ ,ବ୍ଲକ ପୋଷଣ ସଂଯୋଜକ ଚରଣସିଂ ବିଶି , ମମତା ସଂଯୋଜିକା ସୁପ୍ରଭା ତ୍ରିପାଠୀ , ସାହୁ , ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁ , ଫରେଷ୍ଟର ରିତେଶ ସୁନା , ଜିଲ୍ଲା ମିଶନ ସାହୁ , ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁ , ଫରେଷ୍ଟର ରିତେଶ ସୁନା , ମିଶନ ଶକ୍ତି ବ୍ଲକ କାର୍ଯ୍ୟ କ୍ରମ ସଂଯୋଜକ ମାମୁନ କୁମାର କର , ସହ ସଂଯୋଜକ ସର୍ବେସ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଗୋବେଲ ଅଲମ୍ପିୟାଡ଼ ପରୀକ୍ଷାରେ ସ୍ୱର୍ଣ୍ଣ ପଦକ ହାସଲ କଲେ କର୍ମେଲ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ର ଶ୍ରୀୟାଂଶ ଦିଗାଲ

କନ୍ଧମାଳ (ମହାଭାରତ ): ୨୦୨୩/୨୪ ଶିକ୍ଷା ବର୍ଷାରେ ଅନୁଷ୍ଠିତ ହୋଇଥିବା ଗୋବେଲ ଅଲମ୍ପିୟାର୍ଡ଼ ଗଣିତ ଓ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି ଫୁଲବାଣୀ ଜିଲ୍ଲା ମୁଖ୍ୟାଳୟ ରେ ଥିବା କାରମେଲ ଇଂରାଜୀ ମାଧମ ବିଦ୍ୟାଳୟ ର ଦ୍ୱିତୀୟ ଶ୍ରେଣୀରେ ପାଠପଢୁଥିବା ଶ୍ରୀୟାଂଶ ଡିଗାଲ । ସାରା କନ୍ଧମାଳ ଜିଲ୍ଲାରେ ସେ ଏହି ପରୀକ୍ଷାରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ବେଳେ ସ୍ୱର୍ଣ ପଦକ ହାସଲ କରିଛନ୍ତି। ଯାହାପାଇଁ ବିଦ୍ୟାଳୟ ସହ ଶ୍ରୀୟାଂଶଙ୍କ ପରିବାର ଲୋକଙ୍କ ମାଧ୍ୟରେ ଖୁସିର ଲହରୀ କହେଇଯାଇଛି ଓ ଅନ୍ୟପଟେ ସ୍ୱର୍ଣ ପଦକ ପାଇବା ପରେ ଶ୍ରୀୟାଂଶ ଙ୍କ ପାଖକୁ ଶୁଭେଚ୍ଛା ର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି । ତେବେ ଶ୍ରୀୟାଂଶ ଙ୍କ ଘର କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ କେରେଡ଼ି ପଞ୍ଚାୟତ ଅଧୀନରେ ଥିବା ରାଶିମେଣ୍ଡି ଗାଁର ସଂଜୀବ ଦିଗାଲ ଓ ମା ନର୍ମଦା ପତ୍ର ଙ୍କ ପୁଅ ଓ ସେ ଆଗରୁ ମଧ୍ୟ ବହୁ ମେଡାଲ ପଇସାରିଛନ୍ତି । ସୂଚନା ଅନୁସାରେ ଗତ ୨୦୨୩/୨୪ଶିକ୍ଷା ବର୍ଷରେ ଗୋବେଲ ଫାଉଣ୍ଡେସନ ନାମକ ଏକ ସଂସ୍ଥା ଗୋବେଲ ଅଲମ୍ପିଅର୍ଡ ନାମରେ ଗଣିତ ବିଷୟ କୁ ନେଇ ଏକ ପରୀକ୍ଷା କରିଥିଲେ । ଏହି ପରୀକ୍ଷାରେ କାରମେଲ ବିଦ୍ୟାଳୟ ର ୩୪ ଜଣ ଛାତ୍ର ଛାତ୍ରୀ ଙ୍କ ସହ ଅନ୍ୟାନ୍ୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ମଧ ଏହି ପରୀକ୍ଷା ଦେଇଥିଲେ । ତେବେ ଏହି ପରୀକ୍ଷା ରେ ଶ୍ରୀୟାଂଶ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଏକ ସ୍ୱତନ୍ତ୍ର ସ୍ଥାନ ପାଇପାରିଥିବା ବେଳେ ନିଜ ବାପା ମା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସହ ଜିଲ୍ଲାର ନା ମଧ୍ୟ ରଖିଛନ୍ତି ।

# ଗୋଳଗୋଳା ଗାଁରେ ଶିରିଜ୍ ଚୋରୀ ଘଟଣା

# ଏସ୍ଆଇ ଓ ଏଏସ୍ଆଇ ହେଲେ ନିଲମ୍ବିତ, ଗୋଳଗୋଳା ଗାଁରେ ଘଟଣାସ୍ଥଳ ପରିଦର୍ଶନ କଲେ ଏସପି

ନୟାଗଡ଼, ( ମହାଭାରତ ) : ନୟାଗଡ଼ ସଦର ଥାନା ଗୋଳଗୋଳା ଗାଁରେ ଘଟିଥିବା ୨୨ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ସହ ଲକ୍ଷାଧିକ ଟଙ୍କାର ଚୋରି ମାମଲାରେ ଏ ପର୍ଯ୍ୟନ୍ତ ପୁଲିସର ହାତ ଖାଲି ରହିଛି। ଏହି ଚୋରି ମାମଲାରେ ସ୍ଥାନୀୟ ଲୁଟେରା ମାନଙ୍କର ସମ୍ପୃକ୍ତି ରହିଥିବା ସ୍ୱଷ୍ଟ ଅନୁମାନ କରାଯାଉଥିଲେ ମଧ ପୁଲିସ ଏହି ଗ୍ୟାଙ୍ଗ୍ ନିକଟରେ ପହଞ୍ଚି ପାରି ନାହିଁ। ନୟାଗଡ଼ ଏସ୍ପି ରାହୁଲ ଜୈନ ଘଟଣାସ୍ଥଳ ପରିଦର୍ଶନ କରିଥିବା ବେଳେ ଚୋରିର ଶିକାର ହୋଇଥିବା ଲୋକ ମାନଙ୍କ ସହ ଆଲୋଚନା କରିଛନ୍ତି। ମାତ୍ର ଏହି ଘଟଣାରେ ସେଦିନ ସଦର ଥାନାରେ ରାତି ଡ୍ୟୁଟିରେ ଥିବା ଜଣେ ମହିଳା ପୁଲିସ ଏଏସ୍ଆଇ ଙ୍କ ବେପରୁଆ ଢଙ୍ଗ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମିଳିଥିବା ସୂଚନା ମୁତାବକ, ଗତ ୩୦ ତାରିଖ ବିଳମ୍ବିତ ରାତିରେ ଏହି ଗାଁର ସନ୍ତୋଷ ପାଣି, ଚନ୍ଦ୍ରମଣି ଦାସ, ସୁଦାମ ଦାସ ଓ ଆଉ ଏକ ରାସନ ଦୋକାନରୁ ଚୋରି ହୋଇଥିଲା। ଏ ସମ୍ପର୍କରେ ଜାଣିବା ପରେ ଚୋରିର ଶିକାର ଲୋକମାନେ ଏକାଠି ହୋଇ ସଦର ଥାନାକୁ ଦୌଡ଼ିଥିଲେ। ସେତେବେଳକୁ ରାତି ପ୍ରାୟ ୩ଟା ହୋଇଥିଲା। ସେତେବେଳକୁ ସଦର ଥାନା ଫାଟକରେ ତାଲା ଝୁଲୁଥିଲା। ବହୁ ସମୟ ଫାଟକକୁ ବାଡ଼େଇବା ପରେ ସେଦିର ଥାନାରେ ରାତି ଡ୍ୟୁଟିରେ ଥିବା ଏହି ମହିଳା ଏଏସ୍ଆଇ ପଦାକୁ ଆସିଥିଲେୟ ସେ ଅଭିଯୋଗକାରୀଙ୍କୁ ଶୁଣିବେ କ'ଣ ଓଲଟା ଅଭିଯୋଗ କରିବା ପାଇଁ ଆସିଥିବା ଲୋକମାନଙ୍କୁ ପ୍ରବଳ ଗାଳି କରିଥିଲେ। ଏତେ ରାତିରେ କାହିଁକି ଥାନାକୁ ଆସିଛି ବୋଲି କହି ସେମାନଙ୍କୁ ଏହି ପୁଲିସ ଏଏସ୍ଆଇ ଜଣକ ସେଠାରୁ ତଡ଼ି ଦେଇଥିଲେ। ଯଦି ସେତେବେଳେ ସେ ତୁରନ୍ତ ପଦକ୍ଷେପ ନେବା ଆରମ୍ଭ କରିଥାନ୍ତେ, ବୋଧହୁଏ ଏହି ଚୋର ମାନଙ୍କ ସମ୍ପର୍କରେ କିଛି ଟେର୍ ମିଳି ପାରିଥାନ୍ତାୟ ଏହି ମହିଳା ପୁଲିସ ଅଧିକାରୀଙ୍କ ଏମିତି ବ୍ୟବହାରରେ ଅଭିଯୋଗକାରୀ ମାନେ ତାଜୁବ୍ ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଏସ୍ପି ଜାଣିବା ପରେ ଥାନା ଇନ୍ସପେକ୍ଟର ଓ ସମ୍ପୃକ୍ତ ମହିଳା ପୁଲିସ ଅଧିକାରୀଙ୍କୁ ପ୍ରବଳ ଗାଳି କରିଥିବା ଜଣାପଡ଼ିଛି। ଏମିତିକି ଅଭିଯୋଗକାରୀଙ୍କୁ ଏମିତି ବ୍ୟବହାର କରିଥିବା ଉକ୍ତ ମହିଳା ପୁଲିସ ଅଧିକାରୀଙ୍କ ବିରୋଧରେ ଏସ୍ପି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ଏହି ଘଟଣାରେ ୩୦ ତାରିଖ ଦିନ ସଦର ଥାନା ରେ ଡିସିଓ ଦାଇତ୍ୱ ରେ ଥିବା ଏସ୍ଆଇ ହାସିନା ପ୍ରଧାନ, ନାଇଟ୍ ପ୍ରେଟୋଲିଙ୍ଗି ଦାୟିତ୍ୱ ରେ ଥିବା ଏଏସ୍ଆଇ ରାଜେଶ୍ୱରୀ ନାୟକ ଏବଂ ସେଣ୍ଟ୍ରି ଦାୟିତ୍ୱରେ ଥିବା କନେଷ୍ଟବଳ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଙ୍କୁ ଏସ୍ପି ନିଲମ୍ବିତ କରିଛନ୍ତି। ଅନ୍ୟପଟେ ଏହି ଚୋରି ଘଟଣାରେ କେହି ବାହାର ଗ୍ୟାଙ୍ଗ ନୁହେଁ ସ୍ଥାନୀୟ ଲୁଟେରାଙ୍କ ହାତ ଥିବା ପୁଲିସ ସନ୍ଦେହ କରୁଛି। ସ୍ଥାନୀୟ ଲୁଟେରା ମାନେ ଚୋରି କରିଥିବା ଘରଗୁଡ଼ିକ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। କିଏ ଘରେ ଅଛନ୍ତି ଓ କିଏ ବାହାରକୁ ଯାଇଛନ୍ତି, ସବୁ କିଛି ଜାଣିବା ପରେ ସେମାନେ ଏତେ ବଡ଼ ଚୋରି କରିବାକୁ ସକ୍ଷମ ହୋଇଛନ୍ତି। ଏଣୁ ଏହି ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇ ଏସ୍ପି ନିଜେ ସମସ୍ତ ତଦନ୍ତ ପ୍ରକ୍ରିୟାର ତଦାରଖ କରୁଛନ୍ତି। ଚୋରମାନଙ୍କୁ ଧରିବା ପାଇଁ ପୁଲିସ ଏବେ ବିଭିନ୍ନ ପ୍ରକାର କୌଶଳ ବ୍ୟବହାର କରୁଥିବା ଜଣାପଡ଼ିଛି।

# ବିଜେପି ନେତାଙ୍କ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ସୌଜନ୍ୟ ମୂଳକ ସାକ୍ଷାତ



ହାଟଡିହ(ମହାଭାରତ): ହାଟଡିହି ବ୍ଲକ ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ କୁମାର ସେଠୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ସୌଜନ୍ୟ ମୂଳକ ଭାବେ ଭେଟି ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ବିଷୟ ରେ ଆଲୋଚନା କରିଛନ୍ତି। ଯାହାକି ବିଭିନ୍ନ ପ୍ରକାରର ସମସ୍ୟା କୁ ସିଧାସଳଖ ମନ୍ତ୍ରୀ ମାନଙ୍କ ଦ୍ୱାରା କିପରି ସମାଧାନ କରିହେବ ସେ ବିଷୟ ରେ ଆଲୋଚନା କରିଛନ୍ତି। ମୁଖ୍ୟ ଆଲୋଚନା ମଧ୍ୟରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଶିକ୍ଷା ବ୍ୟବସ୍ଥାରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ ପାଇଁ ଅନୁରୋଧ କରିଥିଲେ। ଏହା ଛଡା ଉଭୟ ରାଜ୍ୟ ଓ କେନ୍ଦ୍ର ରେ ଭାଜପା ସରକାର ଥିବାରୁ ଦ୍ରୁତ ବିକାଶ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିକ୍ରିୟା ରଖିଥିଲେ।

# ଦେଶୀ ମଦ ଦୋକାନ ବନ୍ଦ ପାଇଁ ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ

ଦାନଗଦୀ(ମହାଭାରତ) : ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଂଚାୟତ ର ମାନପୁର ଛକ ଠାରେ ଦେଶୀ ମଦ ଦୋକାନ ଖୋଲିବାକୁ ସ୍ଥାନୀୟ ସୁଆଁଲ ବାସିନ୍ଦା ତୀବ୍ର ବିରୋଧ କରିଛନ୍ତି। ଖବର ମୁତାବକ ଯାଜପୁର ଜିଲ୍ଲା ଟମକା ଜନିନ୍ଦାପାଲ ଠାରେ ଥିବା ଆସ୍କା -୪୦ ମଦ ଦୋକାନ କୁ ଧୂଳିଗଡ଼ ପଂଚାୟତ ର ମାନପୁର ଛକକୁ ସ୍ଥାନାନ୍ତରଣ କୁ ନେଇ ଏହାକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଭେଟି ସ୍ଥାନୀୟ ବାସିନ୍ଦା ମାନେ ଏଠାରେ ମଦ ଦୋକାନ ନ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ନିର୍ବାଚନ ପରେ ପୁଣି ଥରେ ଏହି ଦେଶୀ ମଦ ଦୋକାନ ମାନପୁର ଛକରେ ଖୋଲିବାକୁ ଯାଉଥିବା ଖବର ପାଇଁ ସ୍ଥାନୀୟ ବାସିନ୍ଦା ଆଜି ସେଠାରେ ପହଁଚି ଏହି ଠାରୁ ଏହା



ନ ଖୋଲିବାକୁ ଦିନ ତମାମ ବସି ରହି ବିରୋଧ କରିଥିଲେ। ପୂର୍ବରୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ବିଭାଗୀୟ ଅଧିକାରୀ ଙ୍କ ପତ୍ର ସଂଖ୍ୟା ୪୦୪୧/ ତାରିଖ ୧୯.୦୪.୨୪ ରେ ଏହାକୁ ଧୂଳିଗଡ଼ ପଂଚାୟତ ରେ ଏହାକୁ ନ ଖୋଲି ସ୍ଥଗିତ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୁଣି ଥରେ ଅବକାରୀ ବିଭାଗ ଖୋଲିବା ପାଇଁ ନିର୍ଦ୍ଦେଶ ଦେଲା ପରେ ଆଜି ସ୍ଥାନୀୟ ବାସିନ୍ଦା ମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏହି ଦେଶୀ ମଦ ଦୋକାନ ଖୋଲିଲେ ଆଖପାଖରେ ଗଣ୍ଡଗୋଳ, ହାଣକଟା, ମାରପିଟ ଦୈନିକ ବଢ଼ିବ, ଏହି ଗାଁ ରେ ଦୈନିକ ଦିନ ମଜୁରିଆ ମାନେ ପ୍ରଦୂଷଣ ରେ ମାରୁଥିବା ବେଳେ ଦେଶୀ ମଦ ଖୁଲୁମୁଖୁଲା ପିଇ ତାଙ୍କର ସଂସାର ଉଜୁଡି ଯିବ,ଧନ ଜୀବନ କ୍ଷୟକ୍ଷତି ହେବ, ଚୋରି ଡକାୟତି ବଢ଼ି ଯିବା, ମାତ୍ର ୧୦୦ ମିଟର ଦୂରରେ ସୁଆଁଲ ବିଦ୍ୟାଳୟ ଅଛି। ଗାଁ ଅଛି ଏହି ମଦ ଗାଁ ଓ ପିଲାମାନଙ୍କ ଉପରେ କୁ ପ୍ରଭାବ ପକାଇବ ବୋଲି ସମସ୍ତେ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଆଉଥରେ ପୁନଃବିଚାର କରି ଆମ ଗାଁ ରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ କରି ଏ ମଦ ଦୋକାନ କୁ ଅନ୍ୟତ୍ର ସ୍ଥାନାଂତର କରିବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି। କାହିଁକି ମାତ୍ର ଟମକା ଠାରୁ ୩୦ କିଲୋମିଟର ଆମ ସୁଆଁଲ ଗାଁ ରେ ଦୋକାନ କରିବେ। ପ୍ରଦୂଷଣ ରେ ଆମକୁ ମାରିଲେ ବାକି ଲୋକଙ୍କୁ ମଦ ଦେଇ ପ୍ରଶାସନ ପୁଣି ମାରିବାକୁ ଷଡଯନ୍ତ୍ର କୁ ଆଉ ବରଦାସ୍ତକରାଯିବ ନାହିଁ ବୋଲି ଲୋକମାନେ କ୍ଷୋଭର ସହ କହିଛନ୍ତି।

# ଗୁପ୍ତା ବସ ହେଲପରଙ୍କ ଦବଙ୍ଗଗିରି ଯାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ

କୋକସରା,(ମହାଭାରତ ): ହାଇଦ୍ରାବାଦରୁ ସିନାପାଲି ଆସୁଥିବା ଏକ ଘରୋଇ ବସର ହେଲପର ମଙ୍ଗଳବାର ବସରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଯାତ୍ରୀମାନେ ଆମପାଣିଠାରେ ବସକୁ ଅଟକ ରଖି ହୋ ହାଲ୍ଲା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେଇଥିଲା। ସୂଚନା ଅନୁଯାୟୀ ଜୟପାଟଣା ବ୍ଲକ ଚଚିଗୁଡା ଗ୍ରାମର ନିରଞ୍ଜନ ସୁନାନୀ ତାଙ୍କ ଝିଅ ଓ ସ୍ତ୍ରୀ ସହ ହାଇଦ୍ରାବାଦରୁ ଆଜି ଗୁପ୍ତା ନାମକ ଘରୋଇ ବସ ଯୋଗେ ନିଜ ଗାଁକୁ ଫେରୁଥିଲେ। ତେବେ ବସ ହେଲପରଙ୍କ ସହିତ ସିଟ୍ ଦିଆ ନିଆଁ କଥାକୁ ନେଇ ବଚସା ହେଇଥିଲା। ହେଲପର ଜଣକ ରାଗିଯାଇ ବସିଲେ ବସ ନହେଲେ ଭାଗ କହି ବିଭିନ୍ନ ଅଶ୍ଳୀଳ ଭାଷା ପ୍ରୟୋଗ କରି ତାଙ୍କୁ ମାଡ଼ ମାରିଥିବା ଯାତ୍ରୀ ନିରଞ୍ଜନ ସୁନାନୀ ଅଭିଯୋଗ କରିଛନ୍ତି। ଏ ଘଟଣାକୁ ନେଇ ଗୁପ୍ତା ବସ ଆମପାଣି ପହଞ୍ଚିବା ପରେ ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ମୁଖ୍ୟ ଛକରେ ଯାତ୍ରୀଙ୍କ ପରିଜନ ଏବଂ ଆମପାଣି ଗ୍ରାମର ଅନେକ ଲୋକ ସେଠାରେ ପହଞ୍ଚି ବସକୁ ଅଟକ ରଖି କଣ୍ଡକ୍ଟରକୁ ଘେରାଉ କରିଥିଲେ। ଦିର୍ଘ ତିନି ଘଣ୍ଟା ଧରି ବସକୁ ସେଠାରେ ଅଟକ ରଖିଥିଲେ ଲୋକେ। ଏବଂ ହୋ ହାଲ୍ଲା ହେବା ସହ ଉ□ଜନା ମୂଳକ ପରିସ୍ଥିତି ଦେଖା ଦେଇଥିଲା। ପରେ ଅନେକ ବୁଝା ସୁଝା କରିବା ପରେ ବସଟିକୁ ଲୋକେ ଛାଡ଼ିଥିବା ଜଣାପଡିଛି। ଏବଂ ଆଗକୁ ଏଭଳି ଯାତ୍ରୀଙ୍କ ସହ ଅଘଟଣ ନ ଘଟୁ ସେଥିପ୍ରତି ଧ୍ୟାନ ଦେବାକୁ ଯାତ୍ରୀମାନେ ବସ କଣ୍ଡକ୍ଟରକୁ ଚେତାବନୀ ଦେଇଛନ୍ତି। ସୂଚନା ଯେ' ପୂର୍ବରୁ ମଧ ଏହି ବସର କର୍ମଚାରୀ ଜଣେ ଯାତ୍ରୀଙ୍କୁ ମାଡ଼ ମାରିଥିବା ଆମପାଣି ଥାନାରେ ଅଭିଯୋଗ ହୋଇଛି। ତେବେ ବାରମ୍ବାର ବସ କର୍ମଚାରୀଙ୍କ ଏଭଳି ଦବଙ୍ଗଗିରିକୁ ଲୋକେ ନାପସନ୍ଦ କରିବା ତିବ୍ର ନିନ୍ଦା କରିଛନ୍ତି।

## ଆଦିବାସୀଙ୍କୁ ପ୍ରତାରଣା

# ଆଦିବାସି ଜମି ଉପରେ ବେଆଇନ ନିର୍ମାଣ

**ରାଇରଙ୍ଗପୁର,(ମହାଭାରତ) :** ବିଜେଡି ସରକାର ସମୟରେ ଆଦିବାସୀଙ୍କୁ ପ୍ରତାରଣା, ସରକାରୀ ବାବୁଙ୍କ ନିର୍ଦ୍ଦେଶରେ ବିନା ଅନୁମତିରେ ଆଦିବାସି ଜମି ଉପରେ ଚାଲିଛି ବେଆଇନ ନିର୍ମାଣ । ଆଦିବାସୀଙ୍କ ଜମି ଉପରେ ଚାଲିଛି ରାସ୍ତା ଓ ପୋଲ ନିର୍ମାଣ । ଖାଲି ସେତିକି ନୁହେଁ ନିର୍ମାଣ ପାଇଁ ଖନନ ସମୟରେ ଡେନାମାଇଟ୍ ବିସ୍ଫରଣ ଦ୍ୱାରା ଗ୍ରାମବାସୀଙ୍କ ଘର ଫାଟି ଯାଇଛି । ଅଭିଯୋଗ କରିବା ପରେ ମଧ ପ୍ରଶାସନ ନୀରବ ଦ୍ରଷ୍ଟା । ତହସିଲ,ପୂର୍ତ୍ତବିଭାଗ ଅଧିକାରୀ ଙ୍କ ଠାରୁ ଆରମ୍ଭ କରି ଉପଜିଲ୍ଲାପାଳ,ଜିଲ୍ଲାପାଳ ଙ୍କ ପାଖରେ ଯେତେ ଅଭିଯୋଗ କଲେ ସୁଦ୍ଧା ଫଳାଫଳ ଶୂନ।

-ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୂର୍ତ୍ତ ବିଭାଗ ଅଧିନରେ ହେଉଥିବା ଏକ ରାସ୍ତାର ସମ୍ପ୍ରସାରଣ ପ୍ରକ୍ରିୟାରେ। ତେବେ ଜମି ମାଲିକ ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଅନୁସାରେ ରାଇରଙ୍ଗପୁର କଲେଜ ଛକ ଠାରୁ ସୁଲେଇପାଟ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେଉଥିବା ରାସ୍ତାରେ




ଶ୍ୟାମସୁନ୍ଦର ଗ୍ରାମ ନାମକ ସ୍ଥାନରେ ଗୋଟିଏ ପୋଲ ନିର୍ମାଣ ହେଉଅଛି ଯେଉଁଥିରେ ବେଆଇନ ଭାବରେ ଠିକାଦାର ନା କୌଣସି ପରମିସନ ନେଇଛନ୍ତି ନା ଗ୍ରାମବାସୀଙ୍କୁ କୌଣସି ସୂଚନା ଦେଇଛନ୍ତି ମନଇଚ୍ଛା ସହ ସହ ଡେନାମାଇଟ ବିସ୍ଫୋରଣ କରି ପାଖ ଗ୍ରାମର ଲୋକଙ୍କ ଘର କାନ୍ଥ ସବୁ ଫୋଟେଇ ଦେଲେଣି ଏବଂ ସେହି ନିର୍ମାଣ ହେଉଥିବା ପୋଲରେ ରାଇରଙ୍ଗପୁର ବ୍ଲକ ଭାଲୁବସା ଗ୍ରାମପଞ୍ଚାୟତ ର ମହିସାନେଦା ଗ୍ରାମର ବାହାଦୁର ମାଝୀଙ୍କ ନାମରେ ଥିବା ୩୪ ନମ୍ବର୍ ଖତିଆନର ୧୧୫୦,୧୧୫୨ ନମ୍ବର୍ ପ୍ଲଟ ରେ ପ୍ରଶାସନ କୌଣସି ସୂଚନା ନଦେଇ ବେଆଇନ ଭାବରେ ପୋଲ ନିର୍ମାଣ କରୁଛନ୍ତି । ତେବେ ତାଙ୍କ କହିବା ଅନୁସାରେ ସେ ତହସିଲ ଠାରୁ ଆରମ୍ଭ କରି ଉପଜିଲ୍ଲାପାଳ ପର୍ଯ୍ୟନ୍ତ ଅଭିଯୋଗ କରି ଥିଲେ ସୁଦ୍ଧା ଗରିବଙ୍କୁ ମିଳି ପାରି ନାହିଁ ନ୍ୟାୟ ।ଏଠାରେ ଗରିବ ଲୋକଙ୍କ କଥା ଶୁଣିଛି କିଏ ଏଠି ପରା ଅଫିସର ରାଜ ଚାଲିଥିଲା।

-ଅପରପକ୍ଷରେ ସେହି ପୋଲକୁ ଲାଗି ରହିଛି ସେହି ଗ୍ରାମର ପରମେଶ୍ୱର ମାଝୀଙ୍କ ଚାଷ ଜମି ଯାହା ୧୫୫ ନମ୍ବର୍ ଖତିଆନାର ୧୧୫୩ ନମ୍ବର ପ୍ଲଟ ଓ ସୁନ୍ଦର ମୋହନ ମାଝୀଙ୍କ ଖତିଆନା ନମ୍ବର ୧୮୨ର ୧୧୫୫,ଏବଂ ୧୧୫୬ ପ୍ଲଟ ରେ ବେଆଇନ ଭାବରେ ଠିକାଦାର ପୂର୍ବରୁ ଥିବା ରାସ୍ତାରେ ସମ୍ପ୍ରସାରଣ ନ କରି ଉକ୍ତ ପ୍ଲଟରେ ବେଆଇନ ନୂତନ ରାସ୍ତା ନିର୍ମାଣ କରୁଥିବା ବେଳେ ଏଠାରେ ମଧ ପ୍ରଶାସନ ନୀରବଦ୍ରଷ୍ଟା ସାଜି ଥିବା ବେଳେ ଠିକାଦାର ଗୁଣ୍ଡା ଲଗାଇ ବଳପୂର୍ବକ କାର୍ଯ କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ।ଏହି ଅଭିଯୋଗ କୁ ନେଇ ସେମାନେ ମଧ ତହସିଲ,ପୂର୍ତ୍ତ ବିଭାଗ , ଉପଜିଲ୍ଲାପାଳ, ଏବଂ ଜିଲ୍ଲାପାଳ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା ଏଠାରେ ମଧ ପ୍ରଶାସନ ନିରବ ଦ୍ରଷ୍ଟା।

-ତେବେ ଏହି ଅଭିଯୋଗ ନେଇ ଆମ୍ଭ ପ୍ରତିନିଧି ବାରମ୍ବାର ପୂର୍ତ୍ତ ବିଭାଗ ଅଧିକାରୀ ହେମନ୍ତ ନାଏକ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ହେମ୍ବ୍ରମଙ୍କ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିବା ବେଳେ ତାଙ୍କ ସହିତ ଯୋଗାଯୋଗ ହୋଇପାରି ନଥିଲା,ତେବେ ଆଦିବାସୀଙ୍କ ପ୍ରତି ଅନ୍ୟାୟ ହେଉ ଥିବା ବେଳେ ପ୍ରଶାସନ କାହିଁକି ନିରବଦ୍ରଷ୍ଟା ସାଜିଛି ଏହାକୁ ନେଇ ଏକ ବିରାଟ ପ୍ରଶ୍ନବାଚି ସୃଷ୍ଟି ହୋଇଛି ।ନୂତନ ସରକାର ଆସିବା ପରେ ସେମାନଙ୍କ ମଧ୍ୟରେ ଆସାର ସଂଚାର ଆସିଛି କି ଆମକୁ ନ୍ୟାୟ ମିଳିବ ।ଦେବେ ଦେଖିବାକୁ ବାକି ରହିଲା ଆଦିବାସୀଙ୍କୁ ନ୍ୟାୟ ମିଳୁଛି ନା ନିରାଶ ମିଳୁଛି ?

# ରାସ୍ତାରୁ ଛାତ୍ରକୁ ଅପହରଣ ଉଦ୍ୟମ



**କନ୍ଧମାଳ,(ମହାଭାରତ) :** ଜିଲ୍ଲା ବାଲିଗୁଡା ଖେଳପଡିଆ ନିକଟରୁ ୫ ଦୁର୍ବୃତ୍ତ ଏକ ଛାତ୍ରଙ୍କୁ ଅପହରଣ କରିବାକୁ ଚେଷ୍ଟାକରି ବିଫଳ ହୋଇଥିବା ଦେଖିବାକୁ ମିଳିଛି । ଅପହରଣକାରୀ ମାନେ ଏକ ହ୍ୱାଇଟ କାର ଗାଡିରେ ଆସିଥିବା କହିଛି ଛାତ୍ର ଜଣକ। ଖବର ପ୍ରକାରେ ବାଲିଗୁଡା ଦଣ୍ଡପଦର ଗ୍ରାମର ଝୁଲ ନାୟକଙ୍କ ପୁତ୍ର ରାଜା ନାୟକ ବାଲିଗୁଡା ଖେଳପଡିଆ ନିକଟକୁ ଟିଉସନ ଆସୁଥିବା ବେଳେ ଏକ ଧଳା କାର ଗାଡିରେ ୫ଜଣ ମୁଖାଧାରୀ ନୂଆଁସାହି ରାସ୍ତା କେଉଁପଟେ ବୋଲି ପଚାରିଥିଲେ । ଛାତ୍ରଟି ନୂଆଁସାହି ରାସ୍ତା ଦେଖାଉଥିବା ବେଳେ ଛାତ୍ରକୁ କାର ଗାଡି ଭିତରକୁ ଟାଣିନେଇ ସେଠାରୁ ଚମ୍ପଟ ମାରିଥିଲେ ଅପହରଣକାରୀ ମାନେ ।ଛାତ୍ର ଜଣକ ପଣସପଡି ରାସ୍ତାରେ ପରିସ୍ରା କରିବାକୁ କହିବାରୁ ସେଠାରେ କାର ରଖିଥିବା ବେଳେ କୌଶଳକ୍ରମେ ଛାତ୍ରଟି ଅପହରକାରୀଙ୍କ କବଳରୁ ଖସି ଦୌଡି ପଳାଇଥିଲେ ବୋଲି କହିଛି ଛାତ୍ର ଜଣକ ।ଛାତ୍ର ଜଣକ ପ୍ରାଣ ବିକଳରେ ଦୌଡିଆସି ବରାଳଦେବୀ ମନ୍ଦିର ଭିତରକୁ ପସି ଯାଇଥିଲେ । ସେଠାରୁ ସେ ଦଣ୍ଡପଦର ଅଭିମୁଖେ ଭୟରେ ଚାଲ, ଚାଲି ଯିବା ସମୟରେ ଜଣେ ଲୋକ ଛାତ୍ରଟିକୁ ତାଙ୍କ ଘରେ ପହଁଚାଇଥିଲେ ।ଛାତ୍ରଟି ଘରକୁ ଯାଇ ମୁର୍ଚ୍ଛା ହୋଇଯାଇଥିଲା ଘର ଲୋକେ ସଂଙ୍ଗେ ସଂଙ୍ଗେ ଛାତ୍ରଟିକୁ ବାଲିଗୁଡା ମେଡିକାଲରେ ଭର୍ତ୍ତିକରି ଥାନାରେ ଏତଲା ଦେଇଥିବା ଦେଖିବାକୁ ମିଳିଛି । ପୋଲିସ ଏତଲା ଗ୍ରହଣ କରି ଅପହରଣକାରୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଛାନବିନ୍ କରିବା ସହିତ ସିସିଟିଭି ଫୁଟେଜ ଯାଚଂ କରୁଥିବା ଜଣାପଡିଛି ।ବାଲିଗୁଡା ଏନ୍ଏସିରେ ସିସିଟିଭି ଗୁଡିକ କିଛି ଦିନ ହେଲା ଅଚଳ ପଡିଥିବାରୁ ଏହା ମଧ୍ୟରେ ବିଭିନ୍ନ ସମୟରେ ଅପରାଧୀମାନେ ସହଜରେ ଅପରାଧ ଘଟାଉଥିବା କହିଛନ୍ତି ବାଲିଗୁଡାବାସୀ ।ତେଣୁ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଉଅଛି । ଏହି ଘଟଣା ଘଟିବା ପରେ ଘରୁ ବାହାରକୁ ପଢିବାପାଇଁ ଯିବାକୁ ଭୟ କରୁଛନ୍ତି ଛାତ୍ରଛାତ୍ରୀ ।

# ୭୫ ତମ ବନ ମହୋତ୍ସବ ୨୦୨୪ ପାଳିତ



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ଦେବଗିରୀ ରେଞ୍ଜ କାର୍ଯ୍ୟାଳୟ ପରିସରରେ ୭୫ ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ଗଜପତି ଜିଲ୍ଲା ପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ।ସମ୍ମାନିତ ଅତିଥି ଭାବେ ଗଜପତି ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାର , ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଡକ୍ଟର ଗୁଣନିଧି ନାୟକ, ଉପାନ୍ତ ପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍ ଏମ୍ ଅଲ୍ଲୀ, ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏସ୍ ଆନନ୍ଦଙ୍କ ସଭାପତିତ୍ୱରେଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ସନ୍ତୋଷ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇ ଥିଲା ।ଅତିଥି ମାନେ ବୃକ୍ଷ ରୋପଣ ଓ ବୃକ୍ଷ ରୋପଣର ଉପକାରୀତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପରେ ଲଣ୍ଡା ପାହାଡରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଚାରା ବଣ୍ଟନ ଯାନକୁ ରିବନ କାଟି ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ସ୍କୁଲ, କଲେଜର ଛାତ୍ର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।

# ରଣପୁର-ଦର୍ପନାରାୟଣପୁର ରାସ୍ତା କାମ ନିମ୍ନମାନର

## ୨ ମାସ ନ ପୂରୁଣୁ ଦବିଗଲା

**ରଣପୁର,(ମହାଭାରତ) :** ରଣପୁର ବ୍ଲକ୍ ପୂର୍ତ୍ତ ବିଭାଗ ଅଧୀନ ରଣପୁର-ଦର୍ପନାରାୟଣପୁର ନବନିର୍ମିତ ପିଚୁ ରାସ୍ତା କାମ ୨ ମାସ ନ ପୂରୁଣୁ ରାସ୍ତାର ଅନେକ ସ୍ଥାନ ଦବି ଯାଇଥିବାବେଳେ କିଛି ସ୍ଥାନରେ ରାସ୍ତା ଫାଟି ଯାଇଥିବା ଦେଖିବାକୁ ମିଳିଛି। ଏହାର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଥିବାବେଳେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା କାହା ସ୍ୱାର୍ଥରେ ବୋଲି ଚର୍ଚ୍ଚା ହେଉଛି। ସୂଚନା ଥାଉକି, ରଣପୁର-ନୟାଗଡ଼କୁ ସଂଯୋଗ କରୁଥିବା ରଣପୁର-ଦର୍ପନାରାୟଣପୁର ରାସ୍ତା ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ଦୀର୍ଘ ତିନି ବର୍ଷ ତଳେ ରାସ୍ତାର ଉଭୟ ପାର୍ଶ୍ୱରୁ ବିରାଟକାୟ ବୃକ୍ଷମାନ କାଟି ରାସ୍ତା ଚଉଡ଼ା କରାଯାଉଛି। ଏଥିପାଇଁ ୧୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ରାଜ୍ୟ ବାହାରର ସିପିଏ ନାମକ ଏକ ଠିକା ସଂସ୍ଥା ଉକ୍ତ ରାସ୍ତା କାମ କରୁଛି। ରାସ୍ତା ନିର୍ମାଣର କଷ୍ଟ ପୂରିଯାଇଥିଲେ ହେଁ ଏବେ ବି ଅଧା କାମ ବାକି ରହିଥିବା ଜଣାଯାଇଛି। ଫଳରେ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖା ଦେଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କିଛି ଫଳ ମିଳି ନଥିବା ଅଭିଯୋଗ ହେଉଛି। ବର୍ଷା ଦିନ ଆରମ୍ଭ ହେଉ ହେଉ ଅସରାଏ ବର୍ଷାରେ ନବନିର୍ମିତ ରାସ୍ତାର ଉଭୟ ପାର୍ଶ୍ୱ ଫାଟିଯିବା ସାଙ୍ଗକୁ



ଅନେକ ସ୍ଥାନରେ ରାସ୍ତା ଦବି ଯାଇଥିବାରୁ ଯାତାୟାତରେ ବିପଦ ସୃଷ୍ଟି ହେବା ସାଙ୍ଗକୁ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରୁ ବିରାଟକାୟ ବୃକ୍ଷ ଗୁଡ଼ିକୁ କାଟି ଦେବାରୁ ଗ୍ରୀଷ୍ମ ଦିନେ ଲୋକେ ନାହିଁନଥିବା ହଇରାଣ ହେଉଛନ୍ତି। ଏଣୁ ଏହାର ପ୍ରତିକାର ସ୍ୱରୂପ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷା ଦିନେ ଗଛ ଲଗାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ନିମ୍ନମାନର କାମ ପ୍ରତି ଆଖି ବୁଜିଦେଇ, ‘‘କାମ ଚାଲୁ ରହିଛି, ବହୁତ କାମ ବାକି ରହିଛି; ଏଣୁ ଦବିଯାଇଥିବା ରାସ୍ତାର ପ୍ରତିକାର ନିଶ୍ଚିତ କରାଯିବ” ବୋଲି ସହକାରୀ ଯନ୍ତ୍ରୀ ପକ୍ଷରୁ ସୂଚନା ମିଳିଛି।


# ଆସ୍ୱାୟର ପକ୍ଷରୁ ରକ୍ତଦାନ ଶିବିର

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଆସ୍ୱାୟର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷ ରୁ ବଡ଼ପାଟଣା ପଞ୍ଚାୟତ ସଭାଗୃହ ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଛି । ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୁବେନ୍ଦୁ ସାଗର କୁମାର ନାୟକ ଯୋଗଦାନ କରି ରକ୍ତଦାନ ଶିବିର କୁ ଉଦ୍ଘାଟନ କରିଛନ୍ତି । ଏହି ରକ୍ତଦାନ ଶିବିର ରେ ସ୍ଥାନୀୟ ସରପଞ୍ଚ ବିନତି ବାନରା,କଣ୍ଟିଆପଡା ସମିତି ସଭ୍ୟ ସଞ୍ଜୁ ମହାନ୍ତ,ପଞ୍ଚାୟତ ଅଧିକାରୀ ସୁଧାଂଶୁ ପାଇକରାଇ,ସମାଜ ସେବୀ ବିଦ୍ୟାଧର ଦାଶ,ଆସ୍ୱାୟର ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ଲକ ସଂଯୋଜକ ଶିଶିର କୁମାର ଦାସ,ସମନ୍ୱିତ ଶିଶୁ ବିକାଶ ସଂଯୋଜକ ରାଜ କୁମାର ପଳେଇ,ଏମ୍.ଆଇ.ଏସ୍ ସଂଯୋଜକ ମମତା ଦେହୁରୀ,ବିତନ୍ଦ୍ର ସାହୁ,ନରୋତ୍ତମ ବରଡ଼ିଆ,ମନୋଜ କୁମାର ନାଏକ,ବିଜୟ କୁମାର ମହାନ୍ତ,ପ୍ରିୟକା ନାଏକ,ଭୋଳାନାଥ ମହାନ୍ତ,ଶିକ୍ଷକ ସତ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦୁଝର ରକ୍ତଭଣ୍ଡାର ପକ୍ଷ ରୁ ମୋଟ ୨୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଛି ।




# ପିଲାଙ୍କୁ ପାଠ ପଢ଼ାଇଲେ କୋରାପୁଟ ବିଧାୟକ ରଘୁରାମ ମାଛ

**ସେମିଲିଗୁଡା,(ମହାଭାରତ) :** ବିଦ୍ୟାଳୟରେ ଶିକ୍ଷକ ସାଜି ପିଲାଙ୍କୁ ପାଠ ପଢ଼ାଇଲେ କୋରାପୁଟ ବିଧାୟକ ରଘୁରାମ ମାଛ । କୋରାପୁଟ ଜିଲ୍ଲା ସେମିଲିଗୁଡା ଅନ୍ତର୍ଗତ ଆର କେ ବାଳିକା ଉଚ୍ଚ ବିଦ୍ୟାଳୟକୁ କୋରାପୁଟ ବିଧାୟକ ରଘୁରାମ ମାଛ ଅଚାନକ ଗସ୍ତ କରି ପିଲା ମାନଙ୍କୁ ପାଠ ପଢ଼ାଇଥିଲେ । ବିଧାୟକ ରଘୁରାମ ମାଛ ଛାତ୍ରୀଙ୍କୁ ପାଠ ପଚାରିବା ସହିତ ନିଜେ ଶିକ୍ଷକ ସାଜି ଛାତ୍ରୀ ମାନଙ୍କୁ ଶିକ୍ଷା ଦାନ କରିଥିଲେ । ପିଲା ମାନଙ୍କୁ ଗଣିତ ପ୍ରଶ୍ନ ପଚାରିବା ସହିତ ନିଜେ ଗଣିତ ପାଠ ପଢାଇ ଥିଲେ। କିପରି ପଢିଲେ ମନ ରହିଲେ । ପାଠ ପଢିବା ଶୈଳୀ ଗଣିତର ଗାଣିତିକ କୁ କିପରି ମନେ ରଖିବା ସେ ନେଇ ଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ଆଉ କହିଥିଲେ ସେ ଜଣେ ଗରିବ ଘର ର



ପିଲା ଥିଲେ । କ୍ଲାସ ରେ ତୃତୀୟ ହେଉଥିଲେ କିନ୍ତୁ ଆଜି ବିଧାୟକ ହୋଇ ପାରିଛନ୍ତି । ନିଜ ଉପରେ ଆତ୍ମ ବିଶ୍ୱାସ ରହିଲେ ଜଣେ ଆଗକୁ ଯାଇ ପାରିବ । ମୁଁ ଜଣେ ଶିକ୍ଷକ ଥିଲି କିନ୍ତୁ ଏବେ ବିଧାୟକ ଲୋକ ମାନଙ୍କ ଭଲ ପାଇବା ରେ ମୁଁ ଆଜି ବିଧାୟକ ହୋଇଛି । କିନ୍ତୁ ମୋର ଏବେ ବି ଶିକ୍ଷାଦାନ କରିବାର ଅଭିଳାଷ ରହିଛି । ସମୟ ମିଳିଲେ ମୋ ନିର୍ବାଚନ ମଣ୍ଡଳୀ ରେ ରହିଥିବା ବିଦ୍ୟାଳୟ ବୁଲି ଶିକ୍ଷା ଦାନ କରିବି ବୋଲି ବିଧାୟକ ରଘୁରାମ ମାଛ କହିଛନ୍ତି । ଅନେକ ବିଦ୍ୟାଳୟରେ ଅବ୍ୟବସ୍ଥା ରହିଛି । ସେ ସବୁ ଖୁବ ଶୀଘ୍ର ସମାଧାନ କରାଯିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ପାଇଁ ସେ ଚେଷ୍ଟା କରିବେ ବୋଲି ବିଧାୟକ କହିଛନ୍ତି ।

# ରଏନଗୁଡା ହାଇ ସ୍କୁଲରେ ବନ ମହୋତ୍ସବ ପାଳିତ

**କୋକସରା,(ମହାଭାରତ) :** ଧର୍ମଗଡ ରେଞ୍ଜ ଦକ୍ଷିଣ ବନଖଣ୍ଡ ଅଧିନ କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ପକ୍ଷରୁ ମଙ୍ଗଳବାର ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରଏନଗୁଡା ଠାରେ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି।



ବିଦ୍ୟାଳୟର ପ୍ରଧାନଶିକ୍ଷକ ରବି ନାରାୟଣ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମପାଣି ଫରେଷ୍ଟର ମନିଷା ପଟ୍ଟନାୟକ ଯୋଗଦେଇଥିଲେ। ଏହି କ୍ରମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୃଥିବୀରେ ଦେଖାଦେଇଥିବା ପରିବେଶ ପ୍ରଦ୍ୟୁଷଣ, ଜଳବାୟୁ ପ୍ରଦ୍ୟୁଷଣ, ବିଶ୍ୱତାପନ ବୃଦ୍ଧି, ବର୍ଷା, ମୃତ୍ତିକା କ୍ଷୟ ଭଳି ସମସ୍ୟା ଉପରେ ଅତିଥି ମାନେ କହିଥିଲେ। ଏବଂ ଏଥିରୁ ରକ୍ଷା ପାଇବା ପାଇଁ ହେଲେ ବୃକ୍ଷ ରୋପଣର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ପରେ ଅତିଥି ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍କୁଲ ପରିସରରେ ବିଭିନ୍ନ କିସମର ଚାରା ରୋପଣ କାରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ କପିଳେନ୍ଦ୍ର ସିଂ, ପ୍ରଶାନ୍ତ କୁମାର ସାହୁ, ଷୋଳପାଣି ଦାସ ସମେତ ସ୍କୁଲ ପରିଚାଳନା କମିଟିର ସଦସ୍ୟା, ବନ କର୍ମଚାରୀ ଓ ସ୍କୁଲ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

# ବଜ୍ରାଘାତରେ ମୃତ ପରିବାରକୁ ସହାୟତା

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଚିଉଲପୁର ଗ୍ରାମର ମୋହନ ବେହେରା ଗତକାଲି ବଜ୍ରାଘାତରେ ମୃତ୍ୟୁ ବରଣ କରିଥିଲେ ସେ ଜଣେ ଦିନ ମଜୁରିଆ ଥିଲେ ।



ପାରିବାର ର ମହୋନ ଥିଲେ ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ତାଙ୍କର ପାଞ୍ଚ ବର୍ଷ ର ପୁଅ ଏବଂ ତିନି ବର୍ଷର ଏକଛୋଟ ଝିଅ ଅଛି ।ମୋହନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ନିସଃହାୟ ହୋଇ ପଡିଥିବାବେଳେ ସାହାଯ୍ୟର ହାତବଢାଇଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛୋଟଏକ ପ୍ରୟାସ ।ଅନୁଷ୍ଠାନ ତରଫରୁ ଡାଲି , ଚାଉଳ, ଚିନି,ଚୁଡ଼ା ଇତ୍ୟାଦି ପ୍ରଦାନ କରାଯାଇଥିବା ବେଳେ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି ସଂଙ୍ଗଠନର ସଦସ୍ୟ। ଏଭଳି ସମୟରେ ସଂଙ୍ଗଠନ ସାହାଯ୍ୟର ହାତ ବଢ଼ାଇଥିବାରୁ ପ୍ରଶଂସାର ସୁଅ ଛୁଟିଛି ।

# ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା



**ଗଜପତି,(ମହାଭାରତ) :** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନା ପରିସରରେ ଗଜପତି ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ୍ କୁମାରଙ୍କ ନିର୍ଦ୍ଦେଶକ୍ରମେ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି ।ପାରଳା ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ସରକାରୀ ଓକିଲ ବୃନ୍ଦାବନ ନାୟକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଡି ଏସ୍ ପି ଆଲୋକ ରଞ୍ଜନ ରାୟ, ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି, ଓକିଲ ସଂଘର ସଭାପତି ଆଇନଜୀବୀ ସ୍ୱରୂପ ପାଳ, ବରିଷ୍ଠ ଆଇନଜୀବୀ ହୀରାଚାନ୍ଦ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ନୂତନ ଭାବେ ତିନୋଟି ଅପରାଧିକ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ବିଷୟରେ ଉପସ୍ଥିତ ଅତିଥି ମାନେ ଆଲୋଚନା କରି ବୁଝାଇ ଥିଲେ ।ଏହି କାର୍ଯ୍ୟକ୍ରମରେ ବହୁ ପୋଲିସ କର୍ମଚାରୀ,ଆଇନଜୀବୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବାଲି ଗାଡିପାର ହାଟଡିହି ଓ ବନ୍ତ ସୀମାନ୍ତ ରାସ୍ତା ଶୋଚନୀୟ

**ହାଟଡିହି,(ମହାଭାରତ) :** କେନ୍ଦୁଝର ଜିଲ୍ଲା ନନ୍ଦିପଦା ପୋଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବା ଫଳରେ ବେଆଇନ ବାଲି ଚୋରା ଚାଲାଣ ଅବଶ୍ୟ ହ୍ରାସ ପାଇଛି । ଯାହାକି ବାଲି ମାଫିଆଙ୍କ ପାଇଁ ମୁଣ୍ଡ ବିନ୍ଧା ସାଜିଛି । ବିଶେଷ କରି ଆନନ୍ଦପୁର-ଭଦ୍ରକ ୫୩ନଂ ରାଜ୍ୟ ରାଜପଥର ଛେନାପଦୀରୁ ମରେଇଗାଁ ମଧ୍ୟରେ ନନ୍ଦିପଦା ପୋଲିସ ବେଆଇନ ବାଲି ବୋଝେଇ ଗାଡି ଜବତ ସହ ଡ୍ରାଇଭରଙ୍କୁ ଗିରଫ କରିବା ପ୍ରକ୍ରିୟା ଚାଲୁରହିଛି । କିନ୍ତୁ ବାଲି ମାଫିଆ ମାନେ ଏବେ ପୋଲିସ ଭୟରେ ବାଲି ଗାଡି ପରିବହନ ରାସ୍ତା ପରିବର୍ତ୍ତନ କରି ବାଲି ପରିବହନ କରିବା ନଜରକୁ ଆସିଛି । ହାଟଡିହି ବ୍ଲକ ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ଜିଲ୍ଲାକୁ ସଂଲଗ୍ନ କରିଥିବାରୁ ବାଲି ମାଫିଆ ମାନେ ଗାଁ, ଗହଳି ରାସ୍ତାରେ ଦିନ, ରାତି ସହଜରେ ବାଲି ପରିବହନ କରୁଛନ୍ତି । ବର୍ଷା ଦିନ ହୋଇ ଯାଇଥିବା ଫଳରେ ଗ୍ରାମ୍ୟ ରାସ୍ତା ଏବେ ବିପଦ ସଂକୁଳ ହୋଇପଡ଼ିଲାଣି । ତେଣୁ ପୋଲିସ ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଅଞ୍ଚଳର ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ ଦାବୀ କରିଛନ୍ତି । ସୂଚନା ଯୋଗ୍ୟ ହାଟଡିହୀ



ବ୍ଲକ ଡଅଁର ପଞ୍ଚାୟତ ସରଳା ଗ୍ରାମ ଭଦ୍ରକ ଜିଲା ବନ୍ତ ବ୍ଲକ କୁ ସଂଲଗ୍ନ କରୁଛି । ବାଲି ଗାଡି ଯାତାୟାତ ଫଳରେ ସରଳା ରୁ ବନ୍ତ କୁ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ଦେଇ ଦୈନିକ ଶହ ଶହ ଲୋକ ଯାତାୟାତ କରିଥାନ୍ତି । ଭଦ୍ରକ ମେଡିକାଲ, ବନ୍ତ ବଜାର, କଟକ, ଭୁବନେଶ୍ୱର କୁ ଯିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି । ଦୈନନ୍ଦିନ ଜୀବନ ରେ ଏହି ରାସ୍ତା ଲୋକଙ୍କ ପାଇଁ ଅତି ଦରକାର ହୋଇଥିବା ବେଳେ ରାସ୍ତା ର ଅବସ୍ଥା ଶୋଚନୀୟ ହୋଇପଡିଛି । ରାସ୍ତାଟି ଖାଲ, ଖମା ହୋଇଯାଇଥିବା ବେଳେ ଦୁଇ ଏବଂ ଚାରି ଚକିଆ ଗାଡି ଯିବା କଷ୍ଟକର ହୋଇପଡିଛି । ପଥଚାରୀ ମାନେ ବି ନାନା ଦୁର୍ଦଶା ଭୋଗୁଛନ୍ତି । ରାସ୍ତା ର ଓସାର ୮ ରୁ ୧୦ ଫୁଟ ରହିଛି । ଦୈନିକ ଶହ ବାଲି ବୋଝେଇ ଟ୍ରକ, ହାଇୱା, ଟ୍ରାକ୍ଟର ଏହି ରାସ୍ତା ଦେଇ ଯାଉଛନ୍ତି । ଫଳରେ ରାସ୍ତା ଟି ନଷ୍ଟ ହେବାକୁ ବସିଥିବା ବେଳେ ରାସ୍ତା ରେ ଖାଲଖମା ସୃଷ୍ଟି ହୋଇଛି । ଅସଲାଏ ବର୍ଷା ହେଲେ ରାସ୍ତା ରେ ପାଣି ଜମୁଛି । ଫଳରେ ଯାତାୟାତ କ୍ଷେତ୍ର ରେ ସାଧାରଣ ଲୋକ ମାନେ ନାନା ହଇରାଣ ଭୋଗ କରୁଛନ୍ତି । ବଡ଼ ବଡ଼ ବାଲି ବୋଝେଇ ଗାଡି ବାଲି ଉଠାଣ କରି ଗ୍ରାମାଞ୍ଚଳ ରାସ୍ତା ରେ ଯାତାୟାତ କରୁଥିବା ବେଳେ ଲିଜଧାରୀ କିମ୍ବା ପ୍ରଶାସନ ରାସ୍ତା ମରାମତି କରୁନାହାନ୍ତି । ଫଳରେ ଗ୍ରାମାଞ୍ଚଳ ରାସ୍ତା ଶୋଚନୀୟ ହୋଇପଡିଛି । ରାସ୍ତା ର ଉଚ୍ଚତା ଧୀରେ ଧୀରେ କମୁଥିବା ବେଳେ ମରାମତି ନ ହେଲେ ରାସ୍ତା ର ଦୁଇ ପାର୍ଶ୍ୱରେ ଥିବା ଚାଷ ଜମିରେ ଉକ୍ତ ରାସ୍ତା ମିଶିଯିବ । ଅନ୍ୟ ପଟେ ସରଳା ଗ୍ରାମରୁ ବନ୍ତ ଅଞ୍ଚଳ କୁ ଯିବା ବେଳେ ସରଳା ଏବଂ ଓଳମ ମଝିରେ ରେବ ନାଳ ଅଛି । ଏହି ନାଳ ଉପରେ ଏକ ପୋଲ ମଧ୍ୟ ଅଛି । ଏହି ପୋଲ ଉଭୟ ଜିଲା କୁ ସଂଯୋଗ କରେ । ପୋଲଟି ଦୀର୍ଘ ବର୍ଷ ହେବ ମରାମତି ହୋଇନି କି ନାଳ ଉପରେ ଦ୍ୱିତୀୟ ପୋଲ ମଧ୍ୟ ନାହିଁ । ବାଲି ବୋଝେଇ ଗାଡି ଗୁଡିକ ପୋଲ ଦେଇ ପାର ହେଉଥିବାରୁ ଦୁର୍ବଳ ପୋଲ କେତେବେଳେ ଯେ ଭୁଷୁଡ଼ି ପଡିବ ତାକୁ ନେଇ ଆଶା ଏବଂ ଆଶଙ୍କା ସୃଷ୍ଟି ହୋଇଛି । ବାଲି ବୋଝେଇ ଗାଡି ଉପରେ ପ୍ରଶାସନିକ କଟକଣା ଲାଗୁ, ରାସ୍ତା ମରାମତି କରିବା, ଉଭୟ ଜିଲା କୁ ସଂଯୋଗ କରୁଥିବା ପୋଲ ମରାମତି ଏବଂ ଦ୍ୱିତୀୟ ପୋଲ ନିର୍ମାଣ ନିର୍ମାଣ ଦିଗରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଞ୍ଚ ତ୍ରୈଲୋଚନ ନାୟକ, ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲିକ ପ୍ରମୁଖ ଦାବୀ କରିଛନ୍ତି । ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି ଯେ ସୀମାନ୍ତ ରାସ୍ତାରେ ଯାଉଥିବା ବାଲି ଗାଡି ଉପରେ ନଜର ରଖାଯାଇ ଚେକିଂ କରାଯିବ ଏବଂ ଉଚିତ ପଦକ୍ଷେପ ନିଆଯିବ ।

# ବାର୍ବାଡସରୁ ଫେରୁଛି ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ,୩।୭(ଏଜେନ୍ସି):** ଟି-ଟ୍ୱେଣ୍ଟି ବିଜୟ ପରେ ବାର୍ବାଡସରୁ ଭାରତ ଫେରୁଛନ୍ତି ବିଜୟୀ ଟିମ। ଭାରତୀୟ ଖେଳାଳି, ସପୋର୍ଟ ଟିମ୍ ଏବଂ ସାମ୍ବାଦିକମାନଙ୍କୁ ନେଇ ଏୟାର ଇଣ୍ଡିଆର ଋଟାଡ୍ ଫ୍ଲାଇଟ୍ ଭାରତ ଫେରୁଛି । ଫାଇନାଲ୍ ମ୍ୟାଚ୍ ସରିବା ପରେ ଘୂର୍ଣ୍ଣିଝଡ଼ କାରଣରୁ ଋରି ଦିନ ହେବ ବାର୍ବାଡସରେ ଫସି ରହିଥିଲା ଟିମ୍ ଇଣ୍ଡିଆ



ରିପୋର୍ଟ ଅନୁସାରେ, ଆଜି ସନ୍ଧ୍ୟାରେ ବାର୍ବୋଡସର ବିମାନ ବନ୍ଦରରୁ ଏୟାର ଇଣ୍ଡିଆ ାର ବୋଇଂ ୭୭୭ ବିମାନ ଟିମର ଖେଳାଳି, ସପପୋର୍ଟ ଟିମ୍ ଏବଂ ସାମ୍ବାଦିକମାନଙ୍କୁ ନେଇ ଉଡ଼ାଣ ଭରିଛି ଆ ।ସନ୍ତାକାଲି ସକାଳ ୬ଟାରେ ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିବ । ଏହାପରେ ଖେଳାଳିମାନେ ସକାଳ ୯ଟା ୩୦ରେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟିବେ ପ୍ରଧାନମନ୍ତ୍ରୀଙ୍କ ସହ ଆ ।ଲୋଚନା ସାରି ସେଠାରୁ ଋଟାଡ ବିମାନ ଯୋଗେ ମୁମ୍ବାଇ ଯିବେ ମୁମ୍ବାଇ ବିମାନ ବନ୍ଦରରୁ ।ଙ୍ଖେଡେ ଷ୍ଟାଡିୟମରେ ପହଞ୍ଚିବେ ।

ୱାଙ୍ଖେଡେ ଷ୍ଟାଡିୟମରେ ଏକ କିଲୋମିଟରର ବସ୍ ପ୍ୟାରେଡର କାର୍ଯ୍ୟକ୍ରମ ରହିଛି । ସେଠାରେ ଭବ୍ୟ ସ୍ୱାଗତ ପରେ ଅଧିନାୟକ ରୋହିତ ଶର୍ମା ବିସିସିଆଇ ସେକ୍ରେଟାରୀ ଜୟ ଶାହଙ୍କୁ ବିଶ୍ବକପ୍ ହସ୍ତାନ୍ତର କରିବେ ସେଠାରେ ସମସ୍ତ କାର୍ଯ୍ୟକ୍ରମ ସରିବା ପରେ ସନ୍ଧ୍ୟାରେ ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କରିବେ ।

ପ୍ରକାଶ ଥାଉକି ଜୁନ୍ ୨୯ରେ ବାର୍ବାଡସରେ ଟି-ଟ୍ୱେଣ୍ଟି ବିଶ୍ବକପ୍ ଫାଇନାଲ୍ ମ୍ୟାଚ୍ ଖେଳା ଯାଇଥିଲା କିନ୍ତୁ ସେଠାରେ ଏକ ଘୂର୍ଣ୍ଣିଝଡ଼ ବେରିଲ୍ ସୃଷ୍ଟି ହେବା କାରଣରୁ ପାଣିପାଗକୁ ଦୃଷ୍ଟିରେ ରଖି ବିମାନ ଉଡ଼ାଣ କରିପାରି ନଥିଲା ଜୁଲାଇ ୧ରେ ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ବିସିସିଆ ।ଇ ବାର୍ବା ।ଡସକୁ ସ୍ୱତନ୍ତ୍ର ବିମାନ ପଠାଇଥିଲା । କିନ୍ତୁ ଏହାପରେ ମଧ ପାଗରେ ପରିବର୍ତ୍ତନ ନ ଆସିବାରୁ ବିମାନ ଉଡ଼ାଣ ବିଳମ୍ବ ହୋଇଥିଲେ ଶେଷରେ ଭାରତ ଫେରୁଛନ୍ତି ବିଜୟୀ ଟିମ୍ ଦୀର୍ଘ ୧୭ ବର୍ଷ ପରେ ବିଶ୍ବକପ୍ ଜିତି ଥିବା ଟିମ୍ ଇଣ୍ଡିଆକୁ ସ୍ୱାଗତ କରିବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି କ୍ରିକେଟ ପ୍ରେମୀ ।

# ଅଷ୍ଟମ ଜିଲ୍ଲାସ୍ତରୀୟ ବ୍ୟାଡ୍ମିଂଟନ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ,୩।୭: ଚଳିତ ବର୍ଷର ଅଷ୍ଟମ ଜିଲ୍ଲା ସ୍ତରୀୟ ବ୍ୟାଡ୍ମିଂଟନ ପ୍ରତିଯୋଗିତା ଜିଲ୍ଲା ବିଜୁ ପଟ୍ଟନାୟକ ଇଣ୍ଡୋର ହଲ୍ ଠାରେ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ କୋଣଅନୁକୋଳରୁ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଭା, ଖେଳାଳୀମାନେ ଅଂଶଗ୍ରହଣ କରିଥିଲେ ।




ଉକ୍ତ ପ୍ରତିଯୋଗିତାରେ ସଂଘର ସଭାପତି ଦୀପକ କୁମାର ଦଳେଇ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରୂପେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସଂପତ୍ ଯୋଗଦେଇ ବିଜେତା ଖେଳାଳୀମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ୧୧ବର୍ଷ ବର୍ଗରୁ ଆରମ୍ଭ କରି ୪୦ବର୍ଷ ବର୍ଗ ପର୍ଯ୍ୟନ୍ତ ଖେଳାଳୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ବ୍ୟାଡ୍ମିଂଟନ ସଂଘର ନେତୃତ୍ୱରେ ଏହି ପ୍ରତିଯୋଗିତା ସୂଚାରୁରୂପେ ସଂପାଦିତ ହୋଇଯାଇଛି । ସହକର୍ମୀ ରୂପେ ଅରବିନ୍ଦ ସାହୁ, ପ୍ରମୋଦ ସିଂହ, ତାରିଣୀ ପ୍ରସାଦ ମାଝୀ, ପ୍ରିୟବ୍ରତ ପ୍ରଧାନ, ପୂଣ୍ୟଶ୍ଳୋକ ରାଉତ, ଉଦୟଭାନୁ ସିଂହ, ପ୍ରତାପ ସିଂହ, ଅମିତ୍ ଛୋଟରାୟ, ଚିନ୍ମୟ ନନ୍ଦ, ବିଶ୍ୱଜିତ୍ ସାହୁ, ଅନିଲ୍ ସାହୁ, ଶାରକ ପ୍ରସନ୍ନ ହୋତା, ସୁଶାନ୍ତ ସାହୁ, ମନୋରଞ୍ଜନ ବିଶ୍ୱାଳ, ସାଇ ପ୍ରଭାତ ରଶ୍ମି, ସ୍ନେହା ସୋନମ୍, ସତ୍ୟବ୍ରତ, ରିତେଶ ହୋତା, ସର୍ବେଶ୍ୱର ସେଠୀ, ରେନିତ୍ ପାଲ୍, ଦିବ୍ୟାଂଶୁ ଶତପଥୀ, ଅମିତ୍ ରଞ୍ଜନ ଶତପଥୀ, ରଶ୍ମି ପ୍ରକାଶ ପଟ୍ଟନାୟକ, ମୁକେଶ ସିଂହ, ବ୍ରିଜେଶ୍ ମିଶ୍ର ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ । ପରିଶେଷରେ ସଂପାଦକ ଟଙ୍କଧର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକୁ ସମାପ୍ତ କରିଥିଲେ ।

# ହାର୍ଦ୍ଦିକ ପାଣ୍ଡ୍ୟା ଶ୍ରେଷ୍ଠ ଅଲ୍‌ରାଉଣ୍ଡର

**ଦୁବାଇ,୩।୭(ଏଜେନ୍ସି):** ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ରଚିଛନ୍ତି ଇତିହାସ । ଟି-ଟ୍ୱେଣ୍ଟି ଅଲରାଉଣ୍ଡର ରାଙ୍କିଂର ୧ ନଂ ସ୍ଥାନରେ ପହଞ୍ଚିଛନ୍ତି ପାଣ୍ଡ୍ୟା ଏହି ସୌଭାଗ୍ୟ ଅର୍ଜନ କରିବାରେ ହାର୍ଦ୍ଦିକ ପାଣ୍ଡ୍ୟା ହେଉଛନ୍ତି ପ୍ରଥମ ଭାରତୀୟ ଖେଳାଳି ।



ପାଣ୍ଡ୍ୟାଙ୍କ ପୂର୍ବରୁ ଅନ୍ୟ କୌଣସି ଖେଳାଳି ଆଇସିସି ଟି-ଟ୍ୱେଣ୍ଟି ଅଲରାଉଣ୍ଡର ରାଙ୍କିଂର ଏକ ନଂ ହୋଇ ପାରିନଥିଲେ ଟି-ଟ୍ୱେଣ୍ଟି ବିଶ୍ବକପରେ ଅଲ୍ ରାଉଣ୍ଡିଂ ପ୍ରଦର୍ଶନ ପାଇଁ ତାଙ୍କୁ ଏହି ସ୍ଥାନ ମିଳିଛି । ନିକଟରେ ଆ ।ମେରିକା ଓ ୱେଷ୍ଟ ଇଣ୍ଡିଜରେ ଅନୁଷ୍ଠିତ ଟି-ଟ୍ୱେଣ୍ଟି ବିଶ୍ବକପରେ ପାଣ୍ଡ୍ୟାଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ବାର୍ବୋଡସରେ ଖେଳା ଯାଇଥିବା ଫାଇନାଲ୍ ମ୍ୟାଚରେ ଦକ୍ଷିଣ ଆ ।ଫ୍ରିକାର ଡେଭିଡ୍ ମିଲର ଏବଂ ହେନରିଚ କ୍ଲାସେନଙ୍କ ୱିକେଟ୍ ନେଇ ମ୍ୟାଚର ଗତିବିଧି ପରିବର୍ତ୍ତନ କରିଥିଲେ ପାଣ୍ଡ୍ୟା । ଏହା ସାଙ୍ଗକୁ ପୂରା ଟୁର୍ଣ୍ଣାମେଣ୍ଟରେ ମଧ ତାଙ୍କ ପ୍ରଦର୍ଶନ ଦର୍ଶନୀୟ ଥିଲା ସେ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୪୪ ରନ୍ କରିଥିବା ବେଳେ ୧୧ଟି ୱିକେଟ୍ ନେଇଥିଲେ ।


# ୩ ନବାଗତଙ୍କ ଉପରେ ନଜର

ନୂଆଦିଲ୍ଲୀ,୩।୭(ଏଜେନ୍ସି): ଜିମ୍ବାୱେ ଗସ୍ତ ପାଇଁ ଦଳରେ ସ୍ଥାନ ପାଇଥିବା ସୁଦର୍ଶନ ଗତ ଡିସେମ୍ବରର ଦକ୍ଷିଣ ଆ ।ଫ୍ରିକା ଗସ୍ତରେ ଅନ୍ତର୍ଜା ।ତୀୟ କ୍ରିକେଟ୍ କ୍ୟାରିୟର୍ ଆରମ୍ଭ କରିଥିଲେ । ଏ ପର୍ଯ୍ୟନ୍ତ ଭାରତ ପକ୍ଷରୁ ତିନିଟି ଏକଦିବସୀୟ ମ୍ୟାଚ୍ ଖେଳି ସେ ଦୁଇଟି ଅର୍ଦ୍ଧଶତକ ବଳରେ ୧୨୭ ରନ୍ କରିଛନ୍ତି । ସେ ଗୁରୁବାର ସୁଦ୍ଧା ଭାରତୀୟ ଦଳରେ ଯୋଗଦେବାର ସମ୍ଭାବନା ରହିଛି । ତେବେ ପ୍ରଥମ ଥର ଲାଗି ଭାରତୀୟ ଟ୍ୱେଣ୍ଟି-୨୦ ଦଳକୁ ଡାକରା ପାଇଛନ୍ତି । ସେ ତାମିଲନାଡୁର ଏହି ବାମହାତୀ ଯୁବ ବ୍ୟାଟର୍ ଆ ।ଇପିଏଲ୍-୨୦୨୪ରେ ଗୁଜରାଟ ଟାଇଟନ୍ସ ପକ୍ଷରୁ ୧୨ ମ୍ୟାଚ୍ ଖେଳି ସର୍ବାଧିକ ୫୨୭ ରନ୍ କରିଥିଲେ ।

ଅନ୍ୟପକ୍ଷରେ ଚଳିତବର୍ଷର ଆ ।ଇପିଏଲ୍‌ରେ ୧୨ଟି ପାଳିରୁ ମାତ୍ର ୧୮୭ ରନ୍ କରି ଚୟନକର୍ତ୍ତା ।ଙ୍କ ଧ୍ୟାନ ଆ ।କର୍ଷଣ କରିପାରି ନଥିବା ଜିତେଶଙ୍କ ପାଇଁ ଏହି ଡାକରା ଆ ।ଉ ଏକ ଜୀବନ ଦାନ ସଦୃଶ ହୋଇଛି । ଅନ୍ୟପକ୍ଷରେ ଆ ।ଇପିଏଲ୍-୨୦୨୪ ଜିତିଥିବା କୋଲ୍‌କାତା ନାଇଟ୍ ରାଇଡର୍ସ ଦଳର ସଦସ୍ୟ ଥିବା ରାଣା ଦେଶର ଉଦୀୟମାନ ଦ୍ରୁତ ବୋଲର ତାଲିକାରେ ସ୍ଥାନ ପାଇ ଗତ ଏକ ମାସ ହେବ ଏନ୍‌ସିଏରେ ରହି ପ୍ରଶିକ୍ଷଣ ନେଉଥିଲେ । କେକେଆ ।ର୍ ପକ୍ଷରୁ ସେ ଯୁଗ୍ମ ଦ୍ୱିତୀୟ ସର୍ବାଧିକ (୧୯ ୱିକେଟ୍) ନେଇଥିଲେ । ରୋହିତ ଶର୍ମା ।ଙ୍କ ନେତୃତ୍ୱରେ ଭାରତୀୟ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳ ସହ ସଂରକ୍ଷିତ ଖେଳାଳି ଭାବେ ବାର୍ବାଡସ୍ ଯାଇଥିବା ରିଙ୍କୁ ସିଂହ ଓ ଖଲିଲ ଅହମ୍ମଦ ମଧ ସେଠାରେ ଅଟକି ରହିଛନ୍ତି ।ହେଲେ ବିସିସିଆ ।ଇ ସେମାନଙ୍କ ବଦଳ ଖେଳାଳିଙ୍କ ନାଁ ଘୋଷଣା କରିନି ।

# କାହିଁକି ଭାରତ ବିପକ୍ଷରେ ଖେଳିନଥିଲେ ତସ୍କିନ, ନିଜେ କହିଲେ କାରଣ

ନୂଆଦିଲ୍ଲୀ,୩।୭(ଏଜେନ୍ସି): ଟି-୨୦ ବିଶ୍ବକପରେ ଟିମ୍ ଇଣ୍ଡିଆ ସୁପର ୮ରେ ବାଂଲାଦେଶକୁ ୫୦ ରନରେ ପରାସ୍ତ କରିଥିଲା ବାଂଲାଦେଶ ଖେଳାଳି ତସ୍କିନ ଅହମ୍ମଦ ଏହି ମ୍ୟାଚରେ ଖେଳିପାରିନଥିଲେ ତେବେ ସେ କାହିଁକି ଖେଳିନଥିଲେ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା । ସେତେବେଳେ କୁହାଯାଇଥିଲା ଯେ ତସ୍କିନ ମ୍ୟାଚ୍ ପୂର୍ବରୁ ଶୋଇପଡିଥିଲେ ଏବଂ ଏତେ ଗଭୀର ନିଦରେ ଥିଲେ ଯେ ଦଳର ବସ୍ ତାଙ୍କୁ ଛାଡି ପଳାଇଥିଲା । ବର୍ତ୍ତମାନ ତସ୍କିନ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ସେ କହିଛନ୍ତି ଯେ ଶୋଇବା କାରଣରୁ ତାଙ୍କୁ ବାଦ ଦିଆଯାଇନଥିଲା ।



ତସ୍କିନ ଅହମ୍ମଦ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଁ ଟିକେ ବିଳମ୍ବ କରିଥିଲି । କିନ୍ତୁ ଟସ୍ ପୂର୍ବରୁ ପହଞ୍ଚିଯାଇଥିଲି । ଟସ ପଡିବାର ୩୦-୪୦ ମିନିଟ୍ ପୂର୍ବରୁ ମୁଁ ପଡିଆରେ ପହଞ୍ଚିଯାଇଥିଲି । ସେ କହିଛନ୍ତି ଯେ ଏହା ସତ ଯେ ମୋର ଟିମ୍ ବସରେ ମୁଁ ଯାଇପାରିନଥିଲି, କିନ୍ତୁ ଏହା ପରେ ନିଜ ବ୍ୟବସ୍ଥାରେ ପଡିଆରେ ପହଁଚିଯାଇଥିଲି । ଏହା ନୁହେଁ ଯେ ମୁଁ ବିଳମ୍ବରେ ଆସିଥିବାରୁ ସେମାନେ ମୋତେ ଖେଳାଇନଥିଲେ । ବାସ୍ତବରେ ସେତେବେଳେ ହୋଇଥିବା ଚର୍ଚ୍ଚା ପରେ ତସ୍କିନଙ୍କୁ ଏହି ପ୍ରସଙ୍ଗରେ ଅନେକ ଟ୍ରୋଲର ସାମ୍ନା କରିବାକୁ ପଡିଲା । ସେ ଟିମ୍ ଇଣ୍ଡିଆ ବିପକ୍ଷରେ ଖେଳିପାରିନଥିଲେ । ତେବେ ଆ ।ଫଗାନିସ୍ତାନ, ଅଷ୍ଟ୍ରେଲିଆ ।, ନେପାଳ ଏବଂ ନେଦରଲ୍ୟାଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ସେ ଖେଳିଥିଲେ । ଯଦି ଆ ।ମେ ବର୍ତ୍ତମାନ ପର୍ଯ୍ୟନ୍ତ ତସ୍କିନଙ୍କ କ୍ୟାରିଅରକୁ ଦେଖିବା, ସେ ୬୭ଟି ଟି -୨୦ ମ୍ୟାଚରେ ବାଂଲାଦେଶ ପାଇଁ ୭୨ଟି ୱିକେଟ୍ ନେଇଛନ୍ତି । ଏହି ଅବଧି ମଧ୍ୟରେ ୧୬ ରନ୍ ପାଇଁ ୪ଟି ୱିକେଟ୍ ନେବା ତାଙ୍କର ସର୍ବୋତ୍ତମ ପ୍ରଦର୍ଶନ ୭୩ଟି ଦିନିକିଆ । ମ୍ୟାଚରେ ତସ୍କିନ ୧୦୩ଟି ୱିକେଟ୍ ନେଇଛନ୍ତି ।

ସୂଚନା ଥାଉ କି ଯେ ବାଂଲାଦେଶ ଟି -୨୦ ବିଶ୍‌କପ ୨୦୧୪ରେ ସେମିଫାଇନାଲରେ ପ୍ରବେଶ କରିପାରିନଥିଲା । ବାଂଲାଦେଶ ସୁପର ୮ ରେ ତିନୋଟି ମ୍ୟାଚ୍ ଖେଳିଥିଲା ଏବଂ ତିନୋଟିରେ ପରାଜୟର ସମ୍ମୁଖୀନ ହୋଇଥିଲା । ବାଂଲାଦେଶ ଭାରତ, ଆ ।ଫଗାନିସ୍ତାନ ଏବଂ ଅଷ୍ଟ୍ରେଲିଆ ।ଠାରୁ ପରାସ୍ତ ହୋଇଥିଲା ।

# ୮ ବର୍ଷରୁ କମ୍ ବିଶ୍ୱକପ୍ ଚେସ୍ : ସାତ୍ତ୍ୱିକଙ୍କୁ କାଂସ୍ୟ

ଭୁବନେଶ୍ୱର: ଓଡ଼ିଶାର ବିସ୍ମୟ ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଫିଡେ ୮ ବର୍ଷରୁ କମ୍ ଚେସ୍ ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଛନ୍ତି । ଜର୍ଜିଆର ବାତୁମିଠାରେ ଶେଷ ହୋଇଥିବା ଚୂଡ଼ାନ୍ତ ରାଉଣ୍ଡରେ ସାତ୍ତ୍ୱିକ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଜାରବେଜାନ୍‌ର ଆଜାଦ୍ ଖୁଦୁଜାଦେଙ୍କ ବିପକ୍ଷରେ ୧.୫-୦.୫ରେ ଅଗ୍ରଣୀ ପାଇବା ସହ କାଂସ୍ୟ ପଦକ ହାସଲ କରିଥିଲେ । ଫାଇନାଲ୍ ରାଉଣ୍ଡର ପ୍ରଥମ ମ୍ୟାଚ୍‌ରେ କଳାଗୋଟି ନେଇ ସୋମବାର ସାତ୍ତ୍ୱିକ ଖେଳିଥିଲା । ବେଳେ ଏହି ମ୍ୟାଚ୍‌କୁ ଜିତିଥିଲେ । ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌କୁ ସେ ଧଳାଗୋଟି ନେଇ ଖେଳିଥିଲେ ତେବେ ୭୪ତମ ଋଲ୍ ପରେ ସେ ଏହି ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲେ । ଏହି ଇଭେଣ୍ଟରେ କାଜାଖସ୍ତାନର ରିଜତ ଉଲାନ୍ ସମାନ ସଂଖ୍ୟକ ବ୍ୟବଧାନରେ ଆ ।ମେରିକାର ଐଦେନ୍ ଲନ୍ୟୁଆ ।ନ୍ ଲିଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।



ସାତ୍ତ୍ୱିକ ଆ ।ସନ୍ତା ଗୁରୁବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ । ତାଙ୍କର ଏହି ସଫଳତା ପାଇଁ କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ବିଶ୍ୱଜିତ୍ ରାୟଙ୍କ ସହିତ ସମସ୍ତ ପ୍ରଶିକ୍ଷକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ତାଙ୍କ ବ୍ୟତୀତ ରାଜ୍ୟ ଚେସ୍ ସଂଘର ସମ୍ପାଦକ ଦେବବ୍ରତ ଭଟ୍ଟ, ଟ୍ରିପଲ ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଂଚି ନାରାୟଣ ସାହୁ, ସହସମ୍ପାଦକ ଅର୍ଘ୍ୟ ଅର୍ପଣ ପରିଡ଼ା, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ରାଜ୍ୟ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ, ସନ୍ଦୀପ ସାମନ୍ତରାୟ, କଟକ ଜିଲ୍ଲା ଚେସ୍ ସଂଘ ସଭାପତି ବିବେକ ତିବରାଲ, କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ସଂଘର ସମ୍ପାଦକ ଭବେଶ ମହାନ୍ତି, ଋମ୍ପିଅନ ଚେସ୍ ସେଣ୍ଟର୍‌ର ପ୍ରଶିକ୍ଷକ ପ୍ରଶାନ୍ତ ଜେନା, ଆ ।ଇସିଏଫ୍‌ର ପୂର୍ବତନ ସହସଂପାଦକ ରଞ୍ଜନ ମହାନ୍ତି ଏବଂ ବିଭିନ୍ନ ଜିଲ୍ଲା ଚେସ୍ ସଂଘ ଓ କ୍ଲବ୍ ମଧ୍ୟରୁ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଆଇସିସିକୁ ଚେତାବନୀ ଦେଲେ ପାକିସ୍ତାନର ପୂର୍ବତନ ଖେଳାଳି

ନୂଆଦିଲ୍ଲୀ,୩।୭: ପରବର୍ତ୍ତୀ ଆ ।ଇସିସି ଟୁର୍ନାମେଣ୍ଟ ଋମ୍ପିୟନ୍ସ ଟ୍ରଫି ୨୦୨୫ରେ ଖେଳାଯିବ ଋମ୍ପିୟନ୍ସ ଟ୍ରଫି ପାକିସ୍ତାନ ଦ୍ୱାରା ଆୟୋଜିତ ହେଉଛି । ତେବେ ଭାରତ ପାକିସ୍ତାନ ଗସ୍ତ କରିବ କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ଆ ।ସିନାହିଁ । ବର୍ତ୍ତମାନ ଏହା ଉପରେ ପାକିସ୍ତାନର ପୂର୍ବତନ ତାରକା ସଲମାନ ବଟ କହିଛନ୍ତି ଯେ ଭାରତ ପାକିସ୍ତାନ ଆସିବା ଆଇସିସିର ଦାୟିତ୍ୱ ହେବ । ଏହି ସମୟରେ ସଲମାନ ବଟ କହିଛନ୍ତି, ଋମ୍ପିୟନ୍ସ ଟ୍ରଫି ପାଇଁ ସମସ୍ତ ଦଳ ପାକିସ୍ତାନକୁ ଆଣିବା ଆଇସିସିର ଦାୟିତ୍ୱ । ସେ ଆ ।ହୁରି କହିଛନ୍ତି, ଆମେ ସବୁକିଛି ସମ୍ବେଦନଶୀଳ କରିବାକୁ ଚେଷ୍ଟା କରୁଛୁ । କିଛି ରିପୋର୍ଟରେ କୁହାଯାଇଛି ଯେ ଜୟ ଶାହା ଏକ ସକରାତ୍ମକ ସଙ୍କେତ ଦେଇଛନ୍ତି । ତଥାପି ମୁଁ ଭାବୁ ନାହିଁ ଯେ ସେ କୌଣସି ସଙ୍କେତ ଦେଇଛନ୍ତି । ଯଦି ସେ ଆ ।ସନ୍ତି, ତେବେ ତାଙ୍କୁ ସ୍ୱାଗତ ଯଦି ସେ ଆସନ୍ତି ନାହିଁ, ତେବେ ଆ ।ଇସିସି ଏହାର ସାମ୍ନା କରିବାକୁ ପଡିବ । ଏହା ଦର୍ଶାଇବ ଯେ ନିୟନ୍ତ୍ରକ ଭାବରେ ସେମାନଙ୍କର କେତେ ଅଧିକାର ଅଛି ଏବଂ ସେମାନେ କେତେ ନିରପେକ୍ଷ ।

# ଓଡ଼ିଶାରେ ପ୍ରଣୟନ ହେବ କ୍ରୀଡ଼ା ନୀତି

ଭୁବନେଶ୍ୱର,୩।୭(ନି.ପ୍ର.): ରାଜ୍ୟରେ ଖୁବ୍ ଶୀଘ୍ର କ୍ରୀଡ଼ା ନୀତି ପ୍ରଣୟନ କରାଯିବ । ଏ ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀଙ୍କ ସହ ବିସ୍ତୃତ ଆ ।ଲୋଚନା ହୋଇଛି । ତୃଣମୂଳସ୍ତରକୁ ଆମ ଭିତ୍ତିଭୂମି ପ୍ରସାରିତ କରିବା ଓ ପ୍ରତିଭା ଚିହ୍ନଟ କରାଯିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗର କମିସନର ତଥା ଶାସନ ସଚିବ ଆ ।ର୍ ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି ।

ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ ସେଣ୍ଟରରେ ଅନୁଷ୍ଠିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ତଥା ଏଆ ।ଇପିଏସ୍ ଶତବାର୍ଷିକୀ ସମାରୋହ ଅବସରରେ ଭିନୀଲ କ୍ରିଷ୍ଣା ଏଭଳି ସୂଚନା ଦେଇଛନ୍ତି ।ଖେଳାଳିଙ୍କୁ ପ୍ରେରଣା ଓ ଉତ୍ସାହିତ କରୁଥିବାରୁ କ୍ରୀଡ଼ା ସାମ୍ବାଦିକମାନଙ୍କ ଭୂମିକାକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ବିକାଶ ବାବଦରେ ବିଶେଷ ତଥ୍ୟ ରଖିବା ସାଙ୍ଗକୁ କନିଷ୍ଠ ଓ ଉପକନିଷ୍ଠ ଖେଳାଳିଙ୍କ ବିକାଶ ଉପରେ ଓଡ଼ିଶା ଏବେ ଅଧିକ ଫୋକସ୍ କରୁଥିବା କହିଥିଲେ କ୍ରୀଡ଼ା ସାମ୍ବାଦିକଙ୍କ ଜାତୀୟ ସମ୍ମିଳନୀକୁ ଓସ୍‌ଜା ଓଡ଼ିଶାରେ ଆ ।ୟୋଜନ କଲେ ବିଭାଗ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।

ଖେଳାଳିମାନଙ୍କ ସକାଶେ ଯେତେ ସୁବିଧା ସୁଯୋଗ କରାଗଲେ ମଧ ଗଣମାଧମରେ ସେମାନଙ୍କର କୃତି ପ୍ରକାଶିତ ହେବା ସବୁଠାରୁ ଅଧିକ ଆନନ୍ଦ ଓ ପ୍ରେରଣା ଦେଇଥାଏ । ଅତିଥିମାନେ ତାଙ୍କ ଭାଷଣରେ ଏହି କଥାଟିକୁ ଅଧିକ ଉଜାଗର କରିଥିଲେ ଅଲିମ୍ପିଆ ।ନ୍ ଶ୍ରାବଣୀ ନନ୍ଦ ତାଙ୍କ ସଫଳତାର ଯାତ୍ରାରେ କ୍ରୀଡ଼ା ସାମ୍ବାଦିକଙ୍କ ରହିଥିବା ଭୂମିକା ବାବଦରେ କହିଥିଲେ ଯେ, ଇଭେଣ୍ଟ ସରିବା ପରେ ପ୍ରଶିକ୍ଷକଙ୍କ ପାଖକୁ ଯିବା ଆ ।ଗରୁ ମୋତେ ଗଣମାଧମ ବ୍ୟକ୍ତିଙ୍କୁ ଭେଟିବା ଖୁବ୍ ଖୁସି ଦେଇଥାଏ




ସମ୍ବାଦପତ୍ର ଓ ଅନ୍ୟାନ୍ୟ ଗଣମାଧମରେ ନିଜ ବିଷୟ ବାହାରିବା ଖୁବ୍ ପ୍ରେରଣାଦାୟକ ଅନୁଭୂତି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ଅଲିମ୍ପିଆ ।ନ୍ କେ. ରବି କୁମାର ତାଙ୍କ ଜୀବନର ଅତ୍ୟନ୍ତ କଷ୍ଟପୂର୍ଣ୍ଣ ସମୟରେ କ୍ରୀଡ଼ା ସାମ୍ବାଦିକଙ୍କ ଉତ୍ସାହଜନକ କଥା ଖୁବ୍ ଫଳପ୍ରସୂ ଥିଲା ବୋଲି ଉଦାହରଣ ଦେଇ ବତାଇଥିଲେ ପିଲାଦିନେ ଏକ ପ୍ରକାଶିତ ଖବର ପରେ କିଭଳି ମା ତାଙ୍କୁ ଖେଳକୁ କ୍ୟାରିୟର୍ କରିବା ଲାଗି ରାଜି କରାଇଥିଲେ । ରବିକୁମାର ସେ କଥା ବର୍ଣ୍ଣନା କରିଥିଲେ ଓସ୍‌ଜାର କାର୍ଯ୍ୟକାରୀ ସଭାପତି ସଂବିତ ମହାପାତ୍ରଙ୍କ ସଂଯୋଜନାରେ ଆ ।ୟୋଜିତ ଏହି ସମାରୋହରେ ଦେଶର ପ୍ରମୁଖ କ୍ରୀଡ଼ା ସାମ୍ବାଦିକ ଦିଲ୍ଲୀ ନିବାସୀ ସନ୍ଦୀପ ମିଶ୍ରଙ୍କୁ ତାଙ୍କ ସଫଳ କ୍ୟାରିୟର୍ ସକାଶେ ସମ୍ମାନିତ କରାଯାଇଥିଲା । ଓଡ଼ିଶାରେ ପଢ଼ିଥିବା ଓ ବଢ଼ିଥିବା ଶ୍ରୀ ମିଶ୍ର ଲଗାତାର ୯ଟି ହକି ବିଶ୍ବକପ୍ ସାଙ୍ଗକୁ ଏକାଧିକ ଅଲିମ୍ପିକ୍ସ, ଫୁଟ୍‌ବଲ୍ ବିଶ୍‌କପ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଓ ଏସୀୟ କ୍ରୀଡ଼ା କଭର କରିଛନ୍ତି । ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ର ଓ ସମ୍ପାଦକ ସୁରେଶ ସ୍ୱାଇଁ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଦତ୍ତ ବାର୍ତ୍ତା ପାଠ କରିଥିଲେ ଏହି ଅବସରରେ ଜାତୀୟ ସ୍ତରର ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ଏନ୍. ଜଗନ୍ନାଥ ଦାସ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିକୁ ଖୁବ୍ ପ୍ରଶଂସା କରି ଏହାର ଫାଇଦା ଯୁବା କ୍ରୀଡ଼ାବିତ୍ ଉଠାଇବା ପାଇଁ ଆହ୍ୱାନ କରିଥିଲେ । ନିଜ ସମ୍ବର୍ଦ୍ଧନାର ଉତ୍ତରରେ ସନ୍ଦୀପ ମିଶ୍ର ଓସ୍‌ଜାକୁ କୃତଜ୍ଞତା ଜଣାଇବା ସହ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ହକି ଓ ଓଡ଼ିଆ ଆଥଲେଟ୍ କିଶୋର ଜେନାଙ୍କୁ ବଡ଼ ଆ ।ହ୍ୱାନ ମିଳିବ ବୋଲି ମତ ପ୍ରକାଶ କରିଥିଲେ ।

ହକି ଦଳ ଯଦି ପଦକ ନ ଜିତେ ତାହେଲେ ଦେଶରେ ହକି ଅବନତି ଆଡ଼କୁ ଯିବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ ପ୍ୟାରିସ୍‌ରେ କିଶୋରଙ୍କ ପାଇଁ ପ୍ରଥମ ବଡ଼ କାମ ଯୋଗ୍ୟତା ରାଉଣ୍ଡ ଟପିବା ବୋଲି ମତ ଦେଇଥିଲେ । ସେ ଏହି ଅବସରରେ ଓସ୍‌ଜା ପକ୍ଷରୁ ପ୍ରକାଶ ପାଇଥିବା ବିଶେଷ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଶେଷରେ ଓସ୍‌ଜାର କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ । ମଧ୍ୟାହ୍ନ ଭୋଜନ ପରେ କ୍ରୀଡ଼ା ସଚିବଙ୍କ ଅନୁରୋଧ କ୍ରମେ କ୍ରୀଡ଼ା ସାମ୍ବାଦିକମାନେ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା କିଛି ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ ।

# ଜୁଲାଇରେ ଶ୍ରୀଲଙ୍କା ଗସ୍ତ କରିବ ଟିମ୍ ଇଣ୍ଡିଆ

ନୂଆ ।ଦିଲ୍ଲୀ: ୨୦୨୪ ଟି -୨୦ ବିଶ୍‌କପରେ ଚମତ୍କାର ପ୍ରଦର୍ଶନ ପରେ ଟିମ୍ ଇଣ୍ଡିଆ । ବର୍ତ୍ତମାନ ଶ୍ରୀଲଙ୍କା ଗସ୍ତରେ ଯିବ । ଭାରତର ଶ୍ରୀଲଙ୍କା ଗସ୍ତ ଜୁଲାଇ ୨୭ ତାରିଖରୁ ଆ ।ରମ୍ଭ ହେବ । ଚଳିତ ବର୍ଷ ଜୁଲାଇ ଏବଂ ଅଗଷ୍ଟରେ ଧଳା ବଲ୍ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ । ଶ୍ରୀଲଙ୍କା ଗସ୍ତ କରିବ । ଶ୍ରୀଲଙ୍କା ଗସ୍ତ ସମୟରେ ଟିମ୍ ଇଣ୍ଡିଆ ତିନି ମ୍ୟାଚ୍ ବିଶିଷ୍ଟ ଟି -୨୦ ସିରିଜ୍ ଏବଂ ସମାନ ସଂଖ୍ୟକ ଦିନିକ୍ରିଆ ସିରିଜ୍ ଖେଳିବ ।



ଭାରତ ଶ୍ରୀଲଙ୍କା ଗସ୍ତ ଟି-୨୦ ସିରିଜରୁ ଆରମ୍ଭ ହେବ । ଟି -୨୦ ସିରିଜର ପ୍ରଥମ ମ୍ୟାଚ୍ ଜୁଲାଇ ୨୭ ତାରିଖରେ ଖେଳାଯିବ । ଏହା ପରେ ଦ୍ୱିତୀୟ ଟି -୨୦ ମ୍ୟାଚ୍ ଜୁଲାଇ ୨୮ ତାରିଖରେ ଖେଳାଯିବ ଏବଂ ତୃତୀୟ ତଥା ଅନ୍ତିମ ଟି -୨୦ ମ୍ୟାଚ୍ ଜୁଲାଇ ୩୦ ତାରିଖରେ ଖେଳାଯିବ ଏହି ସମସ୍ତ ଟି -୨୦ ମ୍ୟାଚ୍ କେବଳ ସନ୍ଧ୍ୟାରେ ଖେଳାଯିବ । ବର୍ତ୍ତମାନ ପର୍ଯ୍ୟନ୍ତ ଉଭୟ ଦେଶ ଏହି ସିରିଜ୍ ପାଇଁ ନିଜ ନିଜ ଦଳ ଘୋଷଣା କରିନାହାଁନ୍ତି ।

ଟି -୨୦ ସିରିଜ ପରେ ଭାରତୀୟ ଦଳ ଶ୍ରୀଲଙ୍କାରେ ଏକ ଦିନିକିଆ । ସିରିଜ ଖେଳିବ । ଦୁଇ ଦେଶ ମଧ୍ୟରେ ଏକ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ ସିରିଜର ପ୍ରଥମ ମ୍ୟାଚ୍ ଅଗଷ୍ଟ ୨ ତାରିଖରେ ଖେଳାଯିବ । ଏହା ପରେ ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୪ ତାରିଖରେ ଏବଂ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଅଗଷ୍ଟ ୭ ତାରିଖରେ ଖେଳାଯିବ ।

ଟି-୨୦ ସିରିଜ ପାଇଁ ଭାରତର ସମ୍ଭାବ୍ୟ ୧୫ ସଦସ୍ୟ ବିଶିଷ୍ଟ ଦଳ: ଶୁଭମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ଅଭିଷେକ ଶର୍ମା, ଋଷଭ ପନ୍ତ (ୱିକେଟ୍ କିପର), ସଞ୍ଜୁ ସାମସନ (ୱିକେଟ୍ କିପର), ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ଶିବମ୍ ଦୁବେ, ରିଙ୍କୁ ସିଂ, ଅକ୍ସର ପଟେଲ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ରବି ବିଷ୍ଣୋଇ, ଜସପ୍ରୀତ ବୁମରା ଏବଂ ମହମ୍ମଦ ସିରାଜ ।

ସିରିଜ୍ ପାଇଁ ଭାରତର ସମ୍ଭାବ୍ୟ ୧୫ ସଦସ୍ୟ ବିଶିଷ୍ଟ ଦଳ: ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଶୁଭମାନ ଗିଲ, ଋଷଭ ପନ୍ତ (ୱିକେଟ୍ କିପର), ସଞ୍ଜୁ ସାମସନ (ୱିକେଟ୍ କିପର), ହାର୍ଦ୍ଦିକ ପାଣ୍ଡ୍ୟା, କେ.ଏଲ୍ ରାହୁଲ (ୱିକେଟ୍ କିପର), ଅକ୍ସର ପଟେଲ, ସାଇ କିଶୋର, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ଜସପ୍ରୀତ ବୁମରା, ରବି ବିଷ୍ଣୋଇ ଏବଂ ମହମ୍ମଦ ସିରାଜ ।

# ପୁଣି ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ !

ନୂଆଦିଲ୍ଲୀ,୩।୭: ଋମ୍ପିଅନ୍ସ ଟ୍ରଫି ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ମାର୍ଚ୍ଚ ୧ରେ ଖେଳାଯିବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆ ।ସିଛି । ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନ କ୍ରିକେଟ ବୋର୍ଡ ଭାରତ ଏବଂ ପାକିସ୍ତାନ ମ୍ୟାଚର ତାରିଖ ଏବଂ ସ୍ଥାନ ସ୍ଥିର କରିଛି । ଲାହୋରରେ ଭାରତ-ପାକ ମ୍ୟାଚ ଆ ।ୟୋଜନ କରିବାକୁ ପିସିବି ଯୋଜନା କରିଛି । ତେବେ ଭାରତରେ କ୍ରିକେଟ ବୋର୍ଡ ଅଫ କଣ୍ଟ୍ରୋଲ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇନାହିଁ ।ଏଥର ପାକିସ୍ତାନରେ ଋମ୍ପିଅନ୍ସ ଟ୍ରଫି ଆ ।ୟୋଜିତ ହେବାକୁ ଯାଉଛି । କିନ୍ତୁ ଦଳ ଭାରତ ଯିବ କି ନାହିଁ ସେ ନେଇ କୌଣସି ନିଷ୍ପତ୍ତି ନିଆ ।ଯାଇ ନାହିଁ ।ଚର୍ଚ୍ଚା ହେଉଛି ମାର୍ଚ୍ଚ ୧ରେ ଲାହୋରରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ ଖେଳାଯିବ । ଏହି ଟୁର୍ନାମେଣ୍ଟ ୧୯ ଫେବୃଆ ।ରୀରୁ ୯ ମାର୍ଚ୍ଚ ପର୍ଯ୍ୟନ୍ତ ଖେଳାଯିବ । କିନ୍ତୁ ମାର୍ଚ୍ଚ ୧୦କୁ ରିଜର୍ଭ ଡେ ଭାବରେ ରଖାଯାଇଛି । ମାର୍ଚ୍ଚ ୯ରେ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ ଖେଳାଯିବ ଏହି ଟୁର୍ନାମେଣ୍ଟ ପାଇଁ ପିସିବି ସ୍ୱତନ୍ତ୍ର ପ୍ରସ୍ତୁତି କରିଛି ।ରିପୋର୍ଟ ଅନୁଯାୟୀ, ଟି-୨୦ ବିଶ୍ବକପ ୨୦୨୪ର ଫାଇନାଲ ମ୍ୟାଚ ପାଇଁ ପିସିବି ଚେୟାରମ୍ୟାନ ମୋହସିନ ନକଭି ବାର୍ବାଡୋସ୍‌ରେ ଥିଲେ । ସେ ଆଇସିସିକୁ ୧୫ଟି ମ୍ୟାଚର କାର୍ଯ୍ୟସୂଚୀ ଦେଇଛନ୍ତି । ଟିମ ଇଣ୍ଡିଆ ।ର ସମସ୍ତ ମ୍ୟାଚ ଲାହୋରରେ ଅନୁଷ୍ଠିତ ହେବ । ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ । ଲାହୋରରେ ୭ଟି ମ୍ୟାଚ ଖେଳାଯିବ । ୩ଟି ମ୍ୟାଚ କରାଚିରେ ଅନୁଷ୍ଠିତ ହେବ । ଏହା ସହିତ ରାଉଲପିଣ୍ଡିରେ ପାଞ୍ଚଟି ମ୍ୟାଚ ଖେଳାଯିବ ।

ଋମ୍ପିଅନ୍ସ ଟ୍ରଫି ୨୦୨୫ର ପ୍ରଥମ ମ୍ୟାଚ କରାଚିରେ ଅନୁଷ୍ଠିତ ହୋଇପାରେ ଏହା ସହିତ ଏକ ସେମିଫାଇନାଲ ମ୍ୟାଚ ମଧ ଏଠାରେ ହୋଇପାରେ ରାଉଲପିଣ୍ଡିରେ ଏକ ସେମିଫାଇନାଲ ମ୍ୟାଚ ଖେଳାଯିବ ଲାହୋରରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇପାରେ । ଏହି ସହରରେ ଟିମ ଇଣ୍ଡିଆ ।କୁ ରଖିବାର ଯୋଜନା ଅଛି । ଋମ୍ପିଅନ୍ସ ଟ୍ରଫି ପାଇଁ ଦୁଇଟି ଗ୍ରୁପ ଗଠନ କରାଯାଇଛି ଏଥିରେ ଭାରତ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶକୁ ଗ୍ରୁପ ଏରେ ରଖାଯାଇଛି ଗ୍ରୁପ ବିରେ ଅଷ୍ଟ୍ରେଲିଆ ।, ଦକ୍ଷିଣ ଆ ।ଫ୍ରିକା, ଇଂଲଣ୍ଡ ଏବଂ ଆ ।ଫଗାନିସ୍ତାନର ଦଳ ରହିବେ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ